**ସଂକ୍ଷେପରେ...**

## ଅଟୋ ଧକ୍କାରେ ବାଇକ ଆରୋହୀ ଗୁରୁତର

ସମ୍ବଲପୁର, ୨୧।୧ (ବ୍ୟୁରୋ)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଦଣ୍ଡେଇପାଲି ଛକ ନିକଟରେ ଅଟୋ ଓ ବାଇକ୍ ଧକ୍କା ହେବାରୁ ବାଇକ୍ ଆରୋହୀ ସିନ୍ଦୁରପଙ୍କର ସୁନୀଲ କୁମାର ପଣ୍ଡା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ ଭାଙ୍ଗି ଯିବାରୁ ତାଙ୍କୁ ବୁର୍ଲାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଅଟୋ ଡ୍ରାଇଭରଙ୍କୁ ଗିରଫ କରାଯାଇନଥିବା ସୁନୀଲଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏହାସହ ଦୁର୍ଘଟଣା ଘଟାଇଥିବା ଅଟୋର କୌଣସି କାଗଜପତ୍ର ନ ଥିବା ମଧ ସେମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସଦର ଥାନା ଆଇଆଇସି ଚିନ୍ତାମଣି ପ୍ରଧାନ କହିଛନ୍ତି, ଅଟୋ ଡ୍ରାଇଭରଙ୍କୁ ଗିରଫ କରାଯାଇଥିଲା । ରାତିରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ସକାଳେ ସର୍ତ୍ତମୂଳକ ଜାମିନ ଦିଆଯାଇଛି । ଅଟୋର କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବା ସେ କହିଛନ୍ତି । ସୂଚନାଯୋଗ୍ୟ, ସୁନୀଲ ଘରକୁ ବାଇକ (ନଂ. ଓଡି୧୫ଇ/୧୭୭୯) ଯୋଗେ ଘରକୁ ଫେରୁଥିଲେ । ଏହି ସମୟରେ ଏକ ଅଟୋ (ନଂ.ଓଡି୧୫/୨୪୨୬) ସହିତ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା ।

# ଉଜୁଡା ଜଙ୍ଗଲ ସବୁଜ ହେବ

## ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସମୀକ୍ଷା ବୈଠକ



ମଙ୍ଗଳବାର ସମ୍ବଲପୁର ଆରସିସିଏଫ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଭିଏସଏସ କର୍ମକର୍ତ୍ତା ।

ସମ୍ବଲପୁର, ୨୧।୧ (ବ୍ୟୁରୋ)

ସମ୍ବଲପୁର ଆରସିସିଏଫ ଅଫିସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଏଫଓ ଡ. ସଞ୍ଜିତ କୁମାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆରସିସିଏଫ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ବର୍ଷ କିଭଳି ଭାବେ ବୃକ୍ଷରୋପଣ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏହାସହ ଗତ ବର୍ଷ ହୋଇଥିବା ଲକ୍ଷ୍ୟଧାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୭୫ଟି ଭିଏସଏସର ସଭାପତି ଓ ତାଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ଗତ ବର୍ଷ ୧୮ଲକ୍ଷ ୪ହଜାର ୬ଶହ ଚାରାରୋପଣ କରାଯାଇଥିଲା। ସମ୍ବଲପୁର ବନଖଣ୍ଡରେ ବିଭିନ୍ନ ବିଭାଗ ଓ ବିଭିନ୍ନ ଯୋଜନାରେ ମୋଟ ୧କୋଟି ୬୦ଲକ୍ଷ ବୃକ୍ଷରୋପଣ କରାଯାଇଛି। ଆସନ୍ତା ବର୍ଷ ପାଇଁ ଧମା ରେଞ୍ଜ୍‌ରେ ୪ଲକ୍ଷ ଚାରାରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେହିପରି ଅନ୍ୟାନ୍ୟ ରେଞ୍ଜରେ ମଧ୍ୟ ଚାରାରୋପଣ କରାଯିବ। ଉଜୁଡା ଜଙ୍ଗଲ କିଭଳି ସବୁଜ କରାଯିବ ସେଥିପାଇଁ ପ୍ରୟାସ ଜାରି ରହିବ ବୋଲି ମୁଖ୍ୟଅତିଥି କହିଥିଲେ। ସେହିପରି ଭିଏସଏସ ଓ ଏସଏଚଜି ମହିଳାମାନଙ୍କ କିଭଳି ଆର୍ଥିକ ବିକାଶ ହେବ ସେ ନେଇ ମଧ୍ୟ ଯୋଜନା କରାଯାଇଛି । ବିଭିନ୍ନ ଯୋଜନାରେ ଚାରାରୋପଣ କରିବାକୁ ସେମାନଙ୍କୁ ଦାୟିତ୍ୱ ଦିଆଯିବ । ଏହାସହ ଜଙ୍ଗଲ ଉତ୍ପାଦିତ ଦ୍ରବ୍ୟରୁ ବ୍ୟବସାୟ କରି ସେମାନେ କିପରି ରୋଜଗାର କରିପାରିବେ ସେ ନେଇ ସୁଯୋଗ ଦିଆଯିବ । ଏପରିକି ବାଉଁଶ କାରିଗରମାନଙ୍କୁ ପ୍ରୋତ୍ସାହନ ଦେଇ ସେମାନଙ୍କ ତିଆରି ସାମଗ୍ରୀ ବଜାରରେ ବିକ୍ରି ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହୋଇଥିଲା ।

# ୩୧ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ



ସଡକ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ରେଙ୍ଗାଲି,୨୧।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ନୂଆରମ୍ଭେଲା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୩୧ତମ ସଡକ ସୁରକ୍ଷା ସପ୍ତାହ ସୋମବାର ପାଳିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମିନୀ ସାହୁଙ୍କ ସଭାପତିତ୍ୱରେ ରେଙ୍ଗାଲି ଥାନା ଏଏସଆଇ କୈଳାଶ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫିକ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ। ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ସଂଯୋଜକ ପଦ୍ମଲୋଚନ ଭସାଗାର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗୀତା ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଶ୍ୱଗିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସିବିଏସଇ ସ୍କୁଲ ଅଧ୍ୟକ୍ଷଙ୍କ ଦୁଇ ଦିନିଆ କର୍ମଶାଳା



ସମ୍ବଲପୁର ଭିଏସ୍ଏସ୍ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଆୟୋଜିତ କର୍ମଶାଳାରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର, ୨୧।୧ (ବ୍ୟୁରୋ)

ସିବିଏସଇ ସ୍କୁଲ ଅଧ୍ୟକ୍ଷ ଓ ଶିକ୍ଷକଙ୍କ ଦୁଇଦିନିଆ କର୍ମଶାଳା ମଙ୍ଗଳବାର ଧନକଉଡା ସ୍ଥିତ ବୀରସୁରେନ୍ଦ୍ର ସାଏ ଇଂଲିଶ ମିଡିୟମ ସ୍କୁଲ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷା ଜସ୍ୱିନ ବାନୋଙ୍କ ଅଧ୍ୟକ୍ଷତାରେ କର୍ମଶାଳା ହୋଇଥିଲା। ଶାସନ ସ୍ଥିତ ବିକାଶ ସ୍କୁଲ ଅଧ୍ୟକ୍ଷ ଡ. ବିଜୟ ଚନ୍ଦ୍ର ପାଢ଼ୀ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରେଣୀ ଗୃହରେ କିପରି ଶିକ୍ଷୟିତ୍ରୀ, ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି କରିବେ, ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ରାଉରକେଲା, ସମ୍ବଲପୁର, ପଦ୍ମପୁର, ଝାରସୁଗୁଡା, ବରଗଡ, ରେଢ଼ାଖୋଲ, ଗୁଣପୁର, ବ୍ରଜରାଜନଗର ଅଞ୍ଚଳରୁ ୨୮ଟି ସ୍କୁଲର ୬୩ ଜଣ ଅଧ୍ୟକ୍ଷ ସାମିଲ ଥିଲେ । ଏହି ଅବସରରେ ସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ବାଲି ବୋଝେଇ ଟ୍ରାକ୍ଟରରୁ ପଡ଼ି ଶ୍ରମିକ ମୃତ

ରେଢାଖୋଲ,୨୧।୧(ଡି.ଏନ.ଏ.)

ଚାରମାଲ ଥାନା ଅନ୍ତର୍ଗତ ସାତସମା ଗ୍ରାମର ହରିହର ଯୋରରୁ ବାଲି ବୋଝେଇ କରି ଆସୁଥିବା ଟ୍ରାକ୍ଟରରୁ ଖସିପଡି ବେଳେ ମଙ୍ଗଳବାର ସକାଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ସାତସମା ଗ୍ରାମର ପ୍ରଫୁଲ୍ଲ ପ୍ରଧାନ (୩୦) । ତାଙ୍କୁ ଗୁରୁତର ଅବସ୍ଥାରେ ଚାରମାଳ ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚାରମାଲ ଥାନାରେ ଦୁର୍ଘଟଣା ଜନିତ ମାମଲା (ନଂ. ୯/୨୦) ରୁଜୁ କରାଯାଇଛି। ଦୁର୍ଘଟଣା ପରେ ଟ୍ରାକ୍ଟର ଚାଳକ ଫେରାର ହୋଇଥିବା ଥାନା ଅଧିକାରୀ କହିଛନ୍ତି। ପୋଲିସ ଟ୍ରାକ୍ଟରକୁ ଜବତ କରିଛି। ରେଢାକୋଲ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାତସମା ଗ୍ରାମର ବାସୁଦେବ ଷଡଙ୍ଗୀଙ୍କ ଟ୍ରାକ୍ଟର (ନଂ.ଓଡି୧୫ଜି-୬୭୬୮)ରେ ବାଲି ବୋଝେଇ କରି ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା।

# ଏମସିଏଲର ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମ

ସମ୍ବଲପୁର, ୨୧।୧ (ବ୍ୟୁରୋ)



ଏମସିଏଲ ପକ୍ଷରୁ ନିର୍ମାଣ କରାଯାଇଥିବା ଶୌଚାଳୟ ।

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ନୂତନ ପଦକ୍ଷେପ ଗ୍ରହଣ କରିଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଜୀବନ ଶୈଳୀ ଓ ପରିବେଶ ସ୍ୱଚ୍ଛତାକୁ ଦୃଷ୍ଟିରେରଖି ବିବିଧ କାର୍ଯ୍ୟ କରୁଛି। ଏହି କ୍ରମରେ ସୁନ୍ଦରଗଡ ଜିଲାର ଡୁମେରଯୋର, କୁକୁଡାମୁଣ୍ଡା ଓ ଖୁଖୁଣ୍ଡବାହାଲ ଏବଂ ସୁନ୍ଦରଗଡ ଜିଲାର ପୋଖରସୋଲ ଓ ପଞ୍ଚଗାଁ ବସବାସ କରୁଥିବା ଜନସାଧାରଣଙ୍କ ପ୍ରତ୍ୟେକ ଘରେ ମନ୍ତ୍ର ପ୍ରକଳ୍ପ ଜରିଆରେ ଶୌଚାଳୟ ଓ ଗାଧୁଆ ଘର ନିର୍ମାଣ କରିଛି। ଏହାଦ୍ୱାରା ଜନସାଧାରଣ ପରିବେଶ ସ୍ୱଚ୍ଛତା ପ୍ରତି ଯତ୍ନବାନ ହେବେ ବୋଲି କମ୍ପାନୀ ଲକ୍ଷ୍ୟ ରଖିଛି । ଗତ ଅକ୍ଟୋବର ମାସରେ ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ୨୦୧୮ ଜୁଲାଇ ମାସରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ୨୦୧୯ ଅକ୍ଟୋବର ମାସରେ ଶେଷ ହୋଇଛି । ତେଣୁ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ଘରକୁ ଜଳ ଯୋଗାଣ କାର୍ଯ୍ୟ ଚାଲିଛି । ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ଗ୍ରାମ୍ୟ ବିକାଶ ସଂସ୍ଥା ସହଯୋଗ ପ୍ରଦାନ କରିଛି । ଚଳିତ ଆର୍ଥିକ ବର୍ଷରେ ଓଡିଶାର ୨୩୨ଟି ରେଲୱେ ଷ୍ଟେଶନ ପରିସରରେ ଶୌଚାଳୟ ନିର୍ମାଣ କରିବାକୁ ରେଲୱେ ସହ ଚିକ୍ତିନାମା ସ୍ୱାକ୍ଷର କରାଯାଇଛି । ଏଥିପାଇଁ ୫୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତେଣୁ ଏମସିଏଲ ଗ୍ରାମାଞ୍ଚଳ ବିକାଶ ପ୍ରତି ସବୁବେଳେ ଯତ୍ନବାନ ରହିଛି ବୋଲି କମ୍ପାନୀର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚୀତ କରାଯାଇଛି ।

# ୫୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

କୁଚିଣ୍ଡା,୨୧।୧(ଡି.ଏନ.ଏ.)



ବାର୍ଷିକ କ୍ରୀଡ଼ା ଉତ୍ସବରେ ଆୟୋଜିତ ପରେଡ଼ ।

କୁଚିଣ୍ଡା ମହାବିଦ୍ୟାଳୟ ସିଲଭର ଜୁବୁଲି ପଡିଆରେ ୫୫ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ହିଟଲର ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ ଭାଗନେଇ କ୍ରୀଡା ପ୍ରଦର୍ଶନ କରିଥିଲେ। ୨୨ ତାରିଖରେ କ୍ରୀଡା ପ୍ରତିଯୋଗୀତା ଉଦ୍‌ଯାପିତ ହେବ ବୋଲି ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶ । କ୍ରୀଡାକୁ ପିଇଟି ବିଜୟ କଉଡି, ଉଦିତ ପ୍ରତାପଦେଓ ଏବଂ ରଞ୍ଜନ ମହାକୁଡ ପ୍ରମୁଖ ପରିଚାଳନା କରୁଥିଲେ । ଅଧାପକ କ୍ଷିତିଶ ଚନ୍ଦ୍ର ଭୋଇ, ନିର୍ମଲ ଉର୍ମା, ଭିକାରୀ ଓରାମ, ରଞ୍ଜିତ ପ୍ରଧାନ, ହେମଶୀଳା ମାଝି, ସୁସ୍ମିତା ମାଝି, ଅକ୍ଷର ପଟେଲ, ମମତା ସାହୁ, ସୁଶ୍ରୀସୁଚିତ୍ରା ମିଶ୍ର, ଡ. ଅମୀୟ କୁମାର ପାତ୍ର, ଦିବ୍ୟକାନ୍ତି ବିଲୁଙ୍ଗ, ମୁନା ଶର୍ମା, କିଶୋର ମହାକୁଡ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

# ସିଆରପିଏଫ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ନାକଟିଦେଉଳ,୨୧।୧(ଡି.ଏନ.ଏ.)



ନାକଟିଦେଉଳ ୟୁଜିଏମଇ ସ୍କୁଲରେ ସମ୍ବିଧାନ ଦିବସ ପାଳନ କରାଯାଉଛି ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରଠାରେ ଥିବା ସିଆରପିଏଫ ସି/୧୨ ବାଟାଲିୟାନ ପକ୍ଷରୁ ସୋମବାର ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନାକଟିଦେଉଳ ୟୁଜିଏମଇ ସ୍କୁଲରେ ସିଆରପିଏଫ୍ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସି/୧୨ ବାଟାଲିୟନର ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଯୋଷୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାକଟିଦେଉଳ ବନାଞ୍ଚଳାଧିକାରୀ ଅନୀଲ ବେହେରା, ସିଆରପିଏଫ୍ ଏଏସଆଇ ଏସ.କେ.ଟାଲି ପ୍ରମୁଖ ଯୋଗଦେଇ ମୌଳିକ ଅଧିକର, କର୍ତ୍ତବ୍ୟ ଏବଂ ସରକାରୀ ସମ୍ପତ୍ତି ସୁରକ୍ଷା ତଥା ଜଙ୍ଗଲର ସୁରକ୍ଷା ଦିଗରେ ଆଲୋଚନା କରି ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରପିଏଫ ଯବାନ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ ।

## ଆଇଟିଡିଏ ପକ୍ଷରୁ ବୁଲିଲା ସମ୍ପର୍କ ରଥ



ଜନସଚେତନତା ପାଇଁ ସମ୍ପର୍କ ରଥ ବୁଲୁଛି।

କୁଚିଣ୍ଡା,୨୧।୧(ଡି.ଏନ.ଏ.)

ଆଇଟିଡିଏ ମୋ ସରକାର ଯୋଜନା ସାମିଲ କରାଯିବା ପରେ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ମିଶନ ଜୀବିକା ଜରିଆରେ ଆଇଟିଡିଏ ପକ୍ଷରୁ ଉପଖଣ୍ଡର ଜନସାଧାରଣଙ୍କ ଜନସଚେତନତା ପାଇଁ ୨ଟି ସମ୍ପର୍କ ରଥ ବୁଲିଛି। ପ୍ରଚାର ପ୍ରସାର ପାଇଁ ଉପଖଣ୍ଡର ବିଭିନ୍ନ ଗ୍ରାମ ବୁଲି ପ୍ରଚାର କରିବା ଯୋଜନା କରାଯାଇଛି । ଜୀବନ ଜୀବିକା ଯୋଜନାର ଉଦ୍ଦେଶ୍ୟ, ଜୀବନ ଜୀବିକା ଯୋଜନାରେ ମୋ ସରକାର ଗୁରୁତ୍ୱ କ'ଣ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ କେଉଁ କେଉଁ ସୁବିଧାର ବ୍ୟବସ୍ଥା କରାଯିବ। ମୋ ସରକାର ବ୍ୟବସ୍ଥା ଦ୍ୱାରା କ'ଣ ହାସଲ ହୋଇପାରିବ ସେ ନେଇ ପ୍ରଚାର ରଥ ବାହାରି ଥିବା ଆଇଟିଡିଏ ପକ୍ଷରୁ ପ୍ରକାଶ ।

# ରେଢାଖୋଲରେ ବିଧାନସଭା ଏଥିକ୍ସ କମିଟି

## ଲୋକଙ୍କ କଥା ବୁଝିବାକୁ ଅଧିକାରୀମାନଙ୍କୁ ଦେଲେ ପରାମର୍ଶ

ରେଢାଖୋଲ,୨୧।୧(ଡି.ଏନ.ଏ.)




ରେଢାଖୋଲ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥି ।

ବିଧାନସଭା ଏଥିକ୍ସ କମିଟି ମଙ୍ଗଳବାର ରେଢାଖୋଲ ଗସ୍ତ କରିଛନ୍ତି। ସନ୍ଧ୍ୟାରେ କମିଟି ରେଢାଖୋଲ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷ କରିଛନ୍ତି । ସରକାରଙ୍କ ଯୋଜନାଗୁଡିକ ଠିକ ଭାବେ କାର୍ଯ୍ୟକାରୀ କରିବା ସହିତ ଲୋକଙ୍କ କଥା ଶୁଣ, ଅଭିଯୋଗଗୁଡିକୁ ଗୁରୁତ୍ୱ ଦେଇ ସମାଧାନ କର। ନିର୍ବାଚିତ ଜନପ୍ରତିନିଧିମାନଙ୍କ ସହ ଉମ ବୁଝାମଣା ରଖିବା ସହ ବିଭିନ୍ନ ଉନ୍ନୟନମୂଳକ କାମରେ ପରାମର୍ଶ ନେଇ କାର୍ଯ୍ୟକର ଓ ସରକାରୀ ଯୋଜନା ଯେଭଳି ଲୋକଙ୍କ ପାଖରେ ପହଞ୍ଚିବ ତା ଉପରେ ଗୁରୁତ୍ୱ ଦିଆ ମୋ ସରକାର ଅଧୀନରେ କାର୍ଯ୍ୟକାରୀ ହେଉଥିବା ବୁକ ସରକୁଲାର ୪୭ ଅନୁଯାୟୀ କାମ କରିବାକୁ ବିଧାନସଭା ଏଥିକ୍ସ କମିଟି ସରକାରୀ ଅଧିକାରୀମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିକ୍ସ କମିଟି ଅଧ୍ୟକ୍ଷ ବିଧାୟକ ଅମର ଶତପଥୀଙ୍କ ନେତୃତ୍ୱରେ ଏକ ୭ ଜଣିଆ ବିଧାୟକ ସଦସ୍ୟ ସନ୍ଧ୍ୟାରେ ରେଢାଖୋଲ ଗସ୍ତରେ ଆସି ବ୍ଲକ କାର୍ଯ୍ୟାଳୟରେ ଅଧିକାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଧାୟକ ପ୍ରଦୀପ ଅମାତ, ଭୁପିନ୍ଦର ସିଂ, ଦାଶରଥି ଗମାଙ୍ଗ, ଅରବିନ୍ଦ ଢାଲି, ସୁବାସ ପାଣିଗ୍ରାହୀ, ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ କମିଟିରେ ଗସ୍ତ କରିଥିଲେ। ସମୀକ୍ଷା ବୈଠକରେ ସମ୍ବଲପୁର ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଉପଜିଲାପାଳ ଡୋଳାମଣି ପଟେଲ, ବିଡିଓ ପରିକ୍ଷିତ ସାହୁ, ତହସିଲଦାର ରୁବି ବେହେରା, ଡେପୁଟି କଲେକ୍ଟର ଅମ୍ଲାନ ଅପରାଜିତା ମିଶ୍ର, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ ଏସିଏଫ ଟଙ୍କଧର ନାଥଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ରେଢାଖୋଲରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ନେଇ ବନ ବିଭାଗ ପ୍ରତିବନ୍ଧକ ସାଜିଥିବା ନେଇ ଜନସାଧାରଣଙ୍କ ପକ୍ଷରୁ ଏଥିକ୍ସ କମିଟି ଦୃଷ୍ଟି ଆକର୍ଷଣ କରାଯିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଏଡିଏମଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ଓ୍ୱାଶିଂଟନ

## ସଂକ୍ଷେପରେ

### ନିର୍ଭୀକତାର ସହ ପରୀକ୍ଷା ସାମ୍ନା କରିବାକୁ ପରାମର୍ଶ

**ଲୋଇସିଂହା,୨୧।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ)ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ମାନସ ମନ୍ଥନ ଶିବିର ଚାଲିଛି । ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଦକ୍ଷ ବିଷୟଭିତ୍ତିକ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଆଗାମୀ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଲାଇଛନ୍ତି। ମଙ୍ଗଳବାର ଶିବିରର ଦ୍ୱିତୀୟ ଦିବସରେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) କାର୍ତ୍ତିକେଶ୍ୱର ଲେଙ୍କା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ସମୟରେ ଭୟଭୀତ ନ ହୋଇ ନିର୍ଭିକତାର ସହ ସାମନା କରିବାକୁ ପରାମର୍ଶ ଦେଇଥିଲେ । ଛାତ୍ରୀଛତ୍ରମାନେ ଆଗାମୀ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିବେ ସେ ଦିଗରେ ଉଦ୍ୟମ କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ଏହାପୂର୍ବରୁ ଡିଇଓ ଲେଙ୍କା ଲୋଇସିଂହା ବାଳିକା ବିଦ୍ୟାଳୟଠାରେ ଅନୁଷ୍ଠିତ ମାନସ ମନ୍ଥନ ଶିବିରରେ ଯୋଗଦେଇଥିଲେ ।

### ବଢୁଛି ବେଆଇନ ମୋରମ ଚାଲାଣ

**ଲୋଇସିଂହା,୨୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଞ୍ଚଳରେ ଦିନକୁ ଦିନ ବେଆଇନ ମୋରୁମ ଚାଲାଣ ବଢୁଥିବା ଅଭିଯୋଗ ହୋଇଛି । ଏ ଦିଗରେ ତହସିଲ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ଏତଦ୍‌ବ୍ୟତୀତ ଲୋଇସିଂହା ସୀମାବର୍ତ୍ତୀ ଅଞ୍ଚଳର ପାହାଡକୁ କାଟି ମୋରୁମ ଉଠାଯାଉଥିବାରୁ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି । ଏ ଦିଗରେ ସ୍ଥାନୀୟ ତହସିଲଦାର ଓ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ବାର୍‌ହା ରଖିବା ଅଭିଯୋଗରେ ଅଭିଯୁକ୍ତ ଜେଲଗଲେ

**କଣ୍ଟାବାଞ୍ଜି, ୨୧।୧(ଡି.ଏନ.ଏ.):** ବଲାଙ୍ଗୀର ବନ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ସୋମବାର ବେଲପଡା ଥାନା ଅଧୀନ ସିହିନି ଗ୍ରାମର ସାଧୁରାମ ପୁଟେଲ ଘରୁ ବେଆଇନଭାବେ ରଖିଥିବା ଶାଗୁଆନ ପଟ୍ଟା ଜବତ କରିଥିଲା। ଏଥିସହ ତାଙ୍କ ଘରୁ ଏକ ବାର୍‌ହା ଜବତ କରାଯାଇଥିଲା। ମଙ୍ଗଳବାର କଣ୍ଟାବାଞ୍ଜି ବନ ବିଭାଗରେ ଏକ ମାମଲା(ନଂ.୨୧୩/୨୦)ରୁଜୁ କରି ସାଧୁରାମଙ୍କୁ ପାଟଣାଗଡ କୋର୍ଟକୁ ଚାଲାଣ କରାଯାଇଥିବା ରେଞ୍ଜ ଅଫିସର ଶ୍ରାଦ୍ଧଦେବ ବଡମାଲି ସୂଚନା ଦେଇଛନ୍ତି।

### ଏଚ୍‌ଏଡିଟିର କାର୍ଯ୍ୟାଳୟ ଉଦ୍‌ଘାଟିତ

**ଦେବଗଡ଼,୨୧।୧(ଡି.ଏନ.ଏ.)**-ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ମଙ୍ଗଳବାର ନୀଳବେର୍ଣ୍ଣୀସାହି ଏଚଏଡିଟିର କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ ଆଦିବାସୀମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଉପସ୍ଥିତ ଆଦିବାସୀ ସଂପ୍ରଦାୟର ଲୋକମାନଙ୍କୁ ମୁଣ୍ଡା,ଉରାମ ଭାଷାରେ ଅଭିଭାଷଣ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଏଚଏଡିଟିର ପ୍ରତିଷ୍ଠାତା ଟ୍ରଷ୍ଟି ଡ.ଉଲିୟମ ହେନେଜ ଉପସ୍ଥିତ ଥିଲେ । ବିଲିକାନ ହେନେଜ ଅତିଥି ପରିଚୟ ପ୍ରଦାନ କରିବ ସହ ଧନ୍ୟବାଦ ଦେଇଥିଲେ । ନିବେଦିତା ହର,ମନୁଆବତି ନାଏକ,କୁଳଚନ୍ଦ୍ରମା ହସ୍ତୀ,ସୁକାନ୍ତ ସୁରିଆ, ପ୍ରଶାନ୍ତ ରନଜିତଙ୍କ ସହ ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ତାରଙ୍ଗ ଉଚ୍ଚ ବିଦ୍ୟାଳୟ ୨୦୧୨ ବ୍ୟାଚର ବନ୍ଧୁମିଳନ

**ରିଆମାଳ, ୨୧।୧(ଡି.ଏନ.ଏ.)** ଦେବଗଡ ଜିଲା ରିଆମାଳ ବ୍ଲକ ତାରଙ୍ଗ ଉଚ୍ଚ ବିଦ୍ୟାଳୟ ୨୦୧୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରୀଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ସମୟର ଅନୁଭୂତିକୁ ବନ୍ଧୁମାନେ ଏହି ଅବସରରେ ସ୍ମୃତିଚାରଣ କରିଥିଲେ। ବିଭୂତି ଭୂଷଣ ବେହେରାଙ୍କ ସଭାପତିତ୍ୱରେ ସଞ୍ଜୟ କୁମାର ପ୍ରଧାନ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ନୀଳାଞ୍ଚଳ ବେହେରା, ଲୋଚନ ପ୍ରଧାନ, ଗୌତମ ପ୍ରଧାନ, ଶୈଳବାଳା ବିଶ୍ୱାଳ, ମହେନ୍ଦ୍ର ମେଣ୍ଡୁଲି, ହେମନ୍ତ କୁମାର ବାଘ, ଦାମୋଦର ନାୟକ ପ୍ରମୁଖ ୪୦ଜଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ବଲାଙ୍ଗୀରରେ ହେବ ଫ୍ଲାଏଓଭର, ମିନି ସଚିବାଳୟ

**ବଲାଙ୍ଗୀର ଅଫିସ, ୨୧।୧**

ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମହିଳା ଓ ଶିଶୁ କଲ୍ୟାଣ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଜିଲାପାଳ ଅରିନ୍ଦମ ଡାକୁଆ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ପୂର୍ତ୍ତ ବିଭାଗ ପକ୍ଷରୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରାଯିବା ସହ କିଛି ନୂଆ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା ।

ବଲାଙ୍ଗୀର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଟ୍ରାଫିକ ସମସ୍ୟାକୁ ଆଖି ଆଗରେ ରଖି ଖୁବ୍ ଶୀଘ୍ର ସହର ମଧ୍ୟରେ ଏକ ଫ୍ଲାଇ ଓଭର ନିର୍ମାଣ କରିବା ପାଇଁ ବିଧାୟକ ମିଶ୍ର ପ୍ରସ୍ତାବ ରଖିଥିଲେ । ଏହି ଫ୍ଲାଇଓଭର ସୁଦପଡା ରାସ୍ତାରୁ ସମଲେଶ୍ୱରୀ ମନ୍ଦିର, ସରକାରୀ ବସଷ୍ଟାଣ୍ଡ, ଭାଗରଥି ଛକଦେଇ ଜିଲାପାଳ ବାସଭବନ ପର୍ଯ୍ୟନ୍ତ ଯିବ ଆଲୋଚନା ହୋଇଥିଲା । ଏହା ହେଲେ ସହର ଭିତରେ ଟ୍ରାଫିକ୍ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ ବୋଲି ଆଲୋଚନା ହୋଇଥିଲା । ଭାରିଯାନଗୁଡିକ ଫ୍ଲାଇଓଭର ମଧ୍ୟଦେଇ ଯାଇପାରିବ । ଏହି ପ୍ରସ୍ତାବ ଉପରେ ବିଭାଗୀୟ ମନ୍ତ୍ରୀ ମଲ୍ଲିକ, ଜିଲାପାଳ, ଉପଜିଲାପାଳ ଏବଂ ବିଭାଗୀୟ ଅଧିକାରୀମାନେ ସହମତ ପ୍ରକାଶ କରିଥିଲେ । ଖୁବ୍‌ଶୀଘ୍ର ଏହା ଉପରେ ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ପାଖକୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ବଲାଙ୍ଗୀର ସହର ମଧ୍ୟସ୍ଥଳରେ ଜିଲାପାଳ ଅଫିସ ରହିଥିବାରୁ ଏଠାରେ ମଧ୍ୟ ଭିଡ ବଢୁଛି। ଏଣୁ ଉପଯୁକ୍ତ ସ୍ଥାନକୁ ଜିଲାପାଳ ଅଫିସ ସ୍ଥାନାନ୍ତରଣ ନେଇ ମଧ୍ୟ ବିଧାୟକ ପ୍ରସ୍ତାବ ଦେଇଥିଲେ । ସହରର ଉପଯୁକ୍ତ ସ୍ଥାନରେ ମିନି ସଚିବାଳୟ ଢ଼ାଞ୍ଚାରେ ଗୋଟିଏ ପରିସରରେ ସମସ୍ତ ଜିଲାସ୍ତରୀୟ ସମସ୍ତ ଅଫିସ ରଖାଯିବା ବ୍ୟବସ୍ଥା କରାଯିବା ନେଇ ପ୍ରସ୍ତାବ ରଖିଥିଲେ । ଖୁବ୍‌ଶୀଘ୍ର ମିନି ସଚିବାଳୟ ତିଆରି ପାଇଁ ସ୍ଥାନ ନିରୂପଣ କରି ଏନେଇ ମଧ୍ୟ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ଜମି ଉପରେ ବୈଠକରେ ବିଶେଷ ଆଲୋଚନା ହୋଇଥିଲା । ଏହା ସହିତ ଟିଟିଲାଗଡଠାରେ ନିର୍ମାଣଧୀନ ଫ୍ଲାଇ ଓଭର ଶୀଘ୍ର ଶେଷ କରିବା ନେଇ ମନ୍ତ୍ରୀ ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଟିଟିଲାଗଡ ଅଞ୍ଚଳରେ ଜାତୀୟ ରାଜପଥ ନିର୍ମାଣ କାମର ସବିଶେଷ ରିପୋର୍ଟ ମଧ୍ୟ ମାଗିଥିଲେ । ବଲାଙ୍ଗୀରଠାରେ ଏକ ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ସ୍ଥାନ ନିରୂପଣ କରାଯିବ ବୋଲି ଜିଲାପାଳ ଉପସ୍ଥିତ ମନ୍ତ୍ରୀ ଓ ବିଧାୟକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଜାଗାରେ ପାର୍କିଂ ଜୋନ ଏବଂ ସାପ୍ତାହିକ ବଜାର ତିଆରି ଓ ଅନ୍ୟ ଏକ ସ୍ଥାନରେ ଦୈନିକ ବଜାର ନିର୍ମାଣ କାମକୁ ଶୀଘ୍ର ଆରମ୍ଭ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ବଲାଙ୍ଗୀର ଓ ଟିଟିଲାଗଡ ସହରର ବିଭିନ୍ନ ରାସ୍ତାଘାଟ, ଡ୍ରେନ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା । ବହୁ ପ୍ରତୀକ୍ଷିତ ବଲାଙ୍ଗୀର ବାଏପାସ ରାସ୍ତା କାମ ପାଇଁ ଜମି ଅଧିଗ୍ରହଣ ଖୁବ୍ ଶୀଘ୍ର ଆରମ୍ଭ ହେବ। ଏଥିସକାଶେ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ମନ୍ତ୍ରଣାଳୟ ମଞ୍ଜୁରୀ ଗତ ୧୭ ତାରିଖରୁ ମିଳିସାରିଛି ବୋଲି ଉପସ୍ଥିତ ଜାତୀୟ ରାଜପଥ ଅଧିକାରୀ ସୂଚନା ଦେଇଥିଲେ । ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ରାସ୍ତା ମରାମତି କାମ କିପରି ଚାଲିଛି ସେ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।



ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି । ପାର୍ଶ୍ୱରେ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ନରସିଂହ ମିଶ୍ର, ଜିଲାପାଳ ଅରିନ୍ଦମ ଡାକୁଆ ଓ ଅନ୍ୟ ଅଧିକାରୀମାନେ ।

**ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

# ଶିଖାକୁ ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ଦିଲ୍ଲୀର ଦମ୍ପତି

**ସୋନପୁର,୨୧।୧(ନି.ପ୍ର.)**

ସୋନପୁର ପଟାଭାଡିସ୍ଥିତ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଶିଖା(ଶିଶୁ କନ୍ୟା)କୁ ଦିଲ୍ଲୀର ଏକ ଦମ୍ପତି ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ ପ୍ରକୋଷ୍ଠରେ ଜିଲାପାଳ ମୋନିଷା ବାନାର୍ଜୀ ଶିଖାକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ୪ ମାସ ହେଲା ଶିଶୁଟି ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରହୁଥିଲା। ଗତ ୨୦୧୯ ଡିସେମ୍ବର ୨୦ରେ ପୌଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ ହେବା ପରେ ମଙ୍ଗଳବାର ଶିଶୁକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ହିମାଂଶୁ ଭୂଷଣ ନାୟକ, ଶିଶୁ ମଙ୍ଗଳ କମିଟିର ସଭ୍ୟ ମଦୁସୂଦନ ପ୍ରଧାନ, ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଆଇନ ପରାମର୍ଶ ଦାତା ହେମନ୍ତ କୁମାର ସା ଓ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ମୃତ୍ୟୁଞ୍ଜୟ ଭୁଜବଳ ଏବଂ ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ ମନ୍ତ୍ରୀ

## ମଧ୍ୟାହ୍ନଭୋଜନ ମାନକୁ ନେଇ ଶିକ୍ଷୟିତ୍ରୀଙ୍କୁ ତାଗିଦ୍ କଲେ

**ସଇଁତଲା, ୨୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା କାର୍ଯ୍ୟାଳୟ ନିକଟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ଟିଟିଲାଗଡ଼ ବିଧାୟିକା ତଥା ମହିଳା, ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ହଠାତ୍ ପହଞ୍ଚିଥିଲେ। ସେଠାରେ ଛାତ୍ରୀମାନଙ୍କ ସହ ବସି ମଧ୍ୟାହ୍ନଭୋଜନ କରିଥିଲେ। ଭୋଜନର ମାନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ତାଗିଦ୍ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ମନ୍ତ୍ରୀ ସାହୁ ସଇଁତଲା କୃଷି ବିଭାଗ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ନିକଟରେ ଥିବା ଏସଏସଡ଼ି ବିଭାଗର ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ । ଛାତ୍ରୀମାନେ ରହୁଥିବା ହଷ୍ଟେଲ ପରିଦର୍ଶନ କରିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସ୍କୁଲର ପାଚେରି, ଡ୍ରେନ, ପ୍ରାର୍ଥନା ପାଇଁ ମଣ୍ଡପ ନିର୍ମାଣ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱରେ ଥିବା ସଙ୍ଗୀତା ରଥ ମନ୍ତ୍ରୀଙ୍କୁ କହିଥିଲେ। ପାଣି ଟାଙ୍କି ନିର୍ମାଣ ସରିଥିବାବେଳେ ଆବଶ୍ୟକ ପାଣି ହେଉ ନ ଥିବାରୁ ତାହା ଟାଙ୍କିକୁ ଯାଉ ନ ଥିବା କହିଥିଲେ । ସେହିପରି ଉକ୍ତ ବିଦ୍ୟାଳୟର ଛାତ୍ରୀମାନେ ରାଜ୍ୟସ୍ତରୀୟ ଖେଳକୁଦରେ ବହୁ ପୁରସ୍କାର ପାଉଥିବାବେଳେ ଖେଳ ପଡ଼ିଆ ନାହିଁ। ଏଥି ପାଇଁ ଏକ ଖେଳ ପଡ଼ିଆ ନିର୍ମାଣ ପାଇଁ ଛାତ୍ରୀମାନେ ମନ୍ତ୍ରୀଙ୍କୁ କହିଥିଲେ। ପରେ ମନ୍ତ୍ରୀ ଛାତ୍ରୀଙ୍କ ସହ ବସି ମଧ୍ୟାହ୍ନ ଭୋଜନ ଖାଇଥିଲେ । ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପ୍ରତ୍ୟାଶିନି ବାଗଙ୍କୁ ଏ ବିଷୟରେ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ ତଥା ମେନୁ ମୁତାବକ ଖାଦ୍ୟ ପ୍ରଦାନ କରାଯାଉଥିବା କହିଥିଲେ ।



ଛାତ୍ରୀଙ୍କ ସହ ବସି ମଧ୍ୟାହ୍ନଭୋଜନ କରୁଛନ୍ତି ମନ୍ତ୍ରୀ ଟୁକୁନି ସାହୁ ।

# ଦେବଗଡ଼ ଜିଲା ପରିଷଦ ବୈଠକ

**ଦେବଗଡ,୨୧।୧(ଡି.ଏନ.ଏ.)**

ଦେବଗଡ ଜିଲା ପରିଷଦର ୭ମ ବୈଠକ ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅଧକ୍ଷା ସୁଧାମୟୀ ପଟେଲଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, ବିଧାୟକ ପ୍ରତିନିଧି ହରମୋହନ ପାଣିଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ, ସମସ୍ତ ବ୍ଲକର ଅଧକ୍ଷା ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଏମ୍‌ପି ଗଙ୍ଗଦେବ ଜିଲାର ସାମଗ୍ରିକ ବିକାଶ ନିମନ୍ତେ ନିର୍ବାଚିତ ଜନ ପ୍ରତିନିଧିଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଏକ୍କା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିଗତ ଜିଲା ପରିଷଦ ବୈଠକର ପରିପାଳନ ବିବରଣୀ ଗୃହରେ ଉପସ୍ଥାପିତ କରିଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଦ୍ୱିତୀୟ କିସ୍ତିରେ ମିଳିଥିବା ଡିଭୋଲୁସନ ପାଣ୍ଠି ଏବଂ ଚତୁର୍ଥ ରାଜ୍ୟ ଅର୍ଥ କମିଶନ ପାଣ୍ଠି ବିନିଯୋଗ ସକାଶେ ପ୍ରସ୍ତୁତ କାର୍ଯ୍ୟ ଖସଡା ଓ ପ୍ରକଳ୍ପଗୁଡିକ ଅନୁମୋଦନ ନିମନ୍ତେ ଆଲୋଚନା ପାଇଁ ବୈଠକରେ ଉପସ୍ଥାପିତ କରାଯାଇଥିଲା । ଏହା ବ୍ୟତୀତ ବୈଠକରେ ଗ୍ରାମୀଣ ଆବାସ ଯୋଜନା, ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା, ଜାତୀୟ/ଓଡିଶା ଜୀବିକା ମିଶନ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ, ଗ୍ରାମାଞ୍ଚଳ ବିଦ୍ୟୁତୀକରଣ, କୃଷି, ଉଦ୍ୟାନ ବିଭାଗ, ଖାଦ୍ୟ ଓ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାମାଜିକ କଲ୍ୟାଣ ଏବଂ ଜଳସେଚନ ଆଦି ବିଭାଗଗୁଡିକର କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା ।




ଜିଲା ପରିଷଦ ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ

**ଦେବଗଡ଼,୨୧।୧(ଡି.ଏନ.ଏ.)**

ଦେବଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ତିଲେଇବଣି ବ୍ଲକ ଅଧୀନ ସୁନାମୁଣ୍ଡାସ୍ଥିତ ଚିନ୍ମୟ ବିଦ୍ୟାଳୟରେ ମଙ୍ଗଳବାର ଏକ ମକଡ୍ରିଲ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ହଠାତ୍ ଅଗ୍ନିକାଣ୍ଡ ଘଟିଲେ ସେଥିରୁ ରକ୍ଷା ପାଇବା ପାଇଁ ଏଥିରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା । ଦେବଗଡ଼ ଅଗ୍ନିଶମ ବିଭାଗର ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ଉପକରଣ ପ୍ରଦର୍ଶନ କରାଯାଇଥିଲ। କିଭଳି ନିରାପଦରେ ଜନସାଧାରଣଙ୍କୁ ଉଦ୍ଧାର କରାଯାଇପାରିବ ସେନେଇ ବିଭିନ୍ନ କୌଶଳ ଅଗ୍ନିଶମ ବିଭାଗ କର୍ମଚାରୀ ଦେଖାଇଥିଲେ । ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିବା ବେଳେ ବହୁ ଉପଦେୟ ତଥ୍ୟ ସେମାନେ ଶିଖି ପାରିଥିଲେ ।



ଅଗ୍ନିଶମ ବିଭାଗ କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରୁଛନ୍ତି ।

# ଆଜିଠାରୁ ଇନଟ୍ରା ଡିଷ୍ଟ୍ରିକ୍ଟ କ୍ଲବ ଲିଗ୍

**ଦେବଗଡ଼,୨୧।୧(ଡି.ଏନ.ଏ.)**

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଓ ମହୁଲଢିପାସାହି ନାଳ ପଡିଆଠାରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ବୁଧବାରଠାରୁ ଆରମ୍ଭ ହେବ । ୨୯ ତାରିଖ ପର୍ଯ୍ୟନ୍ତ କନିଷ୍ଠ ବର୍ଗରେ ଅନୁଷ୍ଠିତ ହେବାକୁ ଥିବା ଏହି ଇନଟ୍ରା ଡଷ୍ଟ୍ରିକ୍ଟ କ୍ଲବ ଲିଗ୍‌ରେ ଦେବଗଡ ଜିଲାର ମୋଟ ୮ଟି କ୍ଲବ ଅଂଶଗ୍ରହଣ କରିବେ ବୋଲି ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଲିଗ୍‌ରେ କର୍ଣ୍ଣଳର ଷ୍ଟାର ଇଲେଭେନ, ବୁଢାପାଳର ଫ୍ରେଣ୍ଡସ୍ କ୍ଲବ, କଲାର ଗୋଲ୍ଡେନ ଷ୍ଟାର,ତିଲେଇବଣିର ପ୍ରଗତି କ୍ଲବ,ବାରକୋଟର ୟୁନାଇଟେଡ କ୍ଲବ , ଦେବଗଡର ବାମଣ୍ଡା କ୍ରିକେଟ କ୍ଲବ, ମହାବୀର କ୍ରିକେଟ କ୍ଲବ ଓ ଟାଉନ କ୍ଲବ ଆଦି ମୋଟ ୮ ଗୋଟି ଦଳ ଅଂଶଗ୍ରହଣ କରିବେ । ଏହି ୮ଟି ଦଳକୁ ପୁଲ 'ଏ' ଓ ପୁଲ 'ବି' ୨ ଟି ବିଭାଗରେ ବିଭକ୍ତ କରାଯାଇଛି । ପୁଲ 'ଏ' ଓ ପୁଲ 'ବି' ରେ ୪ଟି ଲେଖାଏଁ ଦଳ ଅଂଶଗ୍ରହଣ କରୁଥିବା ବେଳେ 'ଏ'ର ମ୍ୟାଚ ଗୁଡିକ (୨୨ ତାରିଖ)ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଏବଂ ପୁଲ 'ବି'ର ମ୍ୟାଚ ଗୁଡିକ ଆସନ୍ତା ୨୬ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଉଭୟ ପଡିଆରେ ଅନୁଷ୍ଠିତ ହେବ। ଏହି ଲିଗ ମ୍ୟାଚ ଗୁଡିକରୁ ଶ୍ରେଷ୍ଠ ଖେଳାଳୀ ମାନଙ୍କୁ ମନୋନୟନ କରାଯିବ । ଆଗାମୀ ଦିନରେ ଏହି ଶ୍ରେଷ୍ଠ ଖେଳାଳୀମାନେ ଅଣ୍ଡର-୧୬ ଓ ଅଣ୍ଡର-୧୯ ଦେବଗଡ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ଜିଲା କ୍ରିକେଟ ସଂଘର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଜିଲା କ୍ରିକେଟ ଆସୋସିଏଶନ୍‌ର ଉପସଭାପତି ନବୀନ କୁମାର ପାଣି ଓ ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦେବତା ମଞ୍ଚାସୀନ ଥିଲେ ।

# ପ୍ରାକୃତିକ ସମ୍ବଳର ପରିଚାଳନାକୁ ପ୍ରାଥମିକତା

**ଖପ୍ରାଖୋଲ,୨୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୁର୍ଲୁମାଲ ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ ଖସଡା ପ୍ରସ୍ତୁତି ଅଭ୍ୟାସ ସମ୍ପର୍କିତ ବ୍ଲକସ୍ତରୀୟ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏପିଓ ସୁଧାଂଶୁ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ତରଣୀ ସୁନା, ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, ତାଲିମଦାତାଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ବିକଳ୍ପର ବ୍ଲକ ସଂଯୋଜକ ସୁରେଶ ବେହେରା ଯୋଗଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକୃତିକ ସମ୍ବଳର ପରିଚାଳନାକୁ ପ୍ରାଥମିକତା ଦେବା ସହ ସମନ୍ୱିତ ଭାବେ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ଉପରେ ତାଲିମ ଦିଆଯାଇଥିଲା। ଜଳ, ଜଙ୍ଗଲ, ଜମି ଓ ଜନ୍ତୁଙ୍କ ସୁରକ୍ଷା ହେଲେ ଜୀବିକାର ବିକାଶ ହେବ । ଏଥିସହ ଦାଦନ ସମସ୍ୟାର ସମାଧାନ ହେବ ଏବଂ ଭିଟା ମାଟିରେ କାମ ମିଳି ପାରିବ ବୋଲି ଆଲୋଚନା ହୋଇଥିଲା। ଶିବିରରେ ଯୋଗଦେଇଥିବା କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍, ଗାଁ ସାଥୀ ଏବଂ ଗ୍ରାମବାସୀ ମିଳିତ ଭାବରେ ଗାଁର ସାମାଜିକ ଏବଂ ସମ୍ବଳ ମ୍ୟାପ ପ୍ରସ୍ତୁତ କରିଥିଲେ। ସେହିପରି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ଅବସରରେ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର, ଦୀନବନ୍ଧୁ କୁମ୍ଭାର, ଦିଲୀପ ରାଉତ, ରାହାସ ବିହାରୀ ମଲ୍ଲିକ, ବାହୁବଳେନ୍ଦ୍ର ପୁରୋହିତ, ଅଭୟ ତ୍ରିପାଠୀ , ଦୁର୍ଯ୍ୟୋଧନ ଦଣ୍ଡସେନା, ବିପିନ ବେହେରା, ନୀଳମଣି ଜାଲ, ପ୍ରଦୀପ ଶତପଥୀ, ସତ୍ୟନାରାୟଣ ମେହେର, ପବିତ୍ର କାଳସାଏ, ମୁକୁନ୍ଦ ଭୋଇ, ତପନ କଲାରୀ, ଅଭିଲାଷ ଭୋଇ, ଯଶୋବନ୍ତ ହରପାଲ, ଓ୍ୱାର୍ଡ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।



କାର୍ଯ୍ୟ ଖସଡା ପ୍ରସ୍ତୁତି ଅଭ୍ୟାସ ତାଲିମ ଶିବିରରେ ଉପସ୍ଥିତ ତାଲିମାର୍ଥୀ ଓ ଗ୍ରାମବାସୀ।

**କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ଅଭ୍ୟାସ ତାଲିମ ଶିବିର**



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ଚାଇଲ୍ଡ଼ ଲାଇନ ଦ୍ୱାରା ଦୁଇ ନାବାଳିକା ଉଦ୍ଧାର

ରିଆମାଳ,୨୧।୧(ଡି.ଏନ.ଏ.)

ରିଆମାଳ ଚାଇଲଡ଼ ଲାଇନ ସେଣ୍ଟର ସୋମବାର ରାତିରେ ଦୁଇଜଣ ନାବାଳିକାଙ୍କୁ ଉଦ୍ଧାର କରିଛି। ସ୍ଥାନୀୟ ହନୁମାନ ଛକରେ ଦୁଇ ନାବାଳିକା ବୁଲାବୁଲି କରୁଥିବା ଖବରପାଇ ଚାଇଲଡ଼ ଲାଇନ ସବସେଣ୍ଟର ସଦସ୍ୟ ଇନ୍ଦୁକାନ୍ତ ସାହୁ, ଅନୁରାଧା ଠୋପା ପହଞ୍ଚି ଉଭୟଙ୍କୁ ଧରି ଚାଇଲଡ଼ ଲାଇନରେ ରଖିଥିଲେ। ମଙ୍ଗଳବାର ଦେବଗଡ଼ ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରିଥିଲେ। ଏହାର ତଦନ୍ତ ଚାଲିଥିବା ସବ ସେଣ୍ଟର ଇନ୍ଦୁକାନ୍ତ ସାହୁ ପ୍ରକାଶ କରିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସମ୍ପୂର୍ଣ୍ଣ ହୋଇନି କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ

ବେଲପାହାଡ଼,୨୧।୧(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦର କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନି। ବରଂ ଏହାର ନିର୍ମାଣ କାର୍ଯ୍ୟ ମନ୍ଥର ଓ କଚ୍ଛପ ଗତିରେ ଚାଲିଛି। ନିର୍ମାଣ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକାସଂସ୍ଥା ବିଭିନ୍ନ ବୈଠକରେ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ସାରିବା ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ମାତ୍ର ବୈଠକ ପରେ ପ୍ରତିଶ୍ରୁତି ସବୁ ପାଣିର ଗାର ଭଳି ଉଭେଇ ଯାଉଛି । ଗତ ୨୦୧୮ ମେରେ ପୌର ପରିଷଦ ପକ୍ଷରୁ ୩ କୋଟି ୭୨ ଲକ୍ଷ ୪୪ ହଜାର ଟଙ୍କା ଖର୍ଚ୍ଚ ଅଟକଳ ବିଶିଷ୍ଟ ଦୁଇ ମହଲା କଲ୍ୟାଣ ନିର୍ମାଣ ପାଇଁ ନିର୍ଦ୍ଦିଷ୍ଟ ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା । କାର୍ଯ୍ୟାଦେଶ ଗୋଟିଏ କ୍ୟାଲେଣ୍ଡର ବର୍ଷ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର କାର୍ଯ୍ୟାଦେଶ ଦିଆଯିବାର ଦେଢବର୍ଷ ପୂରିସାରିଥିଲେ ହେଁ ଏ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି । ପ୍ରକଳ୍ପର ପ୍ରଥମ ମହଲା ନିର୍ମାଣ କାର୍ଯ୍ୟ ସରିଛି । ଉପର ମହଲା ଗୃହର ନିର୍ମାଣ କାର୍ଯ୍ୟ ଚାଲିଛି । ଛାତ, ପଲସ୍ତରା ଓ ଫିନିସିଁ କାମ କେବେ ଶେଷ ହେବ ଏହାର ଉତ୍ତର ଠିକାସଂସ୍ଥା କିମ୍ବା ପୌର ଯନ୍ତ୍ରୀ ଓ ଅଧିକାରୀଙ୍କ ପାଖରୁ ମିଳିପାରୁନି। ଏହି କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ ବିଳମ୍ବକୁ ନେଇ ପୌର ପରିଷଦ କାଉନସିଲରମାନେ ବିଭିନ୍ନ ବୈଠକରେ ବାରମ୍ବାର ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି । ଏପରିକି ଗତ ସପ୍ତାହ ପୂର୍ବରୁ ପରିଷଦ ସଭାଗୃହରେ ସ୍ଥାନୀୟ ବିଧାୟକ କିଶୋର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକରେ

**କାର୍ଯ୍ୟାଦେଶକୁ ଦେଢ ବର୍ଷ ପୂରିଲା**



ଅସମ୍ପୂର୍ଣ୍ଣ ଅବସ୍ଥାରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ।

କେତେକ କାଉନସିଲର କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟରେ ଚାଲିଥିବା ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ପରିଷଦର କାର୍ଯ୍ୟକାଳ ପୂରିବା ପରେ ନିର୍ମାଣ କାର୍ଯ୍ୟ ସରିବ କି ବୋଲି ଠିକା ସଂସ୍ଥା ପ୍ରତିନିଧିଙ୍କୁ ପ୍ରଶ୍ନ ପଚାରିଥିଲେ। ବୈଠକରେ ବିଧାୟକ ମଧ୍ୟ ନିଜର ଅସନ୍ତୋଷ ପ୍ରକାଶ କରି ଆସନ୍ତା ମାର୍ଚ୍ଚ ୫ ତାରିଖ ମଧ୍ୟରେ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଠିକାସଂସ୍ଥାର ପ୍ରତିନିଧିଙ୍କୁ ତାଗିଦ କରିଥିଲେ। ବୈଠକରେ ଠିକାସଂସ୍ଥାର ପ୍ରତିନିଧି କାର୍ଯ୍ୟ ସାରିବାକୁ ବିଧାୟକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏବେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିନାହିଁ। କାର୍ଯ୍ୟ କ୍ଷେତ୍ରରେ ଆଗ ଭଳି କମ ଶ୍ରମିକ ନିୟୋଜିତ ହୋଇଥିବା ଦେଖାଯାଇଛି। ବାସ୍ତବରେ ଯେଭଳି କାମ ଚାଲିଛି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଉ ହେଉ ଆହୁରି ବର୍ଷେ ସମୟ ଲାଗିଯିବ ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ୨୦୧୫ରେ ଗଠିତ ପରିଷଦର ୫ ବର୍ଷ କାର୍ଯ୍ୟକାଳ ପୂରିବାକୁ ଆଉ ମାତ୍ର ୩ ମାସ ସମୟ ବାକି ରହିଛ। ମାତ୍ର ଠିକାସଂସ୍ଥା କାର୍ଯ୍ୟ ଶୈଳିକୁ ଦେଖିବା ପରେ ଏହି ସମୟ ମଧ୍ୟରେ କଲ୍ୟାଣ ମଣ୍ଡପ ନିର୍ମାଣ ହେବାର ଆଶା ଦେଖାଯାଉନାହିଁ ବୋଲି ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଆଶଙ୍କା ପ୍ରକାଶ କରିଛନ୍ତି। ଏସଂକ୍ରାନ୍ତରେ ପୌର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ପଟେଲଙ୍କୁ ପଚରାଯିବାରୁ ବାରମ୍ବାର ତାଗିଦ ସତ୍ତ୍ୱେ ଠିକାସଂସ୍ଥା ପକ୍ଷରୁ ଆବଶ୍ୟକତାଠାରୁ କମ ଶ୍ରମିକ ନିୟୋଜିତ କରାଯାଇଥିବାରୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି ବୋଲି କହିଛନ୍ତି ।

# ଲାଇକେରା: ଧାନ ବିକ୍ରିରେ ମନ୍ଥର ଗତି

ଲଇକେରା,୨୧।୧(ଡି.ଏନ.ଏ.)

**ମଣ୍ଡି ପରିଦର୍ଶନ କରୁନାହାନ୍ତି କର୍ତ୍ତୃପକ୍ଷ**

ନିୟନ୍ତ୍ରୀତ ବଜାର କମିଟି ଓ ଯୋଗାଣ ବିଭାଗ ପକ୍ଷରୁ ଝାରସୁଗୁଡା ଜିଲାର ପ୍ରଥମ ଧାନ ସଂଗ୍ରହ କେନ୍ଦ୍ର ନଭେମ୍ବର ୨୨ ତାରିଖ ଲଇକେରାଠାରେ ଖୋଲିଲା। ଟୋକନ ବ୍ୟବସ୍ଥାକୁ ବିରୋଧ ସହ ଅନେକ ଯୁକ୍ତିତର୍କ ପରେ ୨୪ ତାରିଖରୁ ଆରମ୍ଭ ହେଲା ଧାନ କିଣାବିକା। ପରବର୍ତ୍ତି ଅବସ୍ଥାରେ ଜିଲାର ସମସ୍ତ ସେବା ସମବାୟ ସମିତି ଆନୁକୁଲ୍ୟରେ ବିଭିନ୍ନ ସ୍ଥାନରେ ଧାନ ସଂଗ୍ରହ କେନ୍ଦ୍ର ଖୋଲି ଧାନ ସଂଗ୍ରହ ହେଲା।

ମିଳିଥିବା ତଥ୍ୟ ଅନୁଯାୟୀ ଲଇକେରା ବ୍ଲକ ଅଧୀନରେ ଲଇକେରା ସେବା ସମବାୟ ସମିତିରେ ୧୦୯୦ ଜଣ ଚାଷୀଙ୍କ ପଞ୍ଜୀକରଣ କରାଯାଇଥିବା ବେଳେ ୩୫୭ ଜଣ ଚାଷୀ ୨୭ ହଜାର ୧୮୪ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଆହୁରି ୩୦ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନର ଆବଶ୍ୟକତା ରହିଛି। ସେହିପରି ପାକେଲପଡା ସେବା ସମବାୟ ସମିତିରେ ୩୬୪ ଜଣ ଚାଷୀଙ୍କ ପଞ୍ଜୀକରଣ କରାଯାଇଥିବା ବେଳେ ୧୯୧ଜଣ ଚାଷୀ ବିକ୍ରି କରିଛନ୍ତି ମାତ୍ର ୧୨ହଜାର କୁଇଣ୍ଟାଲ ଧାନ। ୨୦ ହଜାର କୁଇଣ୍ଟାଲ ଧାନ ବିକ୍ରୀ ପାଇଁ ଟୋକନର ଆବଶ୍ୟକତା ରହିଛି। ସାହାସପୁର ସେବା ସମବାୟ ସମିତିରେ ୯୬୦ ଜଣ ଚାଷୀଙ୍କ ପଞ୍ଜୀକରଣ କରାଯାଇଥିବା ବେଳେ ୩୯୮ ଜଣ ଚାଷୀ ୩୧ ହଜାର ୭ଶହ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । ଆହୁରୀ ୩୫ ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନର ଆବଶ୍ୟକତା ରହିଛି। ବାବୁଛିପିଡିହି ସେବା ସମବାୟ ସମିତିରେ ୫୯୧ ଜଣ ଚାଷୀଙ୍କ ପଞ୍ଜୀକରଣ କରାଯାଇଥିବା ବେଳେ ୨୪୦ ଜଣ ଚାଷୀ ବିକ୍ରୀ କରିଛନ୍ତି ମାତ୍ର ୧୫ ହଜାର ୮୧୧ କୁଇଣ୍ଟାଲ ଧାନ। ଆହୁରୀ ୧୫ ହଜାର କୁଇଣ୍ଟାଲ ଧାନ ବିକ୍ରି ହେବାକୁ ଥିବା ବେଳେ ଟୋକନ ବହାରୁ ନ ଥିବାର ଅଭିଯୋଗ କରିଛନ୍ତି। ବ୍ଲକର ୪ଟି ସମବାୟ ସମିତି ପକ୍ଷରୁ ମୋଟ ୩ ହଜାର ୫ଜଣ ଚାଷୀଙ୍କ ନାମ ଧାନ ବିକ୍ରୀ ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ମାତ୍ର ୧ ହଜାର ୧ଶହ ୮୬ ଜଣ ଚାଷୀଙ୍କ ଟୋକନ ବାହାରି ଧାନ ବିକ୍ରି ହୋଇସାରିଛି। ବର୍ତ୍ତମାନ ସ୍ଥିତିରେ ମଧ୍ୟ ଟୋକନ ବାହାରୁ ନ ଥିବାରୁ ଧାନ ବିକ୍ରି ମନ୍ଥର ହୋଇଥିବା ଚାଷୀ ନେତା କହିଛନ୍ତି । ଏବେ ମଧ୍ୟ ୬୦ ପ୍ରତିଶତ ଚାଷୀଙ୍କ ପାଖରେ କଷ୍ଟୋପାର୍ଜିତ ଶଶ୍ୟ ଗଚ୍ଛିତ ରହିଛି । ଧାନ ବିକ୍ରି କରି ନ ପାରି ଚାଷୀ ହତାଶ ହୋଇଛନ୍ତି। ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରି ସରକାରୀ ବାବୁମାନେ ଚାଲିଯିବା ପରେ ଚାଷୀଙ୍କ କଥା ବୁଝିବାକୁ ଉଚ୍ଚକର୍ତ୍ତୃପକ୍ଷ କେହି ଆସୁ ନ ଥିବା ଅଭିଯୋଗ କରିଛନ୍ତି ଚାଷୀ ଓ ଚାଷୀ ନେତା। ଗତ ସୋମବାର ଲଇକେରାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଧାନ କିଣା ସମସ୍ୟା ନେଇ ଅଭିଯୋଗ କରାଯାଇଥିଲଶ। ଧାନ କିଣାବିକା ଅସୁବିଧା, ଟୋକନ ବାହାରୁ ନ ଥିବା, ଅଧା ଧାନ ବିକ୍ରି କଲେ ଆଉ ଅଧା କମ୍ପ୍ୟୁଟର ନେଉ ନ ଥିବା, ପଞ୍ଜୀକରଣରେ ଭୁଲ ରହିଥିବା ଚାଷୀଙ୍କ ସଂଶୋଧନ ପାଇଁ ପଦକ୍ଷେପ ନିଆଯାଉ ନ ଥିବା, ୟାର୍ଡର ଭିତ୍ତିଭୂମି, ଚାଷୀଙ୍କୁ ଆବଶ୍ୟକତା ବସ୍ତା ଯୋଗାଇ ଦିଆ ଯାଉ ନ ଥିବା ଆଦି ନେଇ ଚାଷୀ ନେତା ଟଙ୍କଧର ନାଏକ, ସୁଧର୍ମା ପଟେଲ, ହେମନ୍ତ ସାଗର କୁମୁରା, ସଞ୍ଜୀବ ପୁରୋହିତ, ଦିଲୀପ କୁମାର ବେହେରା, ରାଜେଶ କୁମାର ଅଗ୍ରୱାଲ, ପଙ୍କଜ ବେହେରା, ଜିଲା କୃଷକ ସଙ୍ଗଠନ ବିଜୟ କୁମାର ଦାଶ, ସୁରେନ୍ଦର ସାହୁ, ପ୍ରଶାନ୍ତ ତ୍ରୀପାଠି ପ୍ରମୁଖ ଅଭିଯୋଗ କରିଛନ୍ତି । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

## ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ: ବାଲେଶ୍ୱର ଚାମ୍ପିୟନ

ଦେବଗଡ, ୨୧।୧ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ ଅଧିନ କଲା ଗ୍ରାମରେ ସର୍ବଭାରତୀୟ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲ ଏବଂ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ମଧରେ ହୋଇଥିଲା । ଫାଇନାଲରେ ବାଲେଶ୍ୱର ସ୍ପୋର୍ଟସ ହଷ୍ଟେଲ ଜିତି ଟ୍ରଫି ହାସଲ କରିଥିଲା । ଖେଳକୁ ବରୁଣ ସାହୁ ପରିଚାଳନା କରିଥିଲେ। ମିଟୁ ଦଳବେହେରା ସ୍କୋରର ଦାୟିତ୍ୱରେ ଥିବା ବେଳେ ବିଜୟ ଦେହୁରୀ ଓ ଅଭୟ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମପି ନିତେଶ ଗଙ୍ଗଦେବ, ସମ୍ମାନୀତ ଅତିଥି ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ବାରକୋଟ ବ୍ଲକ ଅଧକ୍ଷା ସୁବାଷିନୀ ସାହୁ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ତହସିଲଦାର ରାଜୀବ ଲୋଚନ ବେହେରା, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, କ୍ଲବ ଉପଦେଷ୍ଟା ଅରୁଣ ସାହୁ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ।



ଉଦ୍‌ଯାପନୀ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିବା ଉଭୟଦଳର ଖେଳାଳିମାନେ।

# ସରକାରୀ ସୁବିଧା ସମୟରେ ଉପଲବ୍ଧ କରାଇବାକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ମନ୍ତ୍ରୀ ,ବିଧାୟକଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଦେବଗଡ,୨୧।୧(ଡି.ଏନ.ଏ)

**ରାଜସ୍ୱ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ**

ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ମଙ୍ଗଳବାର ଦେବଗଡ ଗସ୍ତରେ ଆସି ଜିଲାରେ ରାଜସ୍ୱ ବିଭାଗ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସାର୍କିଟ୍ ହାଉସଠାରେ ଏହି ଅବସରରେ ଆୟୋଜିତ ବୈଠକରେ ଯୋଗଦେଇ ମନ୍ତ୍ରୀ ମାରାଣ୍ଡି ସାଧାରଣ ଲୋକଙ୍କୁ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ସହଜ ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଯୋଗାଇ ଦେବାପାଇଁ ୫ଟି ଏବଂ ମୋ ସରକାର ଯୋଜନା କ୍ରିୟାନ୍ୱୟନ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି କହିଥିଲେ। ରାଜସ୍ୱ ବିଭାଗ ଅଧିକାରୀମାନେ ଏହାର ସଫଳତା ନିମନ୍ତେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଜିଲାରେ ଭୂମିହୀନ ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧିକରଣ ଗ୍ରହଣ ସମୟରେ ବିସ୍ଥାପିତଙ୍କର ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳ ସୁଧାଂଶୁ ମୋହନ ସାମଲ, ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଦେବଗଡ ତହସିଲଦାର ପଲ୍ଲବୀ ନାୟକ, ରିଆମାଳ ତହସିଲଦାର ବିମଳା ବିରୁଳୀ, ବାରକୋଟ ତହସିଲଦା ରାଜୀବ ଲୋଚନ ବେହେରା, ସହକାରୀ ଜିଲାପାଳ ଯଶୋବନ୍ତ ଦେହୁରୀ ଓ ଅତିରିକ୍ତ ତହସିଲଦାରମାନେ ବୈଠକରେ ଉପସ୍ଥିତ ଥିଲେ। ଏହି ବୈଠକରେ ମନ୍ତ୍ରୀ ମାରାଣ୍ଡି ଇ-ସାର୍ଟିଫିକେଟ. ମ୍ୟୁଟେସନ, କିସମ ପରିବର୍ତ୍ତନ, ସହମତିଭିତିରେ ଜମିବାଡି ଭାଗ, ବସୁନ୍ଧରା ଯୋଜନା, ଇ-ପାଉତି, ସରକାରୀ ଜମିଗୁଡିକର ରକ୍ଷଣାବେକ୍ଷଣ, ହାଇଟେକ୍ ସର୍ଭେ, ସଇରାତ୍ ଉତ୍ସ ଏବଂ ସେଗୁଡିକରୁ ଆଦାୟ ହୋଇଥିବା ରାଜସ୍ୱ, ଜମିବାଡି ପଞ୍ଜୀକରଣ ଏବଂ ଏନଏଚ ୨୩ ଓ ୬ ରାସ୍ତା ଏବଂ ତାଳଚେର- ବିମଳାଗଡ ନୂଆ ବ୍ରଡଗେଜ ରେଲଲିଙ୍କର ଜମି ଅଧିକରଣ ସମ୍ବନ୍ଧୀୟ ବିଷୟ ଉପରେ ମଧ ଆଲୋଚନା କରିଥିଲେ ।

# ସମାସିଂହା ଚାମ୍ପିୟନ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୋଲାବିରା,୨୧।୧(ଡି.ଏନ.ଏ.)

- **ବଞ୍ଜାରୀ ଦଳ ସେମିଫାଇନାଲକୁ ଉନ୍ନିତ**
- **ପ୍ରଥମ ଦିବସରେ ୪ ଦଳ ମଧ୍ୟରେ ଖେଳ**

କୋଲାବିରା ବ୍ଲକ ଅନ୍ତର୍ଗତ ସାମାସିଂହାଠାରେ ଆସନ୍ତା ୨୬ ତାରିଖ ହେବାକୁ ଥିବା ମକର ଯାତ୍ରା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ସେଥିମଧ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଅନ୍ୟତମ। ପ୍ରତିବର୍ଷ ମକର ଯାତ୍ରା ପୂର୍ବରୁ ଆୟୋଜିତ ହୋଇଥାଏ ଏହି ପ୍ରତିଯୋଗିତା । ୫ ଦିନ ଧରି ବିଭିନ୍ନ ଦଳକୁ ନେଇ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ଯାତ୍ରା ଅବସରରେ ପୁରସ୍କୃତ କରାଯାଇଥାଏ। ଏହି କ୍ରମରେ ମଙ୍ଗଳବାର ଚାମ୍ପିୟନ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଏଥିରେ କୋଲାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ହେମନ୍ତ କୁମାର ସାହୁ, ବରିଷ୍ଠ ନାଗରିକ ଗୌତମ ନାଏକ, ଶିକ୍ଷାବିତ୍ ତୁଳେଶ୍ୱର ପଟେଲ, ଚେତାନନ୍ଦ ପଟେଲ, ମଣ୍ଟୁ ନାଏକ, ବିରୁପାକ୍ଷ୍ୟ ଦାସ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ଉତ୍ସାହ କରିଥିଲେ। ଟୁର୍ନାମେଣ୍ଟରେ ବଞ୍ଜାରୀ, ମାନିକମୁଣ୍ଡା, ଠେଲକୁଲି, ସମାସିଂହା, ତରେଇକେଲା, ଏକାତାଲି, ସରବାହାଲ, ରାଜପୁର, ଭୋଗରାପାଲି, ମଙ୍ଗଳବଜାର, ବଢେଇମୁଣ୍ଡା, ହିରମା, କୋଲାବିରା, ଜମେରା, ମଧୁପୁର ଏବଂ ସିନ୍ଦୁରପଙ୍କ ୧୬ଟି ଦଳ ଭାଗ ନେଉଛନ୍ତି। ଉଦ୍‌ଘାଟନୀ ଦିବସରେ ୪ଟି ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ ବଞ୍ଜାରୀ ଏବଂ ମାନିକମୁଣ୍ଡା ମଧ୍ୟରେ ହୋଇଥିବା ବେଳେ ମାନିକମୁଣ୍ଡା ବିଜୟୀ ହୋଇଥିଲା। ଠେଲକୁଲି ଏବଂ ସମାସିଂହା ମଧ୍ୟରେ ହୋଇଥିବା ମ୍ୟାଚରେ ୯ ଉଇକେଟରେ ସମାସିଂହାକୁ ପରାସ୍ତ କରି ଠେଲକୁଲି ଦଳ ବିଜୟ ଘୋଷିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବଞ୍ଜାରୀ ଏବଂ ଠେଲକୁଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩ ରନରେ ଠେଲକୁଲି ଦଳକୁ ପରାସ୍ତ କରି ବଞ୍ଜାରୀ ଦଳ ସେମିଫାଇନାଲକୁ ଉତ୍ତିର୍ଣ୍ଣ ହୋଇଛି। ବୁଧବାର ଭୋଗରାପାଲି ସହ ମଙ୍ଗଳବଜାର ଏବଂ ବଢେଇମୁଣ୍ଡା ସହ ହିରମା ଦଳର ମୁକାବିଲା ହେବ। ଏହା ପରେ ଏମାନଙ୍କ ମଧ୍ୟ ବିଜୟୀ ଦଳ ସେମିଫାଇନାଲକୁ ଯିବ। ଅମ୍ପୟାର ଭାବେ ଡୋଲାମଣୀ ଜୟପୁରିଆ ଏବଂ ଅଜିତ ସେନାପତି ଖେଳ ପରିଚାଳନା କରିଥିବା ବେଳେ ସ୍କୋରରେ ବୁଦ୍ଧଦେବ ପଟେଲ ରହିଥିଲେ। ଖେଳ ଧାରାବିବରଣୀ ଶିବା ଯୋଗୀ ପ୍ରଦାନ କରିଥିଲେ । ଗ୍ରାମର ରିତେସ କୁମାର ପଟେଲ, ରିଙ୍କୁ ସାହୁ, କୁନ୍ଦନ ପଟେଲ, କିଶନ ପଟେଲ, ସୁନିଲ କୁଆ, ରଞ୍ଜନ ସାହୁ, ବିକୁ ସାଗର, ଗଗନ ବାଗ, ମିଳନ ନାଏକ, ପପ୍ପୁ ବେହେରା, କପିନାଥ ଗୁରୁ, ଲକି ମହାନନ୍ଦିଆ, ବୁଦ୍ଧଦେବ ପଣ୍ଡା, ଗୋପାଳ ସାହୁ, ଆଶିଷ କୁମାର ନାଏକ, ବିଜୟ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତା ଆସନ୍ତା ୨୫ ତାରିଖରେ ଉଦ୍‌ଯାପିତ ହେବ।



ଟୁର୍ନାମେଣ୍ଟ ଉଦ୍‌ଘାଟିତ ଅବସରରେ ଅତିଥି ଏବଂ ଖେଳାଳିମାନେ ।

# ମେହେତାବ, ମିଲାନି କ୍ଲବ ବିଜୟୀ

ସମ୍ବଲପୁର, ୨୧।୧ (ବ୍ୟୁରୋ)

**ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

ସମ୍ବଲପୁର ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ମ୍ୟାଚରେ ମେହେତାବ ମେମୋରିଆଲ ଓ ମିଲାନି କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ମେହେତାବ କ୍ଲବ ବନାମ ଅନାମିକା କ୍ଲବ ମଧରେ ହୋଇଥିଲା । ଅନାମିକା କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୬୦ ରନ କରିଥିଲେ । ବ୍ୟାଟ୍ସମ୍ୟାନ ସୁଶାନ୍ତ ୫୬ ବଲରେ ୬୭ ଓ ନଗେନ୍ଦ୍ର ୩୩ ବଲରେ ୩୮ ରନ ସଂଗ୍ରହ କରିଥିଲେ । ମେହେତାବ ଦଳର ବୋଲର ଶେଖର ସୋନି ୪ ଓଭରରେ ୨୮ ରନ ଦେଇ ୨ଟି ଓ ଭରତ ୩ ଓଭରରେ ୩୨ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ । ୧୬୧ ରନର ବିଜୟ ଲକ୍ଷ୍ୟ ନେଇ ମେହେତାବ ବ୍ୟାଟ୍ସମ୍ୟାନ ପ୍ରାରମ୍ଭରୁ ଧୂଆଁଧାର ବ୍ୟାଟିଂ କରିଥିଲେ । ଫଳସ୍ୱରୂପ ଦଳ ୧୭.୫ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୧୬୩ ରନ କରି ବିଜୟ ହାସଲ କରିଥିଲା । ବ୍ୟାଟ୍ସମ୍ୟାନ ଗୋଲ୍ଡି ୫୮ ବଲରେ ୪୫ ଓ ମୁନୁ ୪୮ ବଲରେ ୫୨ ରନ କରିଥିଲେ । ଅନାମିକା ଦଳର ବୋଲର୍ ନଗେନ୍ଦ୍ର ୩ ଓଭରରେ ୧୫ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ । ଦ୍ୱିତୀୟ ମ୍ୟାଚରେ ଫ୍ରେଜର




ମଙ୍ଗଳବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିମାନେ ପ୍ରିତମ ଚୌହାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

କ୍ଲବ ବନାମ ମିଲାନି କ୍ଲବ ମଧରେ ହୋଇଥିଲା । ଫ୍ରେଜର କ୍ଲବ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା । ବ୍ୟାଟ୍ସମ୍ୟାନ ଜ୍ୟୋତିସାଗର ତରିଆ ୩୯ ବଲରେ ୫୬ ଓ ଆକାଶ ରାମ ୩୪ ବଲରେ ୩୪ ରନ କରିଥିଲେ । ମିଲାନି ବୋଲର୍ ସୁରେନ୍ଦ୍ର ୪ ଓଭରରେ ୩୧ ରନ ଦେଇ ୨ଟି ଓ ତୁଷୁରା ୪ ଓଭରରେ ୨୧ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ । ୧୪୯ ରନର ବିଜୟ ଲକ୍ଷ୍ୟ ନେଇ ମିଲାନି କ୍ଲବ ବ୍ୟାଟ୍ସମ୍ୟାନ କ୍ରିଜକୁ ଓହ୍ଲାଇଥିଲେ । ଦଳ ୧୮.୪ ଓଭରରେ ୪ ଉଇକେଟ ହରାଇ ୧୪୯ ରନ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ ପ୍ରିତମ ଚୌହାନ ୩୮ ବଲରେ ୩୮ ଓ ସଞ୍ଜୟ ମିର୍ଦ୍ଧା ୨୪ ବଲରେ ୩୪ ରନ କରିଥିଲେ । ଫ୍ରେଜର କ୍ଲବ ବୋଲର ଜ୍ୟୋତିସାଗର ତରିଆ ଓ ଗଙ୍ଗାଧର ଗୋଟିଏ ଲେଖାଏଁ ଉଇକେଟ ନେବାରେ ସଫଳ ହୋଇଥିଲେ। ମ୍ୟାଚକୁ ବିକାଶ ଷଡଙ୍ଗୀ, ମହମ୍ମଦ ଇସାକ, ବିଜୁ ଦୋରା, ପ୍ରିୟାଂଶୁ ପତି ପରିଚାଳନା କରିଥିଲେ। ମହମ୍ମଦ ନିଜାମ୍ ଓ ନବୀନ ରାଉତ ସ୍କୋରର ଥିଲେ। ଆୟୋଜକ କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ହୋଇଥିଲା । ପୁରୁଖା କ୍ରିକେଟ ଖେଳାଳୀ ମହମ୍ମଦ ଇଝାର ହୁସେନ ଓ ବିଭୂତି ଭୂଷଣ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରିତମ ଚୌହାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଛି ।



ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାକୁ ଥଟ୍ଟା କରନ୍ତି। କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ ଲୁଥର

## ଗରମ ପାଉଁଶ ପଡ଼ି ୫ ଶ୍ରମିକ ଗୁରୁତର

ଲହୁଣୀପଡା, ୨୧।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ନିକଟରେ ଥିବା ଏକ ପାଉଁଶ ଇଟାଭାଟିରେ ମଙ୍ଗଳବାର ଗରମ ପାଉଁଶ ପଡ଼ି ୫ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ଏମାନେ ହେଲେ ଅବିନାଶ ପ୍ରଧାନ (୨୩), ସୁଶୀଲ ମୁଣ୍ଡା (୨୨), ଶୁଭେସ ନାଏକ (୨୫), ମୋଟୁ ମୁଣ୍ଡା (୨୫), ଜଗବନ୍ଧୁ କିସାନ (୨୫)। ସମସ୍ତଙ୍କୁ ପ୍ରଥମେ ଲହୁଣୀପଡା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଏକ ଟିପର (ଓଆର୍ ୧୪ ଆର୩୮୦୬) ଗରମ ପାଉଁଶ ଆଣି ଖାଲି କରୁଥିଲା ବେଳେ ଏଭଳି ଅଘଟଣ ଘଟିଛି।

# ସମସ୍ୟା ସହ ସଂଯୁକ୍ତ ହେଲେ ସାହିତ୍ୟ ଶାଶ୍ୱତ ହୁଏ

ରାଉରକେଲା ଅଫିସ, ୨୧।୧

ଆଦର୍ଶଗତ ଲଢେଇର କ୍ଷେତ୍ର ହେଉଛି ସାହିତ୍ୟ। ପଚମାନ ବସ୍ତୁକୁ ଜାବୁଡି ଧରିବାର ପ୍ରବଣତା ଓ ସ୍ଥାଣୁତାକୁ ବଜାୟ ରଖିବା ହେତୁ ସାହିତ୍ୟ ଅଗ୍ରଗାମି ହୋଇ ପାରେନି। ପ୍ରତି ସୃଷ୍ଟିରେ ପାଠକ ନିଜକୁ ନ ପାଇଲେ ଏହା ଅପ୍ରୟୋଜନୀୟ ହୋଇ ପଡେ। ଫକିର ମୋହନ ଏବଂ ରାଜକିଶୋର ରାୟଙ୍କ ଗଳ୍ପରେ ସାଧାରଣ ଲୋକ ଅସାଧାରଣ ଚରିତ୍ର ଭାବେ ପ୍ରତିଷ୍ଠିତ ହୋଇଛନ୍ତି । ଆମେ ସାହିତିକ୍ୟ ଜୀବନ ସହ ଯୋଡି ହୋଇ ରହିବା ଉଚିତ । ହେଲେ ସାହିତ୍ୟକୁ ଜନସମସ୍ୟା ସହ ଜଡିତ ହେବାକୁ ପଡିବ। ତେବେ ଯାଇ ସାହିତ୍ୟ ଶାଶ୍ୱତ ହୋଇ ପାରିବ। ନ ହେଲେ ସେହି ଚିରାଚରିତ ସାହିତ୍ୟ ହିଁ ଚାଲିବ। କଥା ସମ୍ରାଟ ଫକିର ମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ ମାନସ ବେହେରା ଏଭଳି ମତ ପ୍ରକାଶ କରିଛନ୍ତି। କଲଚରାଲ ଏକାଡେମି ଓ ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ୨୮ତମ କଥା ସାହିତ୍ୟ ଦିବସ ଅବସରରେ ଏଭଳି କହିଛନ୍ତି ଶିକ୍ଷାବିତ୍ ବେହେରା। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜକିଶୋର ରାୟ ସମକାଳୀନ ସାହିତ୍ୟର ଉର୍ଦ୍ଧ୍ୱକୁ ଯାଇ କାଳଜୟୀ ସାହିତ୍ୟ ସଂରଚନା କରିଛନ୍ତି । ରୋମାଣ୍ଟିକ ଓ ମାନବବାଦୀ ଚେତନାର ମିଶ୍ରିତ ରୂପ ତାଙ୍କ ଗଳ୍ପରେ ପ୍ରତିଫଳିତ ହୋଇଛି। ରହସ୍ୟମୟୀ ପୁଞ୍ଜିବାଦୀ ବ୍ୟବସ୍ଥା ସମ୍ପର୍କରେ ଆମେ ବୁଝିବାକୁ ସମର୍ଥ ହେଲେ ପ୍ରକୃତ ସାହିତ୍ୟ ସୃଷ୍ଟି ହେବ। ଏହି ସାହିତ୍ୟ ଜାତୀୟ ଚେତନାକୁ ଉଦ୍‌ବୁଦ୍ଧ କରିବ ବୋଲି ବେହେରା ମତ ପ୍ରକାଶ କରିଛନ୍ତି। ଏକାଡେମି ସଭାପତି ଡ. ପ୍ରଭାତ ମଲ୍ଲିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଗାଳ୍ପିକ ଭୂପେନ ମହାପାତ୍ରଙ୍କ ପୁସ୍ତକ ଅନ୍ଧାରରେ ଅନିରୁଦ୍ଧ ପୁସ୍ତକ ଉନ୍ମୋଚିତ ହୋଇଛଇ। ଏଥିରେ ଆଦର୍ଶ ପାଠାଗାର ସଭାପତି ପ୍ରମୋଦ ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାମାଜିକ ବିଧି ବ୍ୟବସ୍ଥାରେ ସାହିତ୍ୟର ଅନେକ ଅବଦାନ ରହିଛି। ଏହାର ବିକାଶ ନେଇ ସାମଗ୍ରିକ ଉଦ୍ୟମ ଜାରି ରହିବା ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନ ଉପସଭାପତି ପଶୁପତିନାଥ ଚାଟାର୍ଜୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଅଦୈତ ବିଶ୍ୱାଳ, ଡ କୃପାସିନ୍ଧୁ ନାୟକ, ଡ ନଗେନ ଦାସ, ଡ ଶ୍ରୀକାନ୍ତ ମହାନ୍ତି, କାଶିନାଥ ପାତ୍ର, ଗୋକୁଳାନନ୍ଦ ଦାସ, ସୁକାନ୍ତ ମହାପାତ୍ର, ସୁକାନ୍ତ ଖୁଣ୍ଟିଆ ବଳରାମ ରାଉଳ, ସୁଜିତ ନାୟକ ଓ କିଶୋର ବେହେରା ପ୍ରମୁଖ ପଉସ୍ଥିତ ଥିଲେ।

## ବୋଲେରୋ ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ୮ ଯାତ୍ରୀ

ଜହ୍ନାପଙ୍କ, ୨୧।୧ (ଡି.ଏନ.ଏ)

ବୌଦ୍ଧ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ. ୫୭ର ଜହ୍ନାପଙ୍କ ବାହାଲ ପୋଲଠାରେ ମଙ୍ଗଳବାର ଭୋର ୩ଟା ବେଳେ ଏକ ବୋଲେରୋ (ନଂ.ଓଡି୨୭/୩୯୬୦)ର ଆଗପଟ ଏକ୍ସେଲ ଛିଣ୍ଡିଯିବାରୁ ରାସ୍ତା ଉପରେ ଓଲଟି ପଡିଥିଲା । ତେବେ ଏଥିରେ ଥିବା ୮ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏହି ଯାତ୍ରୀମାନେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ଆର୍ଟ ଅଫ୍ ଲିଭିଂର ହାପିନେଶ କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୨୧।୧

ଆର୍ଟ ଅଫ ଲିଭିଂ ପକ୍ଷରୁ ସେକ୍ଟର-୫ ଭଞ୍ଜଭବନରେ ଅନୁଷ୍ଠିତ ହାପିନେସ କାର୍ଯ୍ୟକ୍ରମ ଉଦ୍‌ଘାଯାପିତ ହୋଇ ଯାଇଛି। ଗତ ୧୬ରୁ ଆରମ୍ଭ ହୋଇଥିବା ଏହି ଶବିରରେ ୭୦ଜଣ ଭାଗ ନେଇଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କୁ ଯୋଗ, ପ୍ରାଣାୟମ, ଧାନ ଓ ସୁଦର୍ଶନ କ୍ରିୟା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଶାରୀରିକ, ଆଧାତ୍ମିକ ଓ ମାନସିକ ସ୍ତରର ବିକାଶ ତଥା ସକ୍ଷମତା ନିମନ୍ତେ ସୁଦର୍ଶନ କ୍ରିୟା କିପରି ଆମକୁ ବଳ ପ୍ରଦାନ କରେ ସେ ନେଇ ଏଥିରେ ଆଲୋଚନା କରାଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ତପନ ମିଶ୍ର ପରିଚାଳନା କରିଥିଲେ। ଗିରିଜାଶଙ୍କର ଦାସ, ପ୍ରଶାନ୍ତ ପାଢ଼ି, ଶ୍ରୀନିବାସ ମିଶ୍ର, ରଶ୍ମୀ ଦାସ ରାମକୃଷ୍ଣ ପ୍ରଧାନ, ବାବୁଲା ନାହାକ ଓ ପ୍ରକାଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## କଶ୍ମୀରୀ ପଣ୍ଡିତଙ୍କ ଥଇଥାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

ରାଉରକେଲା ଅଫିସ,୨୧।୧

ଦୀର୍ଘ ୩୦ ବର୍ଷ ହେବ କଶ୍ମୀରରୁ ନିର୍ବାସିତ ୪ଲକ୍ଷ ହିନ୍ଦୁ ପଣ୍ଡିତ ଦୁର୍ଦ୍ଦଶା ଭୋଗୁଛନ୍ତି। ଏମାନଙ୍କୁ କେନ୍ଦ୍ର ସରକାର ଥଇଥାନ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଦାବି କରିଛନ୍ତି। ଭିଟା ମାଟିରୁ ବିତାଡିତଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯାଉ। ଏମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ସରକାର ପଦକ୍ଷେପ ନେବା ସାଂପ୍ରତିକ ଅବସ୍ଥାରେ ଜରୁରି ହୋଇ ପଡିଛି ବୋଲି କୁସୁମ କହିଛନ୍ତି। ଏହି ଅବସରରେ ସେ ୪ଲକ୍ଷ ହିନ୍ଦୁ ପଣ୍ଡିତଙ୍କ ନିର୍ଯାତିତ ଜୀବନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜ ପୈତୃକ ସମ୍ପତ୍ତିରୁ ବିତାଡିତ ଏମାନେ କିପରି ହନ୍ତସନ୍ତ ଜୀବନ କାଟୁଛନ୍ତି ଓ ଅନିର୍ଦ୍ଦିଷ୍ଟ ଭବିଷ୍ୟତ ନେଇ ବଞ୍ଚିଛନ୍ତି ତାହା କୁସୁମ ବର୍ଣ୍ଣନା କରିଛନ୍ତି। ନିଜ ଦେଶରେ ଶରଣାର୍ଥୀ ସାଜିଥିବା ପଣ୍ଡିତ ପରିବାରକୁ ଥଇଥାନ କରିବା କ'ଣ ମାନବୀୟ ଦୃଷ୍ଟି କୋଣରୁ ଉଚିତ ନୁହେଁକି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ୯୦ ଦଶକରେ ହତ୍ୟା ଧମକ ଦେଇ କାଶ୍ମିରୀ ହିନ୍ଦୁଙ୍କୁ ଜୋର ଜବରଦସ୍ତ ତଡି ଦିଆଗଲା। ଉଚ୍ଛନ୍ନ ହୋଇଗଲା ୪ଲକ୍ଷ ହିନ୍ଦୁ ପଣ୍ଡିତଙ୍କ ପରିବାର। ହତ୍ୟା, ବ୍ୟଭିଚାର ଭଳି ଅମାନବୀୟ ନିର୍ଯାତନା ସହି ପରିଲେନି ଏମାନେ। ଯିଏ ଯେଉଁଠି ପାରିଲା ଘର ଛାଡି ଛାଡି ଚାଲିଗଲା। ସେବେଠୁ ଏମାନେ ଶରଣାର୍ଥୀ ଭଳି ଜୀବନ ବିତାଉଛନ୍ତି। ନିଜ ଭିଟା ମାଟିକୁ ଅନ୍ୟମାନେ ଅକ୍ତିଆର କରି ମଉଜ କରୁଛନ୍ତି। ଏମିତି ଅବସ୍ଥାରେ ପରିସ୍ଥିତି ତାଡନାରେ ନିର୍ବାସିତ ଜୀବନ କାଟୁଥିବା କାଶ୍ମିର ପଣ୍ଡିତଙ୍କୁ ଥଇଥାନ କରିବାକୁ କୁସୁମ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଆର୍‌ଜିଏଚ୍‌ରୁ ଗଛକଟାରେ କାର୍ଯ୍ୟାନୁଷ୍ଠାନ ନେବାକୁ ପଛଘୁଞ୍ଚା

ରାଉକେଲା ଅଫିସ,୨୧।୧

ଡିସେମ୍ବରରେ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ) ପରିସରରୁ ବେଆଇନ ଗଛ କଟା ଘଟଣା ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲା କଂଗ୍ରେସ ଅଡି ବସିଛି। ଏ ନେଇ ମଙ୍ଗଳବାର ଏକ ପ୍ରତିନିଧି ଦଳ ରାଉରକେଲା ବନଖଣ୍ଡ ଅଧିକାରୀ ସଞ୍ଜୟ ସ୍ୱାଇଁଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବୀରମିତ୍ରପୁର ପୂର୍ବତନ ବିଧାୟକ ଜର୍ଜ ତିର୍କୀ କର୍ତ୍ତୃପକ୍ଷଙ୍କ ପଛଘୁଞ୍ଚା ନୀତିକୁ ନାପସନ୍ଦ କରିଛନ୍ତି। ତେବେ ବନଖଣ୍ଡ ଅଧିକାରୀ ସ୍ୱାଇଁ କହିଛନ୍ତି ଯେ, ମେଡିକାଲ କର୍ତ୍ତୃପକ୍ଷ ଓ ପାନପୋଷ ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ଆରଜିଏଚ କର୍ତ୍ତୃପକ୍ଷଙ୍କ ଉତ୍ତର ସନ୍ତୋଷଜନକ ହୋଇ ନ ଥିବାରୁ ତାଙ୍କ ବିରୋଧରେ ସରକାରୀ କାର୍ଯ୍ୟାନୁଷ୍ଠାନ ପାଇଁ ସୁନ୍ଦରଗଡ ଜିଲାପାଳଙ୍କୁ ଚିଠି ଲେଖା ଯାଇଛି। ସେହିଭଳି ପାନପୋଷ ରେଞ୍ଜରଙ୍କୁ ଦ୍ୱିତୀୟ ଚିଠି କରାଯାଇଛି। ତେବେ ଏସବୁ ପ୍ରକ୍ରିୟା ୧୫ ଦିନ ମଧ୍ୟରେ ଶେଷ ହେବ ବୋଲି ସେ କହଛନ୍ତି। ବୀରେନ ସେନାପତି, ଦେବବ୍ରତ ବିହାରୀ, ନିରୁପମା ବଳିଆରସିଂ, କୀର୍ତ୍ତନ ଦାସ, ବିଜୟ ଆପଟ, ବିନୋଦ ରାଉତ, ବଣ୍ଟି ଖାନ, ସୁନୀଲ ପଟ୍ଟନାୟକ ପ୍ରମୁଖ ବନଖଣ୍ଡ ଅଧିକାରୀଙ୍କୁ ଭେଟି ଥିଲେ।

## ବଡ଼ଗାଁରେ ଭାରତ ବିକାଶ ପରିଷଦ କର୍ମକର୍ତ୍ତା



ବଡଗାଁରେ ଭାରତ ବିକାଶ ପରିଷଦ କର୍ମକର୍ତ୍ତାଙ୍କୁ ପାଛୋଟି ନିଆଯାଉଛି।

ବଡଗାଁ,୨୧।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ମଙ୍ଗଳବାର ଭାରତ ବିକାଶ ପରିଷଦର କର୍ମକର୍ତ୍ତାଙ୍କ ସହିତ ବଡଗାଁର ବରିଷ୍ଠ ନାଗରିକମାନେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛନ୍ତି । ମଧ୍ୟାହ୍ନରେ ଭାରତ ବିକାଶ ପରିଷଦର ଜାତୀୟ ସଂଗଠନ ମନ୍ତ୍ରୀ ସୁରେଶ ଜୈନ ଓ ବିହାର, ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ଓଡିଶା ଦାୟିତ୍ୱରେ ଥିବା ପରିଷଦର ସଂଯୋଜକ ବାଲ୍ମିକୀ କୁମାର ପହଞ୍ଚିଲା ପରେ ତାଙ୍କୁ ବରିଷ୍ଠ ନାଗରିକଙ୍କ ସହିତ ଭାଜପା କର୍ମକର୍ତ୍ତାମାନେ ସ୍ୱାଗତ ଜଣାଇ ଡାକବଙ୍ଗଳାକୁ ପାଛୋଟି ନେଇଥିଲେ। ସେଠାରେ ଭାଜପା ଜିଲା ସଂଗଠନ ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ ଅତିଥି ପରିଚୟ କରାଇଥିଲେ। ଏହାପରେ ଆଲୋଚନା ଆରମ୍ଭ ହୋଇଥିଲା। ଜାତୀୟ ସଂଗଠନ ମନ୍ତ୍ରୀ ଜୈନ ପଞ୍ଚାୟତ ତଥା ବ୍ଲକ ଅଞ୍ଚଳର ଲୋକଙ୍କ ଜୀବନଜୀବିକା ଉପରେ ପଚାରି ବୁଝିଥିଲେ। ନଦୀ, ନାଳ ଆଦି ଜଳ ଉତ୍ସ ଗୁଡିକର ସ୍ଥିତି, ପାନୀୟ ଜଳ, ଜଳ ସେଚନ, ରୋଜଗାର ଆଦି ଉପରେ ପଚାରି ବୁଝିଥିଲେ। ଅଣ କୃଷିଜୀବୀଙ୍କ ଆର୍ଥିକ ଆୟ, କୃଷିଜୀବୀଙ୍କ ଆୟ, ସ୍ୱାସ୍ଥ୍ୟ, ଶିଶୁଶିକ୍ଷା, ଜଳ ସଂରକ୍ଷଣ ଓ ମହିଳାଙ୍କ ଭାଗିଦାରିତା ଉପରେ ଗ୍ରାମବାସୀଙ୍କୁ ପଚାରିଥିଲେ। ଗାଁ ଗୁଡିକର ବିକାଶ ପାଇଁ କ'ଣ କରିବାର ଆବଶ୍ୟକତା ଅଛି ପ୍ରସ୍ତାବ ନେଇ କାର୍ଯ୍ୟ କରିବାକୁ କହିଥିଲେ । ଆଲୋଚନାରେ ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମିଶ୍ର, ଦିଲୀପ ପୁରୋହିତ, ସଚିନ ଦାସ, ରାମକୃଷ୍ଣ ସାହୁ, ହରିଶ୍ଚନ୍ଦ୍ର ପୃଷ୍ଟି, ପଦ୍ମନାଭ ପଣ୍ଡା, ପରମାନନ୍ଦ ପାଣିଗ୍ରାହୀ, ପ୍ରତାପ ମହାପାତ୍ର, ଅର୍ଜୁନ ନାୟକ, ସତ୍ୟନାରାୟଣ ନାୟକ, ଭାଜପା କର୍ମକର୍ତ୍ତା ଦିଲୀପ ସେନାପତି, ବସନ୍ତ ଡନସନା, ଅନିମେଶ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏଏ ସମ୍ପର୍କରେ ଭୁଲ୍ ଧାରଣା ରହୁଛି




ଲେଫ୍ରିପଡା ବ୍ଲକ୍ ବଡବଙ୍ଗାଠାରେ ଭାଜପା ପକ୍ଷରୁ ସିଏଏ ସଚେତନତା ଶୋଭାଯାତ୍ରା ବାହାରିଛି।

ଲେଫ୍ରିପଡା,୨୧।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ବଡବଙ୍ଗାଠାରେ ଭାଜପା ପକ୍ଷରୁ ସିଏଏ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଲୋକଡେଗାଠାରୁ ବଡବଙ୍ଗା ପର୍ଯ୍ୟନ୍ତ ବାହାରିଥିଲା। ଏହି ଅବସରରେ ଆୟୋଜିତ ଏକ ସଚେତନତା ବୈଠକରେ ସଦର ବିଧାୟିକା କୁସୁମ ଟେଟେ, ପୂର୍ବତନ ସୁନ୍ଦରଗଡ ସାଂଗଠନିକ ଜିଲା ସଭାପତି ବଟ କିଶୋର ମିଶ୍ର ପ୍ରମୁଖ ନେତୃମଣ୍ଡଳୀ ଯୋଗ ଦେଇ ସିଏଏ(ନାଗରିକତ୍ୱ ସଂଶୋଧନ ଆଇନ) ଉପରେ ଉଦ୍‌ବୋଧନ ଦେଇଥିଲେ। ସିଏଏକୁ ନେଇ ବିରୋଧୀ ଦଳ ଗୁଡିକ ଜନସାଧାରଣଙ୍କ ଭିତରେ ଭ୍ରମ ସୃଷ୍ଟି କରୁଛନ୍ତି। ଏଥିରେ ବିଭ୍ରାନ୍ତ ନ ହେବା ପାଇଁ ସେମାନେ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଲେଫ୍ରିପଡା ମଣ୍ଡଳ ସଭାପତି ମାନସ ସାହୁ, ପରମେଶ୍ୱର ନାଏକ, ଭାଜପା ନେତା କଳାକୃଷ୍ଣ ଓରାମ, ଯଦୁମଣୀ ପଟେଲ, ଦିନେଶ କର, ଗୀତାଞ୍ଜଳି ପଟେଲ, ଅଶୋକ କୁମାର ପଟେଲ, ସଞ୍ଜୀବ ସିଂ, ସୁରେଶଚନ୍ଦ୍ର ପଟେଲ ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତା ମଣ୍ଡଳୀ ଯୋଗ ଦେଇଥିଲେ।

# ଯୋଗାଯୋଗ ସମସ୍ୟା ଦୂରକର

ସୁନ୍ଦରଗଡ,୨୧।୧ (ଡି.ଏନ୍.ଏ)

ଜିଲା ଯୋଜନା କମିଟିର ବୈଠକ ମଙ୍ଗଳବାର ସ୍ଥାନୀୟ ସଦ୍‌ଭାବନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ଯୋଜନା କମିଟିର ସମ୍ପାଦକ ନିଖିଲ ପବନ କଲ୍ୟାଣ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା କମିଟିର ଅଧ୍ୟକ୍ଷ ଶାରଦା ପ୍ରସାଦ ନାଏକ ଯୋଗ ଦେଇଥିଲେ। ଜିଲାରେ ଯୋଗାଯୋଗ ସମସ୍ୟା ଦୂର କରିବା ନିମନ୍ତେ ଏକ ବର୍ଷୀୟା ଯୋଜନା ପ୍ରସ୍ତୁତ କରିବା ସହ ଆନୁମାନିକ କେତେ ଟଙ୍କା ବ୍ୟୟ ଅଟକଳ ହେବ ସେ ନେଇ ଅନୁମୋଦନ କରି ସମସ୍ତ ରାସ୍ତା ଓ ସେତୁ ନିର୍ମାଣ ପାଇଁ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ପ୍ରେସ୍ ପ୍ରକୋଷ୍ଠ ଖୋଲାଯାଇ ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚିତ କରିବା ପାଇଁ ଅଧ୍ୟକ୍ଷ ପ୍ରସ୍ତାବ ଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଆଲୋକ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଜଗାଙ୍ଗପୁର ବିଧାୟକ ସି.ଏସ. ରାଜେନ୍ ଏକ୍କା. ତଳସରା ବିଧାୟକ ଭବାନୀ ଭୋଇ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ନିଜର ମତ ଉପସ୍ଥାପନ କରିଥିଲେ। ଏତଦ୍ ବ୍ୟତୀତ ଜିଲାସ୍ତରୀୟ ସମସ୍ତ ଅଧିକାରୀ ଓ ଜିଲା ଯୋଜନା କମିଟିର ସମସ୍ତ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ।

## କନ୍ଧ ସମାଜର ସାଧାରଣ ସଭା

ଘଣ୍ଟାପଡା, ୨୧।୧ (ଡି.ଏନ.ଏ)

ବୌଦ୍ଧ ଜିଲା ଖମନମୁଣ୍ଡା ପଞ୍ଚାୟତ ଲଣ୍ଡାବାହାଲ ମହୁଲତୋଟାରେ ଆଞ୍ଚଳିକ କନ୍ଧ ସମାଜ ଉନ୍ନୟନ ପରିଷଦ, ଘଣ୍ଟାପଡାର ସଭାପତି ସାମନ୍ତ ମାଝୀଙ୍କ ଆହ୍ୱାନକ୍ରମେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜଳନ୍ଧର ମଲିକ, ଜଗଦୀଶ ମଲିକ, ସଦା ଝାଙ୍କର, ଘନଶ୍ୟାମ ଭୋଇ, ବିବସ୍ୱ କଅଁର, ଦେବାଧି ମଲିକ ପ୍ରମୁଖ ଯୋଗଦେଇ କନ୍ଧ ସମାଜର ହିତରକ୍ଷା, ନାରୀଶିକ୍ଷା ଓ ସାମାଜିକ ରୀତି ଉପରେ ଆଲୋଚନା କରିଥିଲେ। ଏହାସହ ସମାଜର ସମସ୍ତ ଝିଅପୁଅ ଯେପରି ଉଚ୍ଚଶିକ୍ଷା ଲାଭ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ ।

# ଜଙ୍ଗଲ ଅଧିକାର ଆଇନ୍ ବସୁନ୍ଧରା ଯୋଜନାର ସମୀକ୍ଷା

ସୁନ୍ଦରଗଡ,୨୧।୧ (ଡି.ଏନ୍.ଏ.)

ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି ମଙ୍ଗଳବାର ସୁନ୍ଦରଗଡ ଗସ୍ତରେ ଆସି ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଅପରାହ୍ନରେ ଜିଲାରେ ଜଙ୍ଗଲ ଅଧିକାର ଆଇନ୍ ଓ ବସୁନ୍ଧରା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ସମେତ ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶାରଦା ପ୍ରସାଦ ନାୟକ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜଗାଙ୍ଗପୁର ବିଧାୟକ ସି.ଏସ. ରାଜେନ ଏକ୍କା, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ସହ ସମସ୍ତ ତହସିଲଦାରମାନେ ଉପସ୍ଥିତ ଥିଲେ । ଅପରପକ୍ଷେ ମନ୍ତ୍ରୀଙ୍କ ସୁନ୍ଦରଗଡ ଗସ୍ତ ଓ ଜିଲା ଯୋଜନା କମିଟିର ବୈଠକ ସମ୍ପର୍କରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚିତ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ କିଛି ଗଣମାଧ୍ୟମ ପ୍ରତିନିଧି ଜିଲାପାଳଙ୍କୁ ସାକ୍ଷାତ କରି ଦୃଷ୍ଟି ଆକର୍ଷଣ କରିଥିଲେ। ଭବିଷ୍ୟତରେ ଏହାର ଯେଭଳି ପୁନରାବୃତ୍ତି ନ ଘଟେ ସେ ନେଇ ପଦକ୍ଷେପ ନେବେ ବୋଲି ଜିଲାପାଳ କହିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ଦିନ ହେବ ଏଠାରେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲି ପଡିଛି। ଜିଲା ସଂସ୍କୃତି ଅଧିକାରୀଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ପଡୁଛି। ଜଣେ ସହକାରୀ ଜିଲା ସୂଚନା ଲୋକସଂପର୍କ ଅଧିକାରୀ ରହିଛନ୍ତି। ହେଲେ ଜିଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ହେଉ କି ବିଭିନ୍ନ ମନ୍ତ୍ରୀ ଓ ସଚିବଙ୍କ ଗସ୍ତ ସମ୍ପର୍କରେ ସ୍ଥାନୀୟ ଗଣମାଧମ ପ୍ରତିନିଧିଙ୍କୁ କୌଣସି ଆଗୁଆ ସୂଚନା ଦିଆଯାଉ ନାହିଁ।



ସୁନ୍ଦରଗଡ଼ ପ୍ରଗତି ମଣ୍ଡପଠାରେ ବସିଥିବା ବୈଠକରେ ମନ୍ତ୍ରୀ, ଜିଲାପାଳ, ବିଧାୟକଙ୍କ ସମେତ ଅନ୍ୟମାନେ।

# ଖେଳକୁଦ, ନାଚଗୀତରେ ମଜ୍ଜିଲେ ଛାତ୍ରୀଛାତ୍ର

ସବଡେଗା,୨୧।୧(ଡି.ଏନ.ଏ.)

ସବ୍‌ଡେଗା ବ୍ଲକ ଅନ୍ତର୍ଗତ ହମିରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁବରାଜ ଗୋଖ୍ରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଡୁମେରବାହାଲ କ୍ଲଷ୍ଟର ସିଆରସିସି ଅର୍ଜୁନ ରୋହିଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନେତ୍ରାନନ୍ଦ ବେହେରା, କମିଟି ସଭ୍ୟ ଅରୁଣ ଅଦା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏହି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡାର ମହତ୍ତ୍ୱ ବିଷୟରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବୁଝାଇ ଥିଲେ । ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ସବ୍ ଜୁନିୟର ଦଳ ଗଠନ କରାଯାଇଥିଲା। ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ଜୁନିୟର ଦଳ ଗଠିତ ହୋଇଥିଲା। ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ସିନିୟର ବର୍ଗରେ ବିଭକ୍ତ କରା ଯାଇଥିଲା। ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ, ଡିସକସ ଥ୍ରୋ, ଜାଭେଲିନ, ମ୍ୟୁଜିକ ଚେୟାର, ଗଣିତ ଦୌଡ, ଗୀତ, ନାଚ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଖେଳ ଶିକ୍ଷକ ମମତା ପଟେଲ ଏହି କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁରଜ ପ୍ରକାଶ ଚୌଧୁରୀ, ବାସୁଦେବ ବେହେରା, ମଧୁସ୍ମିତା ପଣ୍ଡା, ସୁବାଷିନୀ ନିଣ୍ଡୋ, ରୋହିଣୀ ପଟେଲ, ଜେନିକାନ୍ତି ଡୁଙ୍ଗଡୁଙ୍ଗ, ଅଞ୍ଜୁମ ବାନୋ, ମୀରା ଢ଼ାଙ୍ଗୁଡ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ହମିରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥି।



ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାକୁ ଥଟ୍ଟା କରନ୍ତି। କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ ଲୁଥର



## ସଂକ୍ଷେପରେ...

### କନ୍ଧ ସମାଜର ସାଧାରଣ ସଭା

ଘଣ୍ଟାପଡା, ୨୧।୧ (ଡି.ଏନ.ଏ)

ଖମନମୁଣ୍ଡା ପଞ୍ଚାୟତ ଲଣ୍ଡାବାହାଲ ମହୁଲତୋଟାରେ ଆଞ୍ଚଳିକ କନ୍ଧ ସମାଜ ଉନ୍ନୟନ ପରିଷଦ, ଘଣ୍ଟାପଡାର ସଭାପତି ସାମନ୍ତ ମାଝୀଙ୍କ ଆହ୍ୱାନକ୍ରମେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜଳନ୍ଧର ମଲିକ, ଜଗଦୀଶ ମଲିକ, ସଦା ଝାଙ୍କର, ଘନଶ୍ୟାମ ଭୋଇ, ବିବସ୍ୱ କଅଁର, ଦେବାଧି ମଲିକ ପ୍ରମୁଖ ଯୋଗଦେଇ କନ୍ଧ ସମାଜର ହିତରକ୍ଷା, ନାରୀଶିକ୍ଷା ଓ ସାମାଜିକ ରୀତି ଉପରେ ଆଲୋଚନା କରିଥିଲେ। ଏହାସହ ସମାଜର ସମସ୍ତ ଝିଅପୁଅ ଯେପରି ଉଚ୍ଚଶିକ୍ଷା ଲାଭ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ । ସମ୍ପାଦକ ବିବସ୍ୱ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । କୁଦୁର୍କା, ତୁର୍କା, ବିଲବିଲ ଓ ମୁହାସିଂହ ପ୍ରଗଣାର କନ୍ଧ ସମାଜର ସଦସ୍ୟ ଉପସ୍ଥିତ ଥିଲେ ।

### ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୨୨୦ ରୋଗୀ

ଘଣ୍ଟାପଡା, ୨୧।୧ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଆମ୍ବଗାଁ ଜନତା ହାଇସ୍କୁଲ ପରିସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । କଣ୍ଟାମାଳ ବ୍ଲକ ଏମ୍‌ପି ପ୍ରତିନିଧି ଶମ୍ଭୁପ୍ରସାଦ ସାହୁ ଓ ବ୍ଲକ ସଂଯୋଜକ ସମୀର ମେହେରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଶିବିରକୁ ଜିଲା ପରିଷଦ ସଭ୍ୟା ମୁକ୍ତାସିନୀ ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶିକ୍ଷକ ଦେବରାଜ ସାହୁ, ଦିଗମ୍ବର ସାହୁ, ନୀଳାଞ୍ଚଳ ଭୋଇ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ଭି. ରଚିତ, ଆୟାନ ମାଇତି ପ୍ରମୁଖ ୨୨୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

### ଘଣ୍ଟାପଡା କଲେଜରେ କ୍ୟାରିୟର କାଉନ୍‌ସେଲିଂ

ଘଣ୍ଟାପଡା, ୨୧।୧(ଡି.ଏନ.ଏ.)

କଣ୍ଟାମାଳ ବ୍ଲକ ଘଣ୍ଟାପଡା ଟିକେଏସଏମଆରଜି କଲେଜରେ ମଙ୍ଗଳବାର ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଘଣ୍ଟାପଡା ଶାଖା ପରିଚାଳକ ଅଶୋକ କୁମାର ନାଏକ ମୁଖ୍ୟଅତିଥି, ଅଧ୍ୟାପକ ନୀଳକଣ୍ଠ ସା, ପରେଶ କୁମାର ସାହୁ ସମ୍ମାନିତ ଅତିଥି ଏବଂ ଖବରଦାତା ପ୍ରଭାତ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ବୁଝାଇଥିଲେ । ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଝସକେତନ ଡାଙ୍ଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଘଣ୍ଟାପଡା କଲେଜର ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

### କ୍ଷମତା ଏକ୍ସପ୍ରେସ କାର୍ଯ୍ୟକ୍ରମ

ଘଣ୍ଟାପଡା, ୨୧।୧(ଡି.ଏନ.ଏ.)

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଘଣ୍ଟାପଡାରେ କ୍ଷମତା ଏକ୍ସପ୍ରେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିନ୍ନକ୍ଷମ ଚିହ୍ନଟ ଏବଂ ଭତ୍ତା ପଞ୍ଜୀକରଣ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ପାଇଁ ପରାମର୍ଶ, କାନ, ମାନସିକ, ଦୃଷ୍ଟି ଏବଂ ଫିଜିଓଥେରାପି ପରୀକ୍ଷା କରାଯାଇଥିଲା।

### ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ମନମୁଣ୍ଡା, ୨୧।୧ (ଡି.ଏନ.ଏ)

ମନମୁଣ୍ଡା ମେହେରପଡାରେ ଅନୁଷ୍ଠିତ ରାମଚରିତ ମାନସ ଓ ନବାହ୍ନ ପାରାୟଣ ଏବଂ ପ୍ରବଚନ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ୟାସ ଭାବେ ବ୍ରାହ୍ମଣ ହୟଗ୍ରୀବ ପାଢ଼ୀ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ ପଠନ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ଏବଂ ପ୍ରବଚନ ହୋଇଆସୁଥିଲା। ପ୍ରବଚକ ଭାବେ ପ୍ରମୋଦ କୁମାର ନାଏକ, ମନ୍ଦାକିନୀ ପ୍ରେମଲତା ଦାଶ, ପଣ୍ଡିତ ଦେବରାଜ ଦାସ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଉଦଯାପନୀ ଦିବସରେ ହୋମଯଜ୍ଞ ଓ ପୂର୍ଣ୍ଣାହୂତି କରାଯାଇଥିଲା।

# ସୀତାଚୋରି ମଞ୍ଚସ୍ଥ

## ରାମଲୀଳା ମହୋତ୍ସବର ପଞ୍ଚମ ସନ୍ଧ୍ୟା

ଭେଡ଼େନ, ୨୧।୧ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନର ନବରାତ୍ର ରାମଲୀଳା ମହୋତ୍ସବର ମଙ୍ଗଳବାର ଥିଲା ପଞ୍ଚମ ସନ୍ଧ୍ୟା। ପିତୃସତ୍ୟ ପାଳନ କରିବାକୁ ବନ ଗମନ କରିଥିବା ରାମ ସୀତା ଲକ୍ଷ୍ମଣ ପଞ୍ଚବଟୀଙ୍କ ଅବସ୍ଥାନ, ଶୂର୍ପଣଖାର ନାସାକର୍ଣ୍ଣ ଛେଦନ, ଭଗିନୀ ଅପମାନର ପ୍ରତିଶୋଧ ପାଇଁ ରାବଣ ମନସ୍ଥ କରିଛି କରିବାକୁ ସୀତା ହରଣ । ସୁବର୍ଣ୍ଣ ମୃଗ ମାରିଚକୁ ଦେଖି ଆକର୍ଷିତା ସୀତାଙ୍କ ଇଚ୍ଛା ପୂରଣ ପାଇଁ ରାମ ଧାଇଁଛନ୍ତି ମୃଗ ପଛରେ। ହା' ରାମ ଚିତ୍କାର ଶୁଣି ଡିନିଗାର କାଟି ଲକ୍ଷ୍ମଣ ଯିବା ପରେ ମୁନିବେଶ ଧାରଣ କରି ରାବଣ କରିଛନ୍ତି ସୀତା ହରଣ। ଜଟାୟୁ ସହ ହୋଇଛି ଯୁଦ୍ଧ, ସୀତାଚୋରି ବାର୍ତ୍ତା ଦେଇ ରାମ କୋଳରେ ଜଟାୟୁର ମୃତ୍ୟୁ, ଶବରୀ ଅଇଁଠା ଖିଆ, କିଷ୍କିନ୍ଧ୍ୟାରେ ବାଳିର ରାଜତ୍ୱ, ଦୁନ୍ଦୁଭି ରାକ୍ଷସ ବଧ, ସୁଗ୍ରୀବ ବିତାଡ଼ିତ ଆଦି ଦୃଶ୍ୟ ଏହି ସନ୍ଧ୍ୟାରେ ଅଭିନିତ ହୋଇଥିଲା । ଅପରପକ୍ଷରେ ରାବଣ ଦରବାରରେ ରାବଣ ଭୂମିକାରେ ଜଗଦାନନ୍ଦ ମିଶ୍ରଙ୍କ ଚିତ୍ତାକର୍ଷକ ଅଭିନୟ ଦର୍ଶକଙ୍କ ଆକର୍ଷଣ ସାଜିଛି। ରାବଣ ଦରବାରରେ ମଙ୍ଗଳବାର ଟିଟିଲାଗଡ଼ର ଏକତାରା ନୃତ୍ୟଦଳ ନୃତ୍ୟ ପରିବେଷଣ କରିଥିଲେ। ଏହାସହ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ନବରାତ୍ର ଅଖଣ୍ଡ ନାମଜପରେ ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ଦଳ ଯୋଗଦେଇ ରାମନାମ ଜପ କରୁଛନ୍ତି। ଅଯୋଧ୍ୟା ମଞ୍ଚରେ ପ୍ରଚ୍ଛଦପଟରେ ଗୀତିକାର ଗୋକୁଳ ସୁନା, ନିରଞ୍ଜନ ମିର୍ଦ୍ଧା, ଆନନ୍ଦ ସେନାପତି ପ୍ରମୁଖ ସଙ୍ଗୀତ ପରିବେଷଣ କରୁଥିବା ବେଳେ ସରୋଜ ମିଶ୍ର ଏବଂ ମୀନକେତନ ଭୋଇ ମଞ୍ଚ ପରିଚାଳନା କରୁଛନ୍ତି। ସେହିପରି ରାବଣ ଦରବାରରେ କଣ୍ଠଶିଳ୍ପୀ ରମାକାନ୍ତ ହରିପାଲ, କୃଷ୍ଣ ମୁଗ୍ରୀ, କ୍ଷୀରେଶ୍ୱର ମେହେର, ଯୁଧିଷ୍ଠିର ବାଦି, ସୁରେଶ ବାବୁ ପ୍ରମୁଖ ପ୍ରଚ୍ଛଦ ସଙ୍ଗୀତ ପ୍ରଦାନ କରୁଛନ୍ତି। ମଙ୍ଗଳବାର କାଣ୍ଡୋଲର ରୋଶନ ଅଗ୍ରୱାଲ ଅନ୍ନ ପ୍ରସାଦ ପ୍ରଦାନ କରିଥିଲେ।



ରାମଲୀଳାରେ ସୀତାଚୋରି ଦୃଶ୍ୟ ।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସ୍ୱାଗତ, ଆନ୍ଦୋଳନ ସ୍ଥଗିତ



ଖବରଦାତା ସମ୍ମିଳନୀରେ ୟୁଏଫସିଏଚବି ଅନୁଷ୍ଠାନର ପ୍ରତିନିଧିବୃନ୍ଦ।

ବରଗଡ଼ ଅଫିସ୍,୨୧।୧

ବରଗଡ଼ରେ କ୍ୟାନସର ହସ୍‌ପିଟାଲ ସ୍ଥାପନ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାକୁ ୟୁନାଇଟେଡ୍ ଫୋରମ୍ ଫର୍ କ୍ୟାନସର ହସ୍‌ପିଟାଲ ଏଟ୍ ବରଗଡ଼ (ୟୁଏଫସିଏଚବି) ଏବଂ ଫାଇଟର୍ସ ଗ୍ରୁପ ପକ୍ଷରୁ ସ୍ୱାଗତ କରାଯାଇଛି । ମୁଖ୍ୟମନ୍ତ୍ରୀ ଦ୍ୱିତୀୟଥର ପାଇଁ ଏହି ଘୋଷଣା କରିଥିବାରୁ ବରଗଡ଼ରେ କ୍ୟାନସର ହସପିଟାଲ ସ୍ଥାପନ ଆଶା ଉଜ୍ଜୀବିତ ହୋଇଛି ବୋଲି ୟୁଏଫସିଏଚବିର ଆବାହକ ପ୍ରଦୀପ ଦେବତା ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀ ପ୍ରକାଶ କରିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

ଉଲ୍ଲେଖନୀୟ, ବରଗଡ଼ ଜିଲାରେ କ୍ୟାନସର ରୋଗୀଙ୍କ ସଂଖ୍ୟା ଏବଂ ଏହି ରୋଗଜନିତ ମୃତ୍ୟୁ ବଢ଼ିବାରେ ଲାଗିଥିବା ଯୋଗୁ ଉପରୋକ୍ତ ଅନୁଷ୍ଠାନ ପ୍ରଥମେ ବରଗଡ଼ରେ କ୍ୟାନସର ହସ୍‌ପିଟାଲ ଦାବି ଉଠାଇଥିଲା। ଏହି ଦାବି ନେଇ ଉକ୍ତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଗତ ବର୍ଷ ଜାନୁୟାରୀ ୨୧ତାରିଖରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହାର ମାସକ ପରେ ମୁଖ୍ୟମନ୍ତ୍ରୀ ସୋହେଲା ଇଚ୍ଛାପାଲି ସମାବେଶରେ ପ୍ରଥମେ କ୍ୟାନସର ହସପିଟାଲ ସ୍ଥାପନ ନେଇ ଘୋଷଣା କରିଥିଲେ। ତେବେ କ୍ୟାନସର ହସ୍‌ପିଟାଲ ବିଳମ୍ବ ହେବାରୁ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ମାତ୍ର ଏବେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଛନ୍ତି ।

# ଓଡ଼ିଶା ପୋଲିସ କଟକ ଚାମ୍ପିୟନ

## ସର୍ବଭାରତୀୟ ଡିଏସ୍ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

ବୌଦ୍ଧ,୨୧।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ପଞ୍ଚଦଶ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ମଙ୍ଗଳବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲ, ବୁଦ୍ଧିସାଗର ମିଶ୍ର, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ ଗୁରୁପ୍ରସାଦ ପୃଷ୍ଟି, ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନ୍ଦର ପ୍ରକାଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଫୁଟବଲ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ, ସମ୍ପାଦକ ଯୁଗଳ କିଶୋର ସାମଲ, ଟୁର୍ନାମେଣ୍ଟର ଅଭ୍ୟର୍ଥନା କମିଟି ମୁଖ୍ୟ ସତ୍ୟପ୍ରକାଶ ଦାଶ ଅତିଥିମାନଙ୍କ ସହିତ ମଞ୍ଚାସୀନ ଥିଲେ। ଫାଇନାଲ ଖେଳ ମଧ୍ୟପ୍ରଦେଶ ରତଲମ ଫୁଟବଲ କ୍ଲବ ଓ ଓଡିଶା ପୋଲିସ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧର ୩୫ ମିନିଟରେ ଓଡିଶା ପୋଲିସର ଅଜିତ ସିନ୍ଧୁର ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୪୧ ମିନିଟରେ ଓଡିଶା ପୋଲିସର ବିଜୟ ଆଉ ଗୋଟିଏ ଗୋଲ୍ କରିଥିଲେ । ମ୍ୟାଚରେ ଓଡିଶା ପୋଲିସ କଟକ ଦଳ ରତଲମ ଫୁଟବଲ କ୍ଲବକୁ ୨−୦ ଗୋଲରେ ହରାଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ମ୍ୟାନ ଅଫ ଦି ଫାଇନାଲ ଓ ବେଷ୍ଟ ପ୍ଲେୟାର ଭାବେ ଓଡିଶା ପୋଲିସର ଅଜିତ ସିନ୍ଧୁର, ବେଷ୍ଟ ଡିଫେନସ ମଧ୍ୟପ୍ରଦେଶ ରତଲମର ବିକି, ବେଷ୍ଟ ଗୋଲକିପର ମଧ୍ୟପ୍ରଦେଶର ଉମାଶଙ୍କରଙ୍କୁ ପୁରସ୍କୃତ କରାଯାଇଥିଲା ।




ଫଟୋ କ୍ୟାପ୍‌ସନ୍

# ଭେଡ଼େନରେ ନିଯୁକ୍ତି ମେଳା

ଭେଡ଼େନ, ୨୧।୧ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ପରିସରରେ ମଙ୍ଗଳବାର ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ଭେଡ଼େନ ବିଡ଼ିଓ ମୁରଲୀଧର ନାୟକଙ୍କ ସଭା ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ରାଜଗୋପାଳ ଦାଶ ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଜିଲା ସଂଯୋଜକ ମନୋଜ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ଗ୍ରାମୀଣ ବେକାର ଯୁବତୀଯୁବକ ମାନଙ୍କ ସକାଶେ ଏହି ଯୋଜନାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଶିବିରରେ ଭେଡ଼େନ ବ୍ଲକ ଗ୍ରାମାଞ୍ଚଳର ହଜାର ହଜାର ୧୮ରୁ ୩୫ ବର୍ଷୀୟ ଯୁବତୀଯୁବକ ଯୋଗଦେଇ ନିଜ ନାମ ପଞ୍ଜୀକରଣ କରିବା ସହ କାର୍ଯ୍ୟକ୍ରମର ସୁଯୋଗ ନେଇଥିଲେ।



ଭେଡ଼େନ ରେ ହୋଇଥିବା ନିଯୁକ୍ତି ମେଳାରେ ଯୋଗ ଦେଇଥିବା ଯୁବତୀଯୁବକ।

## କ୍ରିକେଟ: ଲୋଇସିଂ ଚାମ୍ପିୟନ

ଘଣ୍ଟାପଡା, ୨୧।୧ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଦେଢ଼େଣମାଲ ଖେଳ ପଡିଆରେ ଚାଲିଥିବା ପ୍ରତିଯୋଗିତା ସୋମବାର ଉଦଯାପିତ ହୋଇଯାଇଛି। ୧୬ଟି ଦଳକୁ ନେଇ ଆୟୋଜିତ ହୋଇଥିବା ପ୍ରତିଯୋଗିତାର ଫାଇନାଲ ମ୍ୟାଚ ବରପଦର ଓ ଲୋଇସିଂ ମଧ୍ୟରେ ହୋଇଥିଲା । ବରପଦର ଦଳ ଟସ ଜିଣି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୭ ଓଭର ଖେଳରେ ୫ ଉଇକେଟ ହରାଇ ୪୫ ରନ ସଂଗ୍ରହ କରିଥିଲା । ଜବାବରେ ଲୋଇସିଂ ଦଳ ୬ ଓଭରରେ ୭ ଉଇକେଟ ହରାଇ ବିଜୟ ହାସଲ କରିଥିଲା । ତେଜରାଜ ଘିଭେଲା ଓ ତେଜରାଜ କହଁର ଖେଳ ପରିଚାଳନା କରିଥିଲେ । ଶିବଶଙ୍କର କାଲସେ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଧନେଶ୍ୱର ମାଝୀ ସ୍କୋରର ଥିଲେ । ପୁରସ୍କାର ବିତରଣ ସଭାରେ ଯୁବ ବିଜେଡି ନେତା ସୁଧାଂଶୁ ରଣା ମୁଖ୍ୟଅତିଥି, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ସାମାଜିକ କର୍ମୀ ପ୍ରେମରାଜ ରଣା ଓ ସରପଞ୍ଚ ଦେବେନ୍ଦ୍ର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଲୋଇସିଂ ଦଳର ସଂକୀର୍ତ୍ତନ ଭୋଇଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ବରପଦର ଦଳର ଲକି ଭୋଇଙ୍କୁ ମ୍ୟାନ ଅଫ୍ ଦି ସିରିଜ ଏବଂ ବରପଦର ଦଳକୁ ଉପବିଜେତା ଓ ଲୋଇସିଂ ଦଳକୁ ଚାମ୍ପିୟନ ଭାବେ ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କୃତ କରାଯାଇଥିଲା ।

## ଭିନ୍ନକ୍ଷମଙ୍କ ଶିକ୍ଷା ପାଇଁ ଶିକ୍ଷକ ସମ୍ମିଳନୀ

ବରପାଲି, ୨୧।୧ (ଡି.ଏନ.ଏ)

ଭିନ୍ନକ୍ଷମଙ୍କ ଶିକ୍ଷା ପାଇଁ ଆଗଲପୁର ଓ ତେଜଙ୍ଗ କ୍ଲଷ୍ଟର ସ୍ତରୀୟ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରପାଲି ଶିକ୍ଷାଧିକାରୀ ରାଜେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସିଆରସିସି ସରୋଜ ଦାଶ ଏହାକୁ ଉଦଘାଟନ କରିଥିଲେ। ଏଥିରେ ବ୍ଲକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ପଧାନ, ବିଆରଟି ମକୁନ୍ଦ ମେହେର, ରାଜେନ୍ଦ୍ର କୁମାର ମେହେର, ତାଳେଶ୍ୱର ସାହୁ ପ୍ରମୁଖ ସମସ୍ତ ସିଆରସିସି ଯୋଗଦେଇ କାର୍ଯ୍ୟକ୍ରମର ଉପାଦେୟ ଉପରେ ଆଲୋକପାତ କରିଥିଲେ ।

### ଆନ୍ତଃ କ୍ଲବ ଜୁନିୟର କ୍ରିକେଟ ପ୍ରତିଯୋଗିତା

# ଲିଟିଲ ଏଞ୍ଜେଲ, ରାଜବୋରାସମ୍ବର କ୍ରିକେଟ କ୍ଲବ ବିଜୟୀ

ବରଗଡ଼ ଅଫିସ୍,୨୧।୧

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ବରଗଡ଼ରେ ଚାଲିଥିବା ଆନ୍ତଃ କ୍ଲବ ଜୁନିୟର କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଲିଟିଲ ଏଞ୍ଜେଲ କ୍ଲବ ଏବଂ ରାଜବୋରାସମ୍ବର କ୍ଲବ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବରଗଡ଼ ବିକାଶ ଗ୍ରାଉଣ୍ଡରେ ସଂସ୍କାର କ୍ରିକେଟ୍ କ୍ଲବ ଓ ଲିଟିଲ ଏଞ୍ଜେଲ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ସଂସ୍କାର କ୍ରିକେଟ କ୍ଲବ ଟସ୍ ଜିଣି ବ୍ୟାଟିଂ ପାଇଁ ପ୍ରତିପକ୍ଷକୁ ଆମନ୍ତ୍ରଣ କରିଥିଲା। ଲିଟିଲ ଏଞ୍ଜେଲ କ୍ଲବ ବ୍ୟାଟିଂ କରି ୨୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୮୨ରନ୍ ସଂଗ୍ରହ କରିଥିଲା । ଜବାବରେ ସଂସ୍କାର କ୍ରିକେଟ୍ କ୍ଲବ ୨୮.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୯ରନ୍ ସଂଗ୍ରହ କରି ହାରିଥିଲା।

ସେହିପରି ବିଦ୍ୟାସାଗର ଗ୍ରାଉଣ୍ଡରେ ବୋରାସମ୍ବର କ୍ରିକେଟ କ୍ଲବ ଏବଂ କଟାପାଲି କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା । ରାଜବୋରାସମ୍ବର କ୍ଲବ ଟସ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୭୭ରନ୍ ସଂଗ୍ରହ କରିଥିଲା। ଜବାବରେ କଟାପାଲି କ୍ଲବ ୪୧.୨ ଓଭରରେ ସମସ୍ତ ଉଇକେଟ୍ ହରଇ ୨୩୦ରନ୍ ସଂଗ୍ରହ କରି ହାରିଥିଲା । ବୁଧବାର ବିକାଶ ଗ୍ରାଉଣ୍ଡରେ ବିଦ୍ୟାସାଗର କ୍ରିକେଟ କ୍ଲବ ଓ କମଗାଁ କ୍ରିକେଟ କ୍ଲବ ଏବଂ ବିଦ୍ୟାସାଗର ଗ୍ରାଉଣ୍ଡରେ ବିକାଶ କ୍ରିକେଟ କ୍ଲବ ଓ ସୋହେଲା କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ବୋଲେରୋ ଦୁର୍ଘଟଣାଗ୍ରସ୍ତ, ବର୍ତ୍ତିଲେ ୮ ଯାତ୍ରୀ

ଜହ୍ନାପଙ୍କ, ୨୧।୧ (ଡି.ଏନ.ଏ)

ବୌଦ୍ଧ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନଂ. ୫୭ର ଜହ୍ନାପଙ୍କ ବାହାଲ ପୋଲଠାରେ ମଙ୍ଗଳବାର ଭୋର ୩ଟା ବେଳେ ଏକ ବୋଲେରୋ (ନଂ.ଓଡି୨୭/୩୧୬୦)ର ଆଗପଟ ଏକ୍ସେଲ ଛିଣ୍ଡିଯିବାରୁ ରାସ୍ତା ଉପରେ ଓଲଟି ପଡିଥିଲା । ତେବେ ଏଥିରେ ଥିବା ୮ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏହି ଯାତ୍ରୀମାନେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତର ଏପାଖ ସେପାଖ...

### ଘଣ୍ଟିକିଆ ଗସ୍ତରେ ମିନିଟିକିଆ ଭାଷଣ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବରଗଡ଼ ଗସ୍ତରେ ଆସିଥିଲେ । ସେ ଦିନ ପ୍ରାୟ ୧୨ଟା ୩୫ମିନିଟ୍‌ରେ ଏଠାକୁ ପହଞ୍ଚି ସେ ଦିନ ପ୍ରାୟ ୧ଟା ୩୫ମିନିଟ୍‌ରେ ବରଗଡ଼ ଛାଡ଼ିଥିଲେ । ବିଭିନ୍ନ ପ୍ରକଳ୍ପର ଉଦଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଏହି ଘଣ୍ଟିକିଆ ଗସ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସଭାମଞ୍ଚରେ ଯେଉଁ ମିନିଟିକିଆ (୧ମିନିଟ୍) ଭାଷଣ ରଖିଥିଲେ, ତାହା ଚର୍ଚ୍ଚାର ବିଷୟ ହୋଇଛି ।



ମୁଖ୍ୟମନ୍ତ୍ରୀଙ୍କ ସଭାରେ ଯୋଗ ଦେଇଥିବା ଜଣେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ଡାକ୍ତରଖାନା ନିଆଯାଉଛି ।

### ସଭାମଞ୍ଚକୁ ଗଲେନି ସୁରେଶ ପୂଜାରୀ

ବରଗଡ଼ ବିଜ୍ଞାନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ସମୟରେ ବରଗଡ଼ ଲୋକସଭା ଏମପି ସୁରେଶ ପୂଜାରୀ (ଭାଜପା)ଙ୍କୁ ଦେଖିବାକୁ ମିଳିଥିଲା । ସଭାମଞ୍ଚକୁ ଆଉ ସେ ଯାଇ ନ ଥିଲେ । ସଭାମଞ୍ଚରେ ଅନୁପସ୍ଥିତି ସମ୍ପର୍କରେ ଜାଣିବାକୁ ଏମପି ପୂଜାରୀଙ୍କୁ ଯୋଗାଯୋଗ କରାଯାଇଥିଲା । ମାତ୍ର ଯୋଗାଯୋଗ ସମୟରେ ତାଙ୍କ ମୋବାଇଲ ଫୋନ୍ ବନ୍ଦ ଥିବାରୁ ମତାମତ ମିଳିପାରି ନ ଥିଲା । ସଭାପଞ୍ଚରେ ଏମପି ପୂଜାରୀଙ୍କ ଅନୁପସ୍ଥିତି ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

### ପାଣି ପାଇଁ ହେଲେ ହଟହଟା

ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ଟୁକୁର୍ଲା(ଖେଦାପାଲି) ସ୍ଥିତ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ପରିସର ଲୋକାରଣ୍ୟ ହୋଇ ପଡ଼ିଥିଲା । ସଭାସ୍ଥଳ ମଧ୍ୟ ପୋଲିସ ଛାଉଣୀରେ ରହିଥିଲା । ସେଠାରେ ପିଇବା ପାଣି ପାଇଁ ସେଭଳି କିଛି ବ୍ୟବସ୍ଥା ହୋଇ ନ ଥିବା ଯୋଗୁ ଉପସ୍ଥିତ ଲୋକଙ୍କୁ ହଟହଟା ହେବାକୁ ପଡିଥିଲା । ଏପରିକି କିଛି ପୋଲିସ କର୍ମଚାରୀ ପ୍ରେସ ଗ୍ୟାଲେରୀକୁ ଆସି ପିଇବା ପାଣି କେଉଁଠି ଅଛି ବୋଲି ପଚାରୁଥିବା ପରିଲକ୍ଷିତ ହୋଇଥିଲା ।

### ସଭାସ୍ଥଳକୁ ଆସି ଅସୁସ୍ଥ

ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ଉଦଘାଟନୀ ସମାରୋହରେ ବହୁ ଜନତାଙ୍କ ସମାଗମ ଥିଲା । ଦିନ ପ୍ରାୟ ୧୨ଟା ୩୫ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ପହଞ୍ଚିଥିଲେ। କିନ୍ତୁ ଏହାର ବହୁ ପୂର୍ବରୁ ଲୋକେ ଆସି ତାଙ୍କ ଅପେକ୍ଷାରେ ସେଠାରେ ବସିଥିଲେ । ଏହି ସମୟରେ ଜଣେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ପରେ ଉପସ୍ଥିତ ଅଗ୍ନିଶମ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲେ ଏବଂ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା ।

### ଭାଜପା ନେତା, କର୍ମୀ ଅଟକ

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପୋଲିସ ପକ୍ଷରୁ ପ୍ରତିଷେଧକମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହି କ୍ରମରେ ସମ୍ଭାବ୍ୟ ବିରୋଧ ପ୍ରଦର୍ଶନ ଆଶଙ୍କା କରି ଚିରାଚରିତ ଢ଼ଙ୍ଗରେ ପୋଲିସ କିଛି ଭାଜପା ନେତା ଓ କର୍ମୀଙ୍କୁ ଅଟକ ରଖିଥିଲା । ସେମାନଙ୍କ ମଧ୍ୟରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଅବନୀକାନ୍ତ ପଣ୍ଡା ପ୍ରମୁଖ ରହିଥିଲେ । ସଭା ସରିବା ପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲା ।

### ଘୋଷଣାକୁ ଦୋହରାଇଲେ ମୁଖ୍ୟମନ୍ତ୍ରୀ

ବରଗଡ଼ରେ କ୍ୟାନସର ହସପିଟାଲ ହେବ । ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଏହି ଘୋଷଣା କରିଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ନୂଆ ନୁହେଁ । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଫେବୃୟାରୀ ୨୧ତାରିଖରେ ସୋହେଲା ବ୍ଲକ ଇଚ୍ଛାପାଲିରେ ଅନୁଷ୍ଠିତ କାଳିଆ ସମାବେଶରେ ପ୍ରଥମେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ । ଆଉ ମାସକ ପରେ ମୁଖ୍ୟମନ୍ତ୍ରୀଙ୍କ ସେହି ଘୋଷଣାକୁ ଠିକ୍ ବର୍ଷେ ପୂରିବ। ତଥାପି ଏଥିରେ କିଛି ଅଗ୍ରଗତି ପରିଲକ୍ଷିତ ହୋଇନାହିଁ । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଏହି ଘୋଷଣାକୁ ଦୋହରାଇଥିବାରୁ ବିଳମ୍ବ ହେଲେ ମଧ୍ୟ ବରଗଡ଼ରେ କ୍ୟାନସର ହସପିଟାଲ ସ୍ଥାପନ ଆଶା ଲୋକଙ୍କ ମଧ୍ୟରେ ସଞ୍ଚାର ହୋଇଛି ।

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

**ଉଲୁଣ୍ଡା, ୨୧।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ଗ୍ରାମରେ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପ୍ରାଣୀ ବିକାଶ କେନ୍ଦ୍ର ଅଧିକାରୀ ବିକାଶ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉଲୁଣ୍ଡା ବିଭିଓ ଡ. ସତ୍ୟନାରାୟଣ ସାହୁ ଯୋଗଦେଇ ସରକାରଙ୍କ ତରଫରୁ ମାଗଣାରେ ଔଷଧ ଯୋଗାଇ ଦେବାକୁ କହିଥିଲେ। ଏହି ଅବସରରେ ଗ୍ରାମର ୧୮ଜଣ ଚାଷୀଙ୍କ ୩୦ଟି ଗାଈର ଚିକିତ୍ସା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ୨ଟି ଗାଈର କୃତ୍ରିମ ପ୍ରଜନନ କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ମାଗଣାରେ ଏହି ସୁବିଧାର ଲାଭ ଉଠାଇବାକୁ ସଚେତନ କରାଯାଇଥିଲା। ବେହେରାମାଲ ଗ୍ରାମରେ ମଧ ଏଭଳି ଏକ କାର୍ଯ୍ୟକ୍ରମ କରାଯାଇଛି।

### ରବି ଚାଷ ପାଇଁ କିଟ୍ ବଣ୍ଟନ

**ସଇଁତଲା, ୨୧।୧(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା କୃଷି କାର୍ଯ୍ୟାଳୟରେ ମଙ୍ଗଳବାର ରବିଚାଷ ପାଇଁ ଚାଷୀଙ୍କୁ କିଟ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମହିଳା, ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇ ଚାଷୀଙ୍କୁ ବିହନ କିଟ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସଇଁତଲା, ବିବିନା ପଞ୍ଚାୟତର ସରପଞ୍ଚ, କୁମ୍ଭାରୀ ସମିତି ସଭ୍ୟ, କରମତଲା ସମିତି ସଭ୍ୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଇଁତଲାର ସହକାରୀ କୃଷି ଅଧିକାରୀ ନିଶାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବଲାଙ୍ଗୀରର ସହକାରୀ କୃଷି ଅଧିକାରୀ ସୁଧାକର ନନ୍ଦ ମଞ୍ଚ ପରିଚାଳନା କରିଥିଲେ । ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଦ୍ୱାରା ରବି ଋତୁରେ ଚାଷୀଙ୍କ ଆୟକୁ ବଢ଼ାଇବା ପାଇଁ ଦିଆଯାଇଥିବା ଏହି କିଟରେ ଚଳିତ ରବି ଚାଷ ପାଇଁ ମୁଗ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୨ଜଣ ଚାଷୀଙ୍କୁ କିଟ୍ ପ୍ରଦାନ କରାଯାଇଥିଲା। ଚାଷୀଙ୍କ ପାଇଁ ବିଭାଗୀୟ ଅଧିକାରୀ ସର୍ବଦା ତତ୍ପର ରହିବା ସହ ଚାଷର ବିଭିନ୍ନ ଅସୁବିଧା ଦୂର କରିବା ପାଇଁ ଚେଷ୍ଟା କରିବା ଉଚିତ ବୋଲି ମନ୍ତ୍ରୀ କହିଥିଲେ। ରବିଚାଷ ପାଇଁ କିଟ୍ ବିଳମ୍ବରେ ମିଳିଥିବା ନେଇ ଚାଷୀମାନେ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସଇଁତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଯୁବନେତା ରାଜ କିଶୋର ଡ଼ାଙ୍ଗ, ପରମେଶ୍ୱର କର୍ମୀ, ଲକ୍ଷ୍ମଣ ସେଠ, ଛନ୍ଦା ବେହେରା, ସତ୍ୟନାରାୟଣ ସାହୁ, ଦ୍ରୌପଦୀ ପାତ୍ର, କୃଷି କାର୍ଯ୍ୟାଳୟର ସୋମନାଥ ମିଶ୍ର, ଶିବପ୍ରସାଦ ନାଗ, ଶାନ୍ତିଲତା ମିଶ୍ର, କୃଷ୍ଣା କୁମାରୀ ଦୋରାଙ୍କ ସହ କୃଷକ ଉପଦେଶ ଏବଂ ପରାମର୍ଶ ଅଧ୍ୟକ୍ଷ ଦୀପାଞ୍ଜଳି ବାରିକ ଉପସ୍ଥିତ ଥିଲେ।

# ଜଳ ସୁପରିଚାଳନା, କୃଷିର ଉନ୍ନତି ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ**

**ସୋନପୁର,୨୧।୧(ନି.ପ୍ର.)**

ସୁବର୍ଣ୍ଣପୁର କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। ଡିଆରଡିଏ ସମ୍ମିଳନୀ କକ୍ଷରେ ପାଳିତ ଏହି ଉତ୍ସବରେ ୬ଟି ବ୍ଲକର ବୃହତ, ମଧ୍ୟମ, କ୍ଷୁଦ୍ର ଓ ଉଠା ଜଳସେଚନ ଅନ୍ତର୍ଗତ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ଚାଷୀ ଯୋଗ ଦେଇଥିଲେ। ସଭାରେ କ୍ଷୁଦ୍ର ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ. କିଶୋର ଚନ୍ଦ୍ର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଣି ପଞ୍ଚାୟତ ମାଧ୍ୟମରେ ଜଳର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଳର ଅପଚୟ ନକରି କୃଷି କ୍ଷେତ୍ରରେ ବିନିଯୋଗ କରି ଚାଷୀଭାଇମାନେ ଯଥେଷ୍ଟ ଉନ୍ନତି କରିବାକୁ ମନ୍ତ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଯୋଗଦାନ କରି ଜଳସମ୍ପଦର ସୁପରିଚାଳନା ଓ ଉଦ୍ୟାନ କୃଷି ମାଧ୍ୟମରେ କୃଷକମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ବିଷୟରେ ଆଲୋଚନା କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ପାଣି ପଞ୍ଚାୟତର କର୍ମକର୍ତ୍ତାଙ୍କ ମଧ୍ୟରେ ଏକତା ଓ ସହଯୋଗ ରହିଲେ କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣା ଯାଇପାରିବ ବୋଲି କହିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପାଣି ପଞ୍ଚାୟତ ଚାଷୀଙ୍କ ସଂଗଠନ ବୋଲି କହିଥିଲେ। କେନାଲକୁ ସଫା ସୁତୁରା ରଖିବା, ରକ୍ଷଣାବେକ୍ଷଣ ଓ ଜଳର ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦିଲୀପ କୁମାର ପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଜୀବନଜିତ୍ ସେନ୍, ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ କୁମାର ଦେ, ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ତାରାକାନ୍ତ ପାତ୍ର ଓ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ଜଳ ଓ ଚାଷ ସମ୍ବନ୍ଧିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ଶିରିଶ ଚନ୍ଦ୍ର ମୁଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସଞ୍ଚିତା ମିଶ୍ର ପ୍ରଥମ, ସାହାରା ଟ୍ରଷ୍ଟ ହାଇସ୍କୁଲର ଛାତ୍ରୀ ଅଲିଭାରାଣୀ ଦାଶ ଦ୍ୱିତୀୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ବୀରମହାରାଜପୁର(ରଥପୁର)ର ସୋନାଲିକା ଦାଶ ତୃତୀୟ, କ୍ଷୁଦ୍ର ଜଳସେଚନ ବିଭାଜନସ୍ତରୀୟ ପ୍ରତିଯୋଗିତାରେ ସଞ୍ଚିତା ମିଶ୍ର ପ୍ରଥମ, ସୋନାଲିକା ଦାଶ ଦ୍ୱିତୀୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ତରଭା(ଜାମକାନି)ର କପିଳଦେବ କରଣ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସଚେତନତା ସଭା ପୂର୍ବରୁ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, କୃଷି ବିଜ୍ଞାନ କେନ୍ଦ୍ର ଓ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଖୋଲା ଯାଇଥିବା ପ୍ରଦର୍ଶନୀକୁ ମନ୍ତ୍ରୀ ପୂଜାରୀ ଉଦ୍‌ଘାଟନ କରିଥିଲେ । କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ରଞ୍ଜନ କୁମାର ଦଳେଇ, ଘନଶ୍ୟାମ ଭୋଇ, କନିଷ୍ଠ ଯନ୍ତ୍ରୀ ଇଂ. ଦିଲ୍ଲିପ କୁମାର ପରିଡା ଓ କବିନ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଉପସ୍ଥିତ ଅତିଥି ବୃନ୍ଦ।

## ମହିଳା କଲେଜର ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ

**ଅମରପାଲି, ୨୧।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ସ୍ଥାନୀୟ ବିଧାୟକ ତଥା ଯୋଜନା ଓ ସଂଯୋଜନା ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଶ୍ରେଣୀ ଗୃହର ନିର୍ମାଣ ହୋଇଥିବା ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ରାଉତ, କଲେଜ ପରିଚାଳନା କମିଟି କର୍ମକର୍ତ୍ତା ରଞ୍ଜିତ କୁମାର ରଥ, ଧ୍ରୁବଚରଣ ଦାଶ, ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ, ଭୂଷଣ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଉକ୍ତ କଲେଜର ଏକ ହଲ ପାଇଁ ମନ୍ତ୍ରୀ ଭତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



ଜିଲାପାଳ ମୋନିଷା ବାନାର୍ଜୀ ଶିଶୁକନ୍ୟାଙ୍କୁ ହସ୍ତାନ୍ତର କରୁଛନ୍ତି।

## ଶିଖାକୁ ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ଦିଲ୍ଲୀର ଦମ୍ପତି

**ସୋନପୁର,୨୧।୧(ନି.ପ୍ର.)**

ସୋନପୁର ପଟାଭାଡ଼ିସ୍ଥିତ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଶିଖା(ଶିଶୁ କନ୍ୟା)କୁ ଦିଲ୍ଲୀର ଏକ ଦମ୍ପତି ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ ପ୍ରକୋଷ୍ଠରେ ଜିଲାପାଳ ମୋନିଷା ବାନାର୍ଜୀ ଶିଖାକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ୪ ମାସ ହେଲା ଶିଶୁଟି ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରହୁଥିଲା। ଗତ ୨୦୧୯ ଡିସେମ୍ବର ୨୦ରେ ପୌଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ ହେବା ପରେ ମଙ୍ଗଳବାର ଶିଶୁକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ, ଶିଶୁ ମଙ୍ଗଳ କମିଟିର ସଭ୍ୟ ମଦୁସୂଦନ ପ୍ରଧାନ, ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଆଇନ ପରାମର୍ଶ ଦାତା ହେମନ୍ତ କୁମାର ସା ଓ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ମୃତ୍ୟୁଞ୍ଜୟ ଭୁଜବଳ ଏବଂ ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପକ୍କାରାସ୍ତା ନିର୍ମାଣ ଦାବିରେ ଧାରଣା

**କଣ୍ଟାବାଞ୍ଜି, ୨୧।୧(ଡି.ଏନ.ଏ.)**

ତୁରେକେଲା ବ୍ଲକ ଚଟୁଆନକା ପଞ୍ଚାୟତର ବେହେରେନସିଲେଟ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଗ୍ରାମବାସୀ ଗାଁକୁ ସୁବିଦିନିଆ ରାସ୍ତା ନିର୍ମାଣ ଦାବି କରି ବିଭିନ୍ନ ସମୟରେ ବ୍ଲକ ତଥା ଜିଲା ପ୍ରଶାସନକୁ ଲିଖିତଭାବେ ଜଣାଇଛନ୍ତି। ହେଲେ ଏଥିରେ କୌଣସି ସୁଫଳ ମିଳିନାହିଁ। ଗ୍ରାମର ଲିମାଇ ଚରଣ ମହତ ଗାଁକୁ ରାସ୍ତା ନିର୍ମାଣ ଦାବି କରି ମଙ୍ଗଳବାର କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ତାଙ୍କ ସହ ଗାଁର ରଂଜୁ ରାଏମନ, ପିଙ୍କି ଖର୍ସେଲ, ଧନମତି ଓ ଗାଁର ଶତାଧିକ ମହିଳା ପୁରୁଷ ସାମିଲ ହୋଇଛନ୍ତି। କଣ୍ଟାବାଞ୍ଜିରୁ ବେହେରେନସିଲେଟକୁ ପକ୍କାରାସ୍ତା, ବେହେରେନସିଲେଟରୁ ପଞ୍ଚାୟତ ସଦର ମହକୁମାକୁ ଆରଡି ରାସ୍ତା ସହ ଭିମାଗୁଡ଼ିରୁ ନାଏକପଡା ଯାଏ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଏହି ଅବସରରେ ଦାବି କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ସମ୍ବଲପୁର ଚାମ୍ପିୟନ

**ଅମରପାଲି, ୨୧।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାଠାରେ ଚାଲିଥିବା ଚତୁର୍ଥ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଲିଟୁୱାରିୟର ଅନୁଗୋଳକୁ ହରାଇ ଏମଏମସିସି ସମ୍ବଲପୁର ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ତିନୋଟି ଫର୍ମାଟରେ ଖେଳାଯାଇଥିଲା। ଟସ୍ ଜିଣି ଅନୁଗୋଳ ପ୍ରଥମ ଫର୍ମାଟରେ ବ୍ୟାଟିଂ କରି ୧୨ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ କରିଥିଲା। ଜବାବରେ ସମ୍ବଲପୁର ଆବଶ୍ୟକ ୮୧ ରନକୁ ୫ ଉଇକେଟ ବିନିମୟରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ଫର୍ମାଟରେ ଅନୁଗୋଳ ନିର୍ଦ୍ଧାରିତ ୮ ଓଭରରେ ୨ ଉଇକେଟ ହରାଇ ୧୧୪ ରନ କରିଥିଲା। ଜବାବରେ ସମ୍ବଲପୁର ଦଳ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୧୧୧ ରନ କରି ପରାସ୍ତ ହୋଇଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପର-୨ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ସମ୍ବଲପୁର ପ୍ରଥମେ ୧୮ ରନ କରିଥିବା ବେଳେ ଅନୁଗୋଳ ୧୫ ରନ କରି ପରାସ୍ତ ହୋଇଥିଲା। ଫଳରେ ସମ୍ବଲପୁର ଦଳ ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ସଭାପତି ଦେବାଶିଷ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ହିମାଂଶୁ ପଧାନ, ଚକ୍ରଧର ପଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁରର ଆକାଶଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ଆକାଶ ଚନ୍ଦନଙ୍କୁ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସମ୍ବଲପୁର ଦଳକୁ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ଅନୁଗୋଳକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଚ୍ୟୁତାନନ୍ଦ ସାହୁ ସଂଯୋଜନା କରିଥିଲେ । ପ୍ରଦୀପ ଓ ରାମାନନ୍ଦ ମ୍ୟାଚ ପରିଚାଳନା କରିଥିବା ବେଳେ ଶ୍ରୀଦାସ ବାରିକ ସ୍କୋରିଂ ଏବଂ ସଚିତ ଓ ସୁମନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ।




ଚାମ୍ପିୟନ ସମ୍ବଲପୁର ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ବ୍ଲକସ୍ତରୀୟ ଫୁଟବଲ: ବାବୁପାଲି ଚାମ୍ପିୟନ

**ବିନିକା,୨୧।୧(ଡି.ଏନ୍.ଏ.)**

ବିନିକା ବ୍ଲକ ସିଂଘିଝୁବା ଗ୍ରାମ ଖେଳ ପଡିଆରେ ସୋନପୁର ନେହେରୁ ଯୁବକେନ୍ଦ୍ର ଓ ସିଂଘିଝୁବା ବଜରଙ୍ଗ ସ୍ପୋର୍ଟ୍‌ସ କ୍ଲବ୍ ଆନୁକୂଲ୍ୟରେ ମଙ୍ଗଳବାର ବ୍ଲକସ୍ତରୀୟ ଏକଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୮ଟି ପଞ୍ଚାୟତର ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ।ପ୍ରଥମ ପର୍ଯ୍ୟାୟ ଖେଳ ବାଙ୍କିଘିର୍ଡି ବନାମ ଭଣ୍ଡାର, ମେଘଲା ବନାମ ସିନ୍ଦୁରପୁର, ସିଂଘିଝୁବା ବନାମ ଚରଦା ଓ ବାବୁପାଲି ବନାମ କଏଁତରା ମଧ୍ୟରେ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଖେଳରେ ବାଙ୍କିଘିର୍ଡି, ସିନ୍ଦୁରପୁର, ସିଂଘିଝୁବା ଓ ବାବୁପାଲି ପ୍ରତିପକ୍ଷ ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ପରେ ସେମିଫାଇନାଲ ଖେଳ ବାଙ୍କିଘିର୍ଡି ବନାମ ସିନ୍ଦୁରପୁର ଓ ସିଂଘିଝୁବା ବନାମ ବାବୁପାଲି ମଧ୍ୟରେ ହୋଇଥିଲା । ଏଥିରେ ବାଙ୍କିଘିର୍ଡି ଏବଂ ବାବୁପାଲି ପ୍ରତିପକ୍ଷ ଦଳକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ । ଫାଇନାଲ ଖେଳରେ ବାବୁପାଲି ଫୁଟବଲ ଦଳ ପ୍ରତିପକ୍ଷ ବାଙ୍କିଘିର୍ଡି ଦଳକୁ ୩-୨ ଗୋଲ୍‌ରେ ପରାସ୍ତ କରି ଚାମ୍ପିୟନ ବିବେଚିତ ହୋଇଥିଲା। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ସମ୍ମାନୀତ ଅତିଥି ସିଂଘିଝୁବା ପ୍ୟାକ୍ସ ସଭାପତି ମନୋଜ କୁମାର ସାହୁ, ସାମାଜିକ କର୍ମୀ ଦେବକୀ ନନ୍ଦନ ମିଶ୍ର, କ୍ଷୀରସାଗର ବିଭାର, ବିପ୍ଳବ ଜନ ଦାଶ, ଗଣ୍ଡାରାମ ଭୋଇ ଯୋଗ ଦେଇଥିଲେ । ଅତିଥିମାନେ ବିଜେତା ଦଳ ବାବୁପାଲି ଓ ଉପବିଜେତା ବାଙ୍କିଘିର୍ଡି ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ବାଙ୍କିଘିର୍ଡିର ଶିବ ଭୋଇଙ୍କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରା ଯାଇଥିଲା। ରେଫରୀ ଭାବେ ଟିକୁ ବଡପଣ୍ଡା, ଆନନ୍ଦ ରାଉତ୍, ସୁଶାନ୍ତ ସାହୁ ଖେଳ ପରିଚାଳନା କରିଥିଲେ । ଖେଳର ଧାରା ବିବରଣୀ ରାଜେନ୍ଦ୍ର ସାଲମା ପ୍ରଦାନ କରିଥିଲେ।



ଚାମ୍ପିୟନ ବାବୁପାଲି ଦଳର ଖେଳାଳିମାନେ।

## ମହଦା ପ୍ୟାକ୍ସର ନବନିର୍ମିତ ଅଫିସ୍ ଗୃହ ଉଦ୍‌ଘାଟିତ

**ବିନିକା, ୨୧।୧(ଡି.ଏନ୍.ଏ.)**

୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା କୃଷି ସମବାୟ ସମିତିର ନବନିର୍ମିତ କାର୍ଯ୍ୟାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ୟାକ୍ସଗୃହର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପନିବନ୍ଧକ ସମବାୟ ସମିତି ସମୂହ ବଲାଙ୍ଗୀର ପ୍ରଶାନ୍ତ କୁମାର ମହାନ୍ତି, ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ସୋନପୁର ଗିରୀଶ ଚନ୍ଦ୍ର ପୁରୋହିତ, ସମବାୟ ସମ୍ପ୍ରସାରଣ ଅଧିକାରୀ ବିନିକା ଅକ୍ଷୟ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ । ଉଦ୍‌ଘାଟନୀ ଅବସରରେ ପ୍ୟାକ୍ସ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା । ପ୍ୟାକ୍ସ ଅଞ୍ଚଳର ଶତାଧିକ ଉପସ୍ଥିତ ଥିଲେ । ମହଦା ପ୍ୟାକ୍ସ ସଭାପତି ଲକ୍ଷ୍ମଣ ବିଶ୍ୱାଳଙ୍କ ସଭାପତିତ୍ୱ ଓ ସମ୍ପାଦକ ନାରାୟଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସଭା ଆୟୋଜିତ ହୋଇଥିଲା। ସଭାମଞ୍ଚକୁ ଧରମ ବିଶ୍ୱାଳ ଓ ଜିତେନ୍ଦ୍ର ହୋତା ପରିଚାଳନା କରିଥିଲେ।

## ପଞ୍ଚାୟତ ସମିତି ହାଇସ୍କୁଲରେ ମକ୍‌ଡ୍ରିଲ

**ଉଲୁଣ୍ଡା, ୨୧।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦରଠାରେ ଥିବା ପଞ୍ଚାୟତ ସମିତି ହାଇସ୍କୁଲରେ ଅଗ୍ନିଶମ ବିଭାଗ ତରଫରୁ ମକଡ୍ରିଲ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମ ଅଧିକାରୀ ଭରତଲାଲ ଏକ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିପଦପୂର୍ଣ୍ଣ ପରିସ୍ଥିତିରୁ କିପରି ରକ୍ଷା ମିଳି ପାରିବ ତାହା ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷକ ପ୍ରଶନ୍ନ କୁମାର ଶତପଥୀ, ପ୍ରଫୁଲ୍ଲ ପୂଝାରୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଅଗ୍ନିଶମ ବିଭାଗର କର୍ମଚାରୀ ରମେଶ ସେଠୀ, କର୍ମା ଖାଲକୁ, ବିରାଜ ତିର୍କୀ, ପ୍ରଦୀପ ମେଣ୍ଡଲି ଅଗ୍ନି ନିର୍ବାପକ ଉପରେ କୌଶଳ ପ୍ରଦର୍ଶନ କରିଥିଲେ। ଏଥିସହ ନିଆଁରୁ ବର୍ତ୍ତିବା, ସାପ କାମୁଡା, ବଜ୍ରପାତ, ଘରପୋଡି, ଦୁର୍ଘଟଣା ଆଦି ବିପତ୍ତିରୁ କିପରି ରକ୍ଷା କରାଯାଇ ପାରିବ ଛାତ୍ରୀଛାତ୍ରଙ୍କୁ କୌଶଳ ପ୍ରଦର୍ଶନ କରିଥିଲେ। ଉନ ପଧାନ, ସିବ ରଣା, ଗୋପାଳ ମହାକୁର, ସରୋଜ କର୍ଣ୍ଣ, ଶିକ୍ଷୟିତ୍ରୀ ନଳିନୀ କୁମ୍ଭାର, ସତ୍ୟଭାମା ପଧାନ, ସୋଭାଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଭକ୍ତରାମ ମେହେର ଧନ୍ୟବାଦ ଦେଇଥିଲେ।



ଅଗ୍ନିଶମ କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରୁଛନ୍ତି।

## ୨୪ରେ ସୋନପୁରରେ ବଦଲା ନେବ ଶଳାବୁଢ଼ା

**ସୋନପୁର,୨୧।୧(ନି.ପ୍ର.)**

ଆସନ୍ତା ୨୪ ତାରିଖ ସୋନପୁରରେ ମୁକ୍ତିଲାଭ କରିବ ବହୁ ପ୍ରତିକ୍ଷିତ କୋସଲି-ସମ୍ବଲପୁରୀ ଚଳଚ୍ଚିତ୍ର ଶଳାବୁଢାର ବଦଲା। ଏହା ଓଡିଶାର ପ୍ରଥମ ଓ ଭାରତର ଦ୍ୱିତୀୟ ଟ୍ରାଇଲୋଜି ବୋଲି ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା-ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସିରିଜ୍‌ରେ ପ୍ରଥମେ ଶଳାବୁଢା, ଦ୍ୱିତୀୟରେ ଆଦିମ ବିଚାର ଚଳଚ୍ଚିତ୍ର ମୁକ୍ତିଲାଭ କରି ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରିଥିଲା। ଏହି ଦୁଇ ଚଳଚ୍ଚିତ୍ର ପୃଥିବୀର ଅଧା ଦେଶର ଚଳଚ୍ଚିତ୍ର ମହୋତ୍ସବଗୁଡିକରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହେବା ସହ ସୁନାମ ଅର୍ଜନ କରିଥିଲା। ପଶ୍ଚିମ ଓଡିଶାର ଲୋକକଳା-ସଂସ୍କୃତି ଓ ପ୍ରେମର ଶାଶ୍ୱତ ପ୍ରବାହକୁ ନେଇ ଶଳାବୁଢାର ବଦଲା ମଧ ବେଶ ଲୋକପ୍ରିୟ ହେବ ବୋଲି ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି। ଆନ୍ତର୍ଜାତିକ ପୁରସ୍କାର ଲାଭ କରିଥିବା ପ୍ରଥମ କୋସଲି ଚଳଚ୍ଚିତ୍ର ଭୁଖାର ପ୍ରାୟ ୩୦ବର୍ଷ ପରେ ଦ୍ୱିତୀୟ କୋସଲି ଚଳଚ୍ଚିତ୍ର ରିଲିଜ୍ ହେଉଛି। ଏହି ଚଳଚ୍ଚିତ୍ରରେ ସମୁଦାୟ ୯ଟି ଗୀତ ରହିଥିବା ସୂଚନା ଦେଇଛନ୍ତି। ସ୍ୱର୍ଗତ କପିଳେଶ୍ୱର ମହାପାତ୍ରଙ୍କ ରଚିତ ତଥା କାହାଣୀ ଉପରେ ପର୍ଯ୍ୟବେକ୍ଷିତ ଏହି ଚଳଚ୍ଚିତ୍ର ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ତାଙ୍କ ନୀତି, ଆଦର୍ଶକୁ ପୁନଃ ସ୍ଥାପିତ କରିବାରେ ଏହି ଚଳଚ୍ଚିତ୍ର ବିଶେଷ ଗୁରୁତ୍ୱ ବହନ କରିବ। ନୂଆ କାହାଣୀକୁ ଦର୍ଶକ ଉପଭୋଗ କରିବେ ବୋଲି ମହାପାତ୍ର କହିଛନ୍ତି। ନିର୍ଦ୍ଦେଶକ ସଙ୍ଗୀତ ନିର୍ଦ୍ଦେଶନା ପଙ୍କଜ ଜାଲ ଦେଇଥିବା ବେଳେ ଏଥିରେ ପୂର୍ବ ଚଳଚ୍ଚିତ୍ର ଭଳି ସୁବର୍ଣ୍ଣପୁର ଜିଲାର ବହୁ କଳାକାରଙ୍କୁ ସୁଯୋଗ ଦିଆଯାଇଛି। ଜିଲାର ଅଧିକାଂଶ ସ୍ଥାନରେ ସୁଟିଂ ମଧ କରାଯାଇଛି ବୋଲି କହିଥିଲେ। ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସୁବର୍ଣ୍ଣପୁର ଜିଲା ବିନିକାର ବରିଷ୍ଠ କଳାକାର ଡ. ଅଟଳ ବିହାରୀ ପଣ୍ଡା ଅଭିନୟ କରିଛନ୍ତି। ଶଳାବୁଢା ଭଳି ଜଣେ ମାନବବାଦୀ ଚରିତ୍ର କିଭଳି ନିଆରା ଢଙ୍ଗରେ ବଦଳା ନେଇଛି ଏହା ହିଁ ଚଳଚ୍ଚିତ୍ରର ମୁଖ୍ୟ କଥାବସ୍ତୁ । ଆସନ୍ତା ୨୪ ତାରିଖ ସୋନପୁରର ସମଲେଇ ସିନେମା ହଲରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ ବୋଲି ମହାପାତ୍ର ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଚଳଚ୍ଚିତ୍ରର ସହକାରୀ ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ଓ ଅଭିନେତା ପ୍ରଦ୍ୟୁମ୍ନ ସାହୁ ଉପସ୍ଥିତ ଥିଲେ।




ସବ୍ୟସାଚୀ ମହାପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ବଢୁଛି ବେଆଇନ ମୋରମ ଚାଲାଣ

**ଲୋଇସିଂହା,୨୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଞ୍ଚଳରେ ଦିନକୁ ଦିନ ବେଆଇନ ମୋରୁମ ଚାଲାଣ ବଢୁଥିବା ଅଭିଯୋଗ ହୋଇଛି। ଏ ଦିଗରେ ତହସିଲ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ଏତଦ୍‌ବ୍ୟତୀତ ଲୋଇସିଂହା ସୀମାବର୍ତ୍ତୀ ଅଞ୍ଚଳର ପାହାଡକୁ କାଟି ମୋରୁମ ଉଠାଯାଉଥିବାରୁ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଏ ଦିଗରେ ସ୍ଥାନୀୟ ତହସିଲଦାର ଓ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



### ଅବ୍ୟବସ୍ଥାରେ ଚାଲିଛି ଏସ୍‌ବିଆଇ ଏଟିଏମ୍

**ଲୋଇସିଂହା,୨୧।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବସଷ୍ଟାଣ୍ଡସ୍ଥିତ ଏସବିଆଇ ଏଟିଏମ ଅବ୍ୟବସ୍ଥା ସୁଧୁରୁ ନାହିଁ। ଏଟିଏମ ଶର୍ଟରକୁ ଛୁଇଲେ କରେଣ୍ଟ ମାରୁଛି। ଫଳରେ ଉପଭୋକ୍ତାଙ୍କ ଜୀବନ ପ୍ରତି ବିପଦ ରହିଛି। ଏଟିଏମ ସୁପରିଚାଳନା କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅଭିଯୋଗମତେ, ଲୋଇସିଂହାରେ ଏସବିଆଇର ୨ଟି ଏଟିଏମ ରହିଛି। ଗୋଟିଏ ଏସବିଆଇ ବ୍ୟାଙ୍କ ପରିସରରେ ଓ ଅନ୍ୟଟି ବସ୍‌ଷ୍ଟାଣ୍ଡଠାରେ ରହିଛି। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଉପରେ ସମ୍ପୃକ୍ତ ଏଟିଏମ ଥିବାରୁ ସ୍ଥାନୀୟ ଉପଭୋକ୍ତା ଓ ରାଜପଥ ଯାତ୍ରୀମାନେ ଜରୁରି ସମୟରେ ବ୍ୟବହାର କରୁଛନ୍ତି। ହେଲେ ପରିଚାଳନାଗତ ଅବ୍ୟବସ୍ଥା ଅନେକ ସମୟରେ ଦେଖିବାକୁ ମିଳେ। ଏଠାରେ ବହୁ ସମୟରେ ଏଟିଏମରେ ଟଙ୍କା ନ ରହିବା ଓ ନାନା ଅବ୍ୟସ୍ଥାକୁ ନେଇ ସାଧରାଣରେ ଅସନ୍ତୋଷ ପ୍ରକାଶ ପାଇ ଆସୁଛି। ବସଷ୍ଟାଣ୍ଡଠାରେ ଥିବା ଏଟିଏମ୍‌ରେ ପୁରୁଣା ମେଶିନକୁ ବଦଳାଇ ସ୍ୱିଡ ମେଶିନ ବସାଯାଇଛି। ହେଲେ ଉକ୍ତ ଏଟିଏମ ଶର୍ଟର ଦୀର୍ଘମାସ ହେଲା ଅଧଖପା ଅବସ୍ଥାରେ ରହିଛି। ଏହା ମରାମତି କରାଯାଉ ନାହିଁ। ତେଣୁ ଅନେକ ସମୟରେ ଉପଭୋକ୍ତା ମୁଣ୍ଡରେ ବାଜୁଥିବା ଅଭିଯୋଗ ହୋଇ ଆସୁଛି। ଏହାବାଦ ଉକ୍ତ ଶର୍ଟରରେ ବହୁଦିନ ହେଲା ବିଦ୍ୟୁତ୍ ଶଟ୍ ରହି କରେଣ୍ଟ ଲାଗୁଛି। ଏଥିପାଇଁ ଉପଭୋକ୍ତମାନେ ଏଟିଏମ୍‌କୁ ଗଲାବେଳେ ସତର୍କତା ଅବଲମ୍ବନ କରୁଛନ୍ତି। ଯଦି କୌଣସି ସମୟରେ କେହି ଅସାବଧାନ ହୋଇଯାଇ ତେବେ ବିପଦକୁ ଏଡାଇ ଦିଆଯାଇ ନ ପାରେ। ଏ ନେଇ ଲୋଇସିଂହା ଏସବିଆଇ ଶାଖା କର୍ତ୍ତୃପକ୍ଷଙ୍କ ଟୋଲଫ୍ରି ନମ୍ବରରେ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ସରୋଜ ବିଶ୍ୱା ଅଭିଯୋଗ କରିଛନ୍ତି। ଏଥିପ୍ରତି ବଲାଙ୍ଗୀର ରିଜିୟନାଲ ମ୍ୟାନେଜର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# 'ନାଟକ ମାଧ୍ୟମରେ ଭାଇଚାରା ପ୍ରତିଷ୍ଠା ହେଉଛି'

**ବଲାଙ୍ଗୀର ଅଫିସ, ୨୧।୧**

ସର୍ବଭାରତୀୟ ବହୁଭାଷୀ ନାଟକ ଉତ୍ସବ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ପୂର୍ତ୍ତ, ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ନାଟକ ମାଧ୍ୟମରେ ଭାଇଚାରା ପ୍ରତିଷ୍ଠା ସମ୍ଭବ ବୋଲି କହିଥିଲେ। ମଠଖାଇ ମହୋତ୍ସବ ମାଧ୍ୟମରେ ଆମ ସମାଜରେ ସାଂସ୍କୃତିକ ଓ ସାମାଜିକ ଆନ୍ଦୋଳନ ହେଉଛି ଓ ଏହାଦ୍ୱାରା ଆମେ ସମସ୍ତେ ଲାଭବାନ୍ ହେଉଛୁ ବୋଲି କହିଥିଲେ। ଆୟୋଜକ ମଠଖାଇ ମହୋତ୍ସବ କମିଟି ଓ ଭୂମିକା ପରିବାରକୁ ଶୁଭେଚ୍ଛା ଜଣାଇଥିଲେ। ଏଭଳି କାର୍ଯ୍ୟକ୍ରମ ପାଇଁ ସେ ଏବଂ ତାଙ୍କ ବିଭାଗ ଆଗକୁ ମଧ୍ୟ ସମର୍ଥନ ଓ ସହଯୋଗ ଜାରି ରଖିବେ ବୋଲି କହିଥିଲେ। ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମନ୍ତ୍ରୀ ମଲ୍ଲିକଙ୍କ ସହ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଅତିଥି ଦର୍ଜୀ ତାଙ୍କ ଅଭିଭାଷଣରେ ମଠଖାଇ ମହୋତ୍ସବ ସାଂସ୍କୃତିକ ଚେତନା ଜାଗ୍ରତ କରୁଛି ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ବିଧାୟକ ମିଶ୍ର ମଠଖାଇ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବାକୁ ଯାଇ ନାଟକ, କଳା ଓ ସାଂସ୍କୃତି ଜରିଆରେ ସମାଜରେ ଭାଇଚାରା ପ୍ରତିଷ୍ଠା ଓ ବଲାଙ୍ଗୀରର ଉନ୍ନତି ହିଁ ଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସହଯୋଗ ଓ ବଲାଙ୍ଗୀରବାସୀଙ୍କ ସମର୍ଥନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗିନିଜ୍ ବୁକ୍ ରେକର୍ଡ ଅଧିକାରୀ ଅମନ୍ ଛତ୍ରିଆଙ୍କୁ ଅତିଥିମାନେ ମଠଖାଇ ସମ୍ମାନରେ ସମ୍ମାନିତ କରିଥିଲେ। ଏହା ସହିତ କୋଶଲୀ ଚଳଚ୍ଚିତ୍ର ଝରନ୍‌ର କଳାକାରମାନଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ବଲାଙ୍ଗୀର ଢ଼ୋଲ ମୁହୁରୀ ଅନୁଷ୍ଠାନ ତରଫରୁ ବଜନିଆ ନୃତ୍ୟ ପରିବେଷଣ କରାଯାଇଥିଲା। ମଠଖାଇ ମହୋତ୍ସବର ତୃତୀୟ ଦିନ ମଞ୍ଚକୁ ଦିବଙ୍ଗତ ଯୁବ କଳାକାର ତଥା ଭୂମିକା ସଦସ୍ୟ ମନୋଜ ମିଶ୍ରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ତୃତୀୟ ଦିନର ସଭାକୁ ଅଖିଳ ହୋତା ପରିଚାଳନା କରିଥିଲେ। ପୂର୍ବାହ୍ନରେ କୋଶଳ କଳାମଣ୍ଡଳ ପୁରୁଣା ମଞ୍ଚରେ ଏନ୍‌ଏସ୍‌ଡିଏନ୍ ରାମଚନ୍ଦ୍ର ସାହୁ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ପ୍ରଦର୍ଶନ ଭିତ୍ତିକ ବକ୍ତୃତା ଦେଇ ମଞ୍ଚ ନାଟକ ସମ୍ପର୍କରେ ଆଲୋଚନା କରିଥିଲେ।



ଅତିଥିମାନେ ଗିନିଜ୍ ବୁକ୍ ଅଫ୍ ରେକର୍ଡଧାରୀ ଅମନ ଛତ୍ରିଆଙ୍କୁ ମଠଖାଇ ସମ୍ମାନରେ ସମ୍ମାନିତ କରୁଛନ୍ତି।

**ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା**

### ନିର୍ଭୀକତାର ସହ ପରୀକ୍ଷା ସାମ୍ନା କରିବାକୁ ପରାମର୍ଶ

**ଲୋଇସିଂହା,୨୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ)ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ମାନସ ମନ୍ଥନ ଶିବିର ଚାଲିଛି। ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଦକ୍ଷ ବିଷୟଭିତ୍ତିକ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଆଗାମୀ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ମଙ୍ଗଳବାର ଶିବିରର ଦ୍ୱିତୀୟ ଦିବସରେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) କାର୍ତ୍ତିକେଶ୍ୱର ଲେଙ୍କା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ସମୟରେ ଭୟଭୀତ ନ ହୋଇ ନିର୍ଭିକତାର ସହ ସାମନା କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛତ୍ରମାନେ ଆଗାମୀ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିବେ ସେ ଦିଗରେ ଉଦ୍ୟମ କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପୂର୍ବରୁ ଡିଇଓ ଲେଙ୍କା ଲୋଇସିଂହା ବାଳିକା ବିଦ୍ୟାଳୟଠାରେ ଅନୁଷ୍ଠିତ ମାନସ ମନ୍ଥନ ଶିବିରରେ ଯୋଗଦେଇଥିଲେ।

## ପହଣ୍ଡି ଗାଁରେ ପରିମଲ ବେବସ୍ତା ବାଟ୍‌ବନା

**ଡୁଙ୍ଗୁରିପାଲି, ୨୧।୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଁଚେତ୍ ପହଣ୍ଡି ଗାଁରେ ଗାଁ କଲ୍ୟାଣ ସମିତି ବାଟ୍‌ବନା ହେଇଛେ। ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇ ଯୋଜନା ଜରିଆରେ ଗାଁର ପରିମଲ ବେବସ୍ତା, ନଲଚୁଆଁ ସଫେଇ, ରୁଗୀକୁଁ ସୁଆସ୍ତିଅ ସେବା ଯୁଗେଇ ଦେବାର କଥା। ହେଲେ ପହଣ୍ଡି ଗାଁରେ ସରକାରକଁର ଇ ଯୋଜନା ଫେଲ ମାରିଥିବାର ଗାଁବାସୀ ଅଭିଯୋଗ କରିଛନ୍। ସୂଚନା ଅନ୍‌ସାରେ ସୁନାପାଲି ପଁଚେତ୍ ପହଣ୍ଡି ଗାଁରେ ଅଲପ ବରଷାରେ ବି ଗାଁଖୁଲିରେ ଅାଁଠେ ପାଏନ୍ ଦିନ୍ ଦିନ୍ ଚୁଡ଼ି ରହୁଛେ। ଏନ୍‌ତାଥି ଗାଁର ପରିବେଶ ଦୂଷିତ ହେଉଛେ। ସେନ୍‌ତା ଗାଁର ଚର୍‌ହିକୁତି ମଏଲା ଜଗଡ଼ ଭରନ୍ ଭରନ୍ ପଡ଼ିଛେ। ହେଲେ ଇ ଦିଗେ ଅଙ୍ଗନୱାଡି କରମୀ କି ଜନପରତିନିଧି କେହି ଧିଆନ୍ ନାଇଁ ଦେଉଥିବାର ଅଭିଯୋଗ ହେଉଛେ। ଅନେକ ସମିଆରେ ଗାଁଖୁଲିରେ ପାଏନ୍ ଚୁଡ଼ି ରହିବାର ଲାଗି ନାନା ପୋକ୍ କିରଂଗା, ମଶାମାଛି ନିଜର ବଉଁଶ ବଢ଼ଉଛନ୍। ଏନ୍‌ତାଥି ଗାଁର ପରିବେଶ ଦୂଷିତ ହେବାର ସଂଗେ ଲୋକ୍ ନାନା ରୋଗ୍ ବେମାରିରେ ପଡ଼ୁଛଡ଼୍। ଗାଁର ୱାର୍ଡ ମେମର ଲଲିତ ପଧାନ ଇ ବାବ୍‌ଦେ ସରପଁଚ୍‌କୁଁ ଆର ବ୍ଲକରେ ଅନେକ ଥର ଜିଲାପାଳକଁର ଅଭିଯୋଗ ଶୁନାନିରେ କଥା ଉଠେଇଥିବାର କହିଛନ୍। ସେନ୍‌ତା ଗାଁ କଲ୍ୟାଣ ସମିତିର ମାସିକ ବଇଠକ୍ ଫିମାସର ଶେଷ ଗୁରୁବାର ବସିବାର କଥା। ହେଲେ ଗାଁ କଲ୍ୟାଣ ସମିତି ଗଠନ ହେଲା ଦିନୁ ବଇଠକ୍ ନାଇଁ ବସିଥିବାର ଗାଁର ଦୁଶା ପଧାନ ଅଭିଯୋଗ କରିଛନ୍। ଇ ବାବ୍‌ଦେ ମତାମତ ଲାଗି ଥାନୀଅ ବିଡିଓ ଆର ସିଡିପିଓକୁଁ ତାକର ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ବି ସ୍ୱିଚ୍‌ଅଫ୍ ଥିବାର ଲାଗି ମତାମତ ନାଇଁ ମିଳିପାରି। ଇ ଦିଗେ ଥାନୀଅ ପରଶାସନ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।


ଗାଁର ଅଙ୍ଗନୱାଡି ଆଘେ ଜଗଡ଼ା ଗଦା ହେଇଛେ।

## ସ୍ୱାର୍ଥ ପାଇଁ ଗାନ୍ଧିଜୀଙ୍କୁ ବ୍ୟବହାର କରନାହିଁ

**ବଲାଙ୍ଗୀର ଅଫିସ, ୨୧।୧**

- ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟାର ନାଟକ ଗାନ୍ଧୀଚୌକ ମଞ୍ଚସ୍ଥ
- ଲରିଆ ଭାଷାରେ କୃତଜ୍ଞତା ଜଣାଇଲେ କୁସୁମ ମିଶ୍ର

ସର୍ବଭାରତୀୟ ବହୁଭାଷୀ ମଞ୍ଚ ନାଟକ ସମାରୋହ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଛତିଶଗଡ ପ୍ରଦେଶ ରାୟଗଡର ଇଣ୍ଡିଆନ୍ ପିପୁଲ ଥିଏଟର ଆସୋସିଏଶନ୍‌ର ବହୁଚର୍ଚ୍ଚିତ ହିନ୍ଦୀ ନାଟକ ଗାନ୍ଧୀଚୌକ ମଞ୍ଚସ୍ଥ ହୋଇଥିଲା। ଅଶୋକ ମିଶ୍ରଙ୍କ ରଚିତ ଓ ଅଜୟ ଆଟଲେଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ଗାନ୍ଧୀଚୌକ ଦର୍ଶକଙ୍କୁ ଏକ ନିଆରା ବାର୍ତ୍ତା ଦେଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷରେ ଗାନ୍ଧୀ ଦର୍ଶନ ଓ ବିଚାରକୁ ନେଇ ପରିବେଷିତ ଏହି ନାଟକ ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। ଗାନ୍ଧିଜୀଙ୍କ ନାଁରେ ଆମ ସମାଜରେ କିଭଳି ସଂକୀର୍ଣ୍ଣ ରାଜନୀତି କରି ଆମେ ବାହାବା ନେଇଥାଉଁ ଏହା ଏହି ନାଟକରେ ପ୍ରଦର୍ଶିତ ହୋଇଥିଲା। ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନାଁରେ ଭାଗଭାଗ କରି ପୁଣି ଗାନ୍ଧିଜୀଙ୍କ ନାଁରେ କିଭଳି ସେମାନଙ୍କୁ ଛଳନା କରାଯାଏ ତାହା ନାଟକରେ ପ୍ରଦର୍ଶିତ ହୋଇଥିଲା। ଗାନ୍ଧୀ ଜୟନ୍ତୀରେ ଜଣେ ମନ୍ତ୍ରୀ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରିବା ପାଇଁ ବାଧ୍ୟବାଧକତାରେ ଜଣେ ଦଳିତ ବର୍ଗର ବ୍ୟକ୍ତିଙ୍କୁ ଡାକି ଆଣି ଛଳନା କରୁଛନ୍ତି। ଗାନ୍ଧିଜୀଙ୍କ ନାଁରେ ଭଦ୍ର ମୁଖାରେ ଆମେ କିଭଳି ଆମର ମୁହଁ ଢ଼ାଙ୍କିବାକୁ ଯାଇ ସ୍ୱାର୍ଥସିଦ୍ଧି କରୁଛୁ ଓ ଏହା ପ୍ରକାରାନ୍ତରେ ଆମ ସମାଜତ ଆମ ପାଇଁ କେତେ ଘାତକ ହେଉଛି ତାହା ଏହି ନାଟକରେ ମାର୍ମିକ ଢ଼ଙ୍ଗରେ ଉପସ୍ଥାପନ କରାଯାଇଥିଲା। କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। ତୀକ୍ଷଣ ବ୍ୟଙ୍ଗ ଓ ହାସ୍ୟରୋଳ ଭିତରେ ଏହି ନାଟକ ସ୍ୱାର୍ଥାନ୍ଧ ମଣିଷ ଭାବନା ଓ ପ୍ରକୃତ ଗାନ୍ଧୀ ବିଚାର ଓ ଦର୍ଶନକୁ ଉପସ୍ଥାପିତ କରିଥିଲା। ନାଟକ ଶେଷ ହେବା ପରେ ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ର, ତାଙ୍କ ସ୍ତ୍ରୀ କୁସୁମ ମିଶ୍ର, ମଠଖାଇ ମହୋତ୍ସବ କମିଟି ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ମଞ୍ଚ ଉପରକୁ ଯାଇ ରାୟଗଡର ଇଣ୍ଡିଆନ୍ ପିପୁଲ ଥିଏଟର ଆସୋସିଏସନ୍‌ର ସମସ୍ତ ସଦସ୍ୟ, ନାଟକ ଗାନ୍ଧୀଚୌକର ସମସ୍ତ ଅଭିନେତାଙ୍କୁ ସମ୍ମାନିତ କରିଥିଲେ। ବିଧାୟକ ମିଶ୍ରଙ୍କ ସ୍ତ୍ରୀ କୁସୁମ ମିଶ୍ର ତାଙ୍କ ମା'ଘର ଗାଁ ରାୟଗଡର କଳାକାରଙ୍କୁ ମଞ୍ଚରେ ପାଇ ସେମାନଙ୍କ ଉଦ୍ଦେଶ୍ୟରେ ଲରିଆ ଭାଷାରେ ସମ୍ପ୍ରୀତିର ବାର୍ତ୍ତା ଦେଇଥିଲେ। ଗାନ୍ଧୀଚୌକ ନାଟକ ଖୁବ୍ ମନଛୁଆଁ ହୋଇଥିବା କହି କଳାକାରମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଅତିଥି ମିଶ୍ରଙ୍କ ଲରିଆ ଭାଷାରେ ଅଭିବାଦନକୁ ନେଇ ଉଭୟ କଳାକାର ଓ ଦର୍ଶକ କରତାଳି ଦେଇ ସ୍ୱାଗତ କରିଥିଲେ।


ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହିନ୍ଦୀ ନାଟକ ଗାନ୍ଧୀଚୌକର ଏକ ଦୃଶ୍ୟ।

### ବାର୍‌ହା ରଖିବା ଅଭିଯୋଗରେ ଅଭିଯୁକ୍ତ ଜେଲ ଗଲେ

**କଣ୍ଟାବାଞ୍ଜି, ୨୧।୧(ଡି.ଏନ.ଏ.):** ବଲାଙ୍ଗୀର ବନ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ସୋମବାର ବେଲପଡା ଥାନା ଅଧୀନ ସିହିନି ଗ୍ରାମର ସାଧୁରାମ ପୁଟେଲ ଘରୁ ବେଆଇନଭାବେ ରଖିଥିବା ଶାଗୁଆନ ପଟ୍ଟା ଜବତ କରିଥିଲା। ଏଥିସହ ତାଙ୍କ ଘରୁ ଏକ ବାର୍‌ହା ଜବତ କରାଯାଇଥିଲା। ମଙ୍ଗଳବାର କଣ୍ଟାବାଞ୍ଜି ବନ ବିଭାଗରେ ଏକ ମାମଲା(ନଂ.୨୧୩/୨୦)ରୁଜୁ କରି ସାଧୁରାମଙ୍କୁ ପାଟଣାଗଡ କୋର୍ଟକୁ ଚାଲାଣ କରାଯାଇଥିବା ରେଞ୍ଜ ଅଫିସର ଶ୍ରାଦ୍ଧଦେବ ବଡମାଲି ସୂଚନା ଦେଇଛନ୍ତି।

## ସାମାଜିକ ଗଣମାଧ୍ୟମ ବ୍ୟବହାରରେ ସାବଧାନତା ଲୋଡ଼ା

### ତାଲୁକ ଲିଗାଲ କମିଟିର ସଚେତନତା କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୨୧।୧ (ଡି.ଏନ.ଏ)**

ସମ୍ପ୍ରତି ସମଗ୍ର ବିଶ୍ୱରେ ସାମାଜିକ ଗଣମାଧ୍ୟମ ଫେସବୁକ, ହ୍ୱାଟ୍ସଅପ, ଟ୍ୱିଟର ଆଦିର ବହୁଳ ଭାବରେ ବ୍ୟବହାର ହେଉଛି। ଏହା ଦ୍ୱାରା ଅନେକ ଖବର ତୁରନ୍ତ ଆଦାନ ପ୍ରଦାନ ସହଜ ହୋଇଛି। ସରକାରଙ୍କ ଦ୍ୱାରା ସ୍ୱିକୃତ ଗଣମାଧ୍ୟମ ଭଳି ସାମାଜିକ ଗଣମାଧ୍ୟମ ଖବରର କୌଣସି ସତ୍ୟତା ନାହିଁ। ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରିତ ହୋଇ ତିକ୍ତତା ସୃଷ୍ଟି କରୁଛି। ମିଥ୍ୟା ପ୍ରଲୋଭନ ଦେଇ ଲୋକଙ୍କୁ ଶୋଷଣ ତଥା ଠକାମିର ଶିକାର ହେବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମର ବ୍ୟବହାର ସମୟରେ ସାବଧାନତା ଅବଲମ୍ବନ କରିବାକୁ ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ କଲେଜରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଟିଟିଲାଗଡ କୋର୍ଟର ବିଚାରପତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଟିଟିଲାଗଡ ତାଲୁକ ଲିଗାଲ ସେବା କମିଟି ସଭାପତି ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜେଶ ନାୟାର, ସିଭିଲ ଜଜ ସିନିୟର ଡିଭିଜନ ତଥା ସହକାରୀ ସେସନ ଜଜ ରାଜୀବ ଲୋଚନ ସାହୁ, ଏସ୍‌ଡିଜେଏମ ରଶ୍ମିତା ସାହୁ, ଜେଏମ୍‌ଏଫସି ସୁଧାବାଈ ଅଗ୍ରୱାଲ, ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ସଦସ୍ୟା ଉତ୍ତମା ନାୟକ, ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି, ଡ. ରମାକାନ୍ତ ବେହେରା, ଆଡଭୋକେଟ ଗିଟେନର ଟିଏଲଏସସି ସୁରେନ ପଣ୍ଡା ଉପସ୍ଥିତ ଥିଲେ।

## ଦୃଢ଼ ମନୋବଳ ସଫଳତା ପାଇଁ ପ୍ରେରଣା ଯୋଗାଏ

### କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଅମରପାଲି, ୨୧।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୋଜନା ଓ ସଂଯୋଜନ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ଡ. ଅଟଳ ବିହାରୀ ପଣ୍ଡା, ଚଳଚ୍ଚିତ୍ର ନିର୍ମାଣ ଓ ନିର୍ଦ୍ଦେଶକ ଡ. ସବ୍ୟସାଚୀ ମହାପାତ୍ର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ସମ୍ମାନୀତ ଅତିଥି ଏବଂ ଅବସରପ୍ରାପ୍ତ ଓଡିଆ ପ୍ରାଧ୍ୟାପକ ବାସୁଦେବ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଦୃଢ଼ ମନୋବଳ କାର୍ଯ୍ୟରେ ସଫଳତା ପାଇବା ପାଇଁ ପ୍ରେରଣା ଯୋଗାଇ ଥାଏ ବୋଲି ମତପ୍ରକାଶ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ସୁଧାଂଶୁ ଶେଖର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ କିଶୋର କୁମାର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ନୂତନ ଶ୍ରେଣୀ ଗୃହ ଉଦଘାଟନ କରାଯିବା ସହିତ ପ୍ରାଚୀର ପତ୍ର ସ୍ପନ୍ଦନର ଉନ୍ମୋଚନ କରାଯାଇଥିଲା। ଅଧ୍ୟାପିକା ଦେବଜାନୀ ମେଶ୍ରା ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ପ୍ରତିମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାଯର୍ୟକ୍ରମ ସହିତ ଦୁଃଖ, ଦାଦନ, ଦଲାଲ ଉପରେ ପର୍ଯ୍ୟବେଶିତ ନାଟକ ଡୁମେରଫୁଲ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ପରିଚାଳନା କମିଟିର କର୍ମକର୍ତ୍ତା ଓ ପ୍ରାୟ ୫ଶହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ବୟନ ଶିଳ୍ପ ଦେଇଛି ପରିଚୟ, ରୋଜଗାର

**ସୋନପୁର,୨୧।୧(ନି.ପ୍ର.)**


କଥାଚକ୍ରରେ ମଞ୍ଚାସୀନ ଅତିଥି ଆଲୋଚକ ବୃନ୍ଦ।

**ଇଙ୍କ୍‌ଫେଷ୍ଟ ପଞ୍ଚମ ସନ୍ଧ୍ୟାର ଚତୁର୍ଥ କଥାଚକ୍ର**

ବୟନ ଶିଳ୍ପ ହିଁ ସୁବର୍ଣ୍ଣପୁର ଜିଲାକୁ ଦେଶ ବିଦେଶରେ ପରିଚିତ କରିଛି। ଏଠାକାର କୁଶଳୀ ବୁଣାକାର ହସ୍ତତନ୍ତ ଓ ବୟନ କଳାକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ଅଗ୍ରଣୀ ଭୂମିକା ନେଇଛନ୍ତି। ଶତାଧିକ ବର୍ଷ ଧରି ବୟନ, ବାନ୍ଧକଳାରେ ସମର୍ପିତ ହୋଇଛନ୍ତି ବୁଣାକାର ପରିବାର। କୃଷି ପରେ ହସ୍ତତନ୍ତ ଓ ବୟନ ଶିଳ୍ପ ଜିଲାର ଦ୍ୱିତୀୟ ବୃହତ ଜୀବିକା ତଥା ରୋଜଗାର ପ୍ରଦାନକାରୀ ସଂସ୍ଥା। ବମକେଇ ପାଟ, ଯୋଡ, ପାଟ ଶାଢୀ ଓ ବାନ୍ଧକଳା ପାଇଁ ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଚତୁର୍ଥ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ସୁବର୍ଣ୍ଣପୁରର ବୟନ ଶିଳ୍ପ ଓ ଅର୍ଥନୀତି ଶୀର୍ଷକ ଚତୁର୍ଥ କଥାଚକ୍ର ଅନୁଷ୍ଠିତ ହୋଇଥିଲା। ବୟନ ଶିଳ୍ପୀ ପ୍ରହଲ୍ଲାଦ ମେହେର ଆଲୋଚକ ଭାବେ ଯୋଗ ଦେଇଥିଲେ। ବୁଣାକାରମାନେ ପ୍ରାଚୀନ ଓ ଆଧୁନିକ ଡିଜାଇନକୁ ବାନ୍ଧି ରଖିବାରେ ସକ୍ଷମ ହୋଇଛନ୍ତି। କିନ୍ତୁ ଏହି ଶିଳ୍ପ ବିଭିନ୍ନ କାରଣରୁ ବର୍ତ୍ତମାନ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଛି। ମେଶିନ ଦ୍ୱାରା ଅବିକଳ ନକଲରେ ପ୍ରସ୍ତୁତ ଛାପା ଶାଢୀ କମ୍ ଦରରେ ବିକ୍ରି ହେଉଛି। ସେହିପରି ଜିଏସ୍‌ଟି ଲାଗୁ ହେଲା ପରେ ଶାଢୀ ବ୍ୟବସାୟ ପ୍ରଭାବିତ ହୋଇଛି। ମାନ୍ଦାବସ୍ଥା ଯୋଗୁଁ ବୁଣାକାରମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ପରିଶ୍ରମ ତୁଳନାରେ ବୁଣାକାରଙ୍କୁ ମଜୁରୀ ମିଳୁନି ବୋଲି ମେହେର କହିଥିଲେ। ବୟନ ଶିଳ୍ପ ଗବେଷକ ପ୍ରହଲ୍ଲାଦ ମେହେର ଅନ୍ୟତମ ଆଲୋଚକଭାବେ ଯୋଗଦେଇ କହିଲେ ଯେ, ଅଞ୍ଚଳର ଅର୍ଥନୈତିକ ପ୍ରଗତି ପଛରେ ବୟନ ଶିଳ୍ପର ବଡ ଭୂମିକା ରହିଛି। ଜିଲାର ସମବାୟ ସମିତି ଓ ସମିତି ବାହାରେ ବୁଣାକାରମାନେ ବାର୍ଷିକ ୧୧୦କୋଟି ଟଙ୍କାର କେବଳ ଶାଢୀ ଉତ୍ପାଦନ କରୁଛନ୍ତି। ମାତ୍ର ମାର୍କେଟିଂ ଷ୍ଟ୍ରାଟେଜି ଦୁର୍ବଳ ରହିଛି। ପ୍ରକୃତ ବୁଣାକାରଙ୍କୁ ସଂଘର୍ଷ କରିବାକୁ ପଡୁଛି। ଲୋକଙ୍କ ପସନ୍ଦ ଓ ନାପସନ୍ଦକୁ ଦୃଷ୍ଟିରେ ରଖି ଉନ୍ନତ ମାନର ଶାଢୀ ଓ ଡ୍ରେସ ମେଟେରିଆଲ ପ୍ରସ୍ତୁତି କରାଯିବା ଆବଶ୍ୟକ। ସେହିପରି ହସ୍ତତନ୍ତର ବିକାଶ ପାଇଁ ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଉଚିତ। ନୂତନ ଜ୍ଞାନ କୌଶଳ ଓ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେବାକୁ ପଡିବ। ଆୟ ବୃଦ୍ଧି ନ ହେଲେ ଯୁବ ବର୍ଗ ନିଜର କୌଳିକ ବୃତ୍ତି ଠାରୁ ଦୂରେଇ ଯିବେ ବୋଲି ମେହେର କହିଥିଲେ। ଗୌରିଶ୍ୟାମ ପଣ୍ଡା କଥାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ପଣ୍ଡା କହିଥିଲେ ଜିଲାରେ ୬ହଜାର ପାଖାପାଖି ବୁଣାକାର ପରିବାର ଅଛନ୍ତି। ପରିବାର ଗୁଡିକର ସଦସ୍ୟ ସଂଖ୍ୟା ହିସାବକୁ ନେଲେ ୫୦ ହଜାରରୁ ଉର୍ଦ୍ଧ୍ୱ। ବୁଣାକାରଙ୍କ କାର୍ଯ୍ୟକାରୀ ସଂଘ ଓ ତନ୍ତୁବାୟ ସହଯୋଗ ସମିତି ଅଛି। ହେଲେ ଏହା ଠିକଣା ଢଙ୍ଗରେ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ବୁଣାକାରଙ୍କୁ ପ୍ରକୃତ ଲାଭ ମିଳୁନି। ଏହି ଶିଳ୍ପର ଉନ୍ନତି ସମ୍ପର୍କରେ ସେ ନିଜର ମତ ଉପସ୍ଥାପନ କରିଥିଲେ। ପ୍ରଦ୍ୟୁମ୍ନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଦୀପ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ।



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର

## ସଂକ୍ଷେପରେ

### ପାଇକମାଳ ବ୍ଲକରେ କ୍ଷମତା ଏକ୍ସପ୍ରେସ

**ପାଇକମାଳ, ୨୧।୧ (ଡି.ଏନ.ଏ):** ପାଇକମାଳ ବ୍ଲକ କ୍ଷମତା ଏକ୍ସପ୍ରେସ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜନସଚେତନତା ପାଇଁ ପରିକ୍ରମା କରୁଥିବା କ୍ଷମତା ଏକ୍ସପ୍ରେସ ସୋମବାର ପାଇକମାଳ ବ୍ଲକରେ ପହଞ୍ଚିଛି । ବରଗଡ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ମୁଖ୍ୟଅତିଥି ଭାବେ ଯୋଗଦାନ କରି କ୍ଷମତା ଏକ୍ସପ୍ରେସକୁ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି ଏକ୍ସପ୍ରେସ ପାଇକମାଳ ପଞ୍ଚାୟତ ସମିତି ଅନ୍ତର୍ଗତ ଝାରବନ୍ଧ ପଞ୍ଚାୟତରେ ଜନ ସଚେତନତା ସୃଷ୍ଟି କରିବା ସହିତ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ମିଳୁଥିବା ସୁବିଧା ସୁଯୋଗ ଉପରେ ଜନସାଧାରଣଙ୍କୁ ଅବଗତ କରାଇବ। ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ବିଡିଓ ସଦାଶିବ ନାୟକ, ଏବିଡିଓ ପ୍ରଦୀପ ଭୋଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଏକ୍ସପ୍ରେସ ମଙ୍ଗଳବାର ପାଇକମାଳ ବ୍ଲକ ଚର୍ଦ୍ଧାପାଲି ପଞ୍ଚାୟତ ପରିକ୍ରମା କରିଥିବା ଜଣାପଡିଛି ।

# ମନ୍ତ୍ରୀଙ୍କ ଗସ୍ତର ମାସକ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

### ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା ପ୍ରସଙ୍ଗ

**ନୂଆପଡା ଅଫିସ,୨୧।୧**

ନୂଆପଡା ଜିଲାରେ ମାଳ ମାଳ ସମସ୍ୟା। ଏଠାକୁ ବିଭିନ୍ନ ସମୟରେ ମନ୍ତ୍ରୀ ତଥା ରାଜ୍ୟସ୍ତରୀୟ ନେତାମାନେ ଗସ୍ତ କରି ଯାଉଛନ୍ତି। ହେଲେ ଗସ୍ତ ଖର୍ଚ୍ଚ ବେଶୀ କାର୍ଯ୍ୟାନୁଷ୍ଠାନ କମ ହୋଇଥାଏ ବୋଲି ଏବେ ଏଠାରେ ଚର୍ଚ୍ଚା ଜୋର ଧରିଛି। ଆଜକୁ ମାସେ ହେବ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ନୂଆପଡା ଜିଲା ଗସ୍ତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଅଭିଭାବକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଥିଲେ। ଏହା ଉପରେ ଜିଲାପାଳ ମଧ୍ୟ ପଦକ୍ଷେପ ନିଆଯିବ ବୋଲି କହିଲେ। ହେଲେ ମାସକ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରେ ମନ୍ତ୍ରୀ, କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଧୂଆଁବାଣ ବୋଲି ଆଲୋଚନା ହେଉଛି। ଦାବି ଅନୁସାରେ ଏଠାରେ ଛାତ୍ରୀଛାତ୍ର ଏବଂ



ମନ୍ତ୍ରୀଙ୍କୁ ଅଭିଭାବକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।(ଫାଇଲ ଫଟୋ)

ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ୫/୬ ଶହ ଆବାସିକ ରହୁଛନ୍ତି। ହେଲେ ସ୍ଥାୟୀ ପାଣିର ବ୍ୟବସ୍ଥା ହୋଇପାରୁନାହିଁ। ବିଶେଷ କରି ଖରା ଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ନୂଆପଡା ଭଳି ଫ୍ଲୋରାଇଡ ପ୍ରବଣ ଜିଲା ଯୋଗୁ ଏଠାର ଫ୍ରିଜର ଆକ୍ୱାଗାର୍ଡ ବ୍ୟବସ୍ଥା କରାଯିବା, ଆମ୍ବୁଲାନ୍ସ ସହ ସ୍ଥାୟୀ ଷ୍ଟାଫ ନର୍ସ ନିଯୁକ୍ତି, ଉତ୍ତମ ମାନର ଖାଦ୍ୟ ଯୋଗାଣ, ବ୍ୟାଗ ଏବଂ ଟାୱାଲ ଯୋଗାଣରେ ଅନିୟମିତତା, ପିଟିଏ କଥାକୁ ଗୁରୁତ୍ୱ ଦିଆଯାଉ ନ ଥିବା, ପିଲାଙ୍କ ନିରାପତା ପାଇଁ ବାଉଣ୍ଡ୍ରି ଉଚ୍ଚତା ବୃଦ୍ଧି କରିବାକୁ ଦାବି କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ମାସ ୧୫ ତାରିଖରେ ମନ୍ତ୍ରୀ ଜଗନ୍ନାଥ ସାରକା ଏଠାରେ ଆୟୋଜିତ ବାର୍ଷିକ କ୍ରୀଡା ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିବାକୁ ଆସିଥିବା ସମୟରେ ଅଭିଭାବକମାନେ ଭେଟି ଉପରୋକ୍ତ ସମସ୍ୟା ବିଷୟରେ ଜଣାଇଥିଲେ। ଅନ୍ୟପକ୍ଷେ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ମଧ୍ୟ ଭେଟି ଜଣାଇଥିଲେ। ଏହା ଉପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ଏହା ବିସ୍ଫୋରକ ରୂପ ନେବ ବୋଲି ଆଲୋଚନା ହେଉଛି। ତେଣୁ ବେଳହୁଁ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ବାଇକ୍-ଟ୍ରାକ୍ଟର ଧକ୍କା: ଅଳ୍ପକେ ବର୍ତ୍ତିଲେ ୨ ବାଇକ୍ ଆରୋହୀ

### ଟ୍ରାକ୍ଟର ଭିତରେ ପଶିଗଲା ବାଇକ

**ଜୁନାଗଡ଼,୨୧।୧(ସ୍ୱ.ପ୍ର./ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ନିକଟସ୍ଥ ହାତୀନଦୀ ପୋଲ ୨୬ ନଂ. ଜାତୀୟ ରାଜପଥରେ ମଙ୍ଗଳବାର ରାତି ୭ଟାରେ ଏକ ଟ୍ରାକ୍ଟର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍‌ରେ ବସିଥିବା ୨ ଜଣ ଯୁବକ ରାସ୍ତା କଡକୁ ଛିଟିକି ପଡିବା ସହ ବାଇକଟି ଟ୍ରାକ୍ଟର ଭିତରେ ପଶିଯାଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ନୂଆପଡା ଜିଲା ସିନାପାଲି ପାଖ ଟିମନପୁର ଗ୍ରାମର ସିୟାରାମ ଧଙ୍ଗଡାମାଝି ଓ କିଶୋର ନାଗ ଭବାନୀପାଟଣାରୁ କାମ ସାରି ନିଜ ବାଇକ (ନଂ.ଓଡି୨୬ଡି-୧୪୩୭)ରେ ଫେରୁଥିଲେ। ଏହି ସମୟରେ ୨୬ ନଂ. ଜାତୀୟ ରାଜପଥ ହାତୀ ନଦୀ ପାଖରେ ଟ୍ରାକ୍ଟର (ନଂ. ଓଡି୨୨-୪୬୬୨) ସହ ମୁହାମୁହିଁ ଧକ୍କା ଦେଇଥିଲା। ବାଇକ୍



ଟ୍ରାକ୍ଟର ମଝିରେ ଫସି ରହିବା ସହିତ ଦୁହେଁ ଡେଇଁ ପଡିଥିବାରୁ ନିଜ ଜୀବନ ବଞ୍ଚାଇ ପାରିଥିଲେ। ଘଟଣାସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ଫେରାର ଥିବା ଜୁନାଗଡ ଥାନା ଅଧିକାରୀ ଉତ୍ତମ ସାହୁ ପ୍ରକାଶ କରିଛନ୍ତି।

### ପୋଖରୀରୁ ଆବର୍ଜନା ସଫାକଲେ ସ୍ୱେଚ୍ଛାସେବୀ

**ମନମୁଣ୍ଡା, ୨୧।୧ (ଡି.ଏନ.ଏ)**

ମନମୁଣ୍ଡା ପଞ୍ଚାୟତ ନୂର୍ପା ଗ୍ରାମର ମାଲତୁଲା ପୋଖରୀ ହିତ ସହ ପାଣିରୁ ମଇଳା ଆବର୍ଜନା ସଫା କରିଛନ୍ତି ନେତାଜୀ ପାଠାଗାରର ସଭ୍ୟମାନେ। ଉକ୍ତ ପୋଖରୀ ଉପରେ ଗ୍ରାମବାସୀ ନିର୍ଭର କରନ୍ତି । ପୋଖରୀ ହିତ ଉପରେ ଅଳିଆ ଆବର୍ଜନା ପଡି ରାସ୍ତା ବନ୍ଦ ହୋଇଯାଇଥିଲା ବେଳେ ପାଣି ଭିତରେ ମଧ ତାହା ସବୁ ପଡି ଜଳ ଦୂଷିତ ହୋଇଥିଲା। ଗ୍ରାମବାସୀଙ୍କ ସୁବିଧା ପାଇଁ ନୂର୍ପା ନେତାଜୀ ପାଠାଗାରର ସଭାପତି ରାକେଶ ମଲିକଙ୍କ ନେତୃତ୍ୱରେ ସମ୍ପାଦକ ରିଙ୍କୁ ପ୍ରଧାନ, ସହ ସମ୍ପାଦକ ରୋଶନ ମେହେର, ସଭ୍ୟ ଦିବାକର ମଲିକ, ସାନୁଜ ବିଶି, ଅନ୍ତର୍ଯାମୀ ରଣା, ବେଣୁଧର ମଲିକ, ଜିତୁ ଭୋଇ, ଅବକାଶ ବେହେରା ପ୍ରମୁଖ ମଙ୍ଗଳବାର ସେସବୁ ସଫା କରିଥିଲେ। ଏହାସହ ପୋଖରୀକୁ ପୁନର୍ବାର ଅପରିଷ୍କାର ନ କରିବାକୁ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

# ପାଣିପଞ୍ଚାୟତ ପକ୍ଷ ପାଳିତ

**ଭବାନୀପାଟଣା, ୨୧।୧ (ଡି.ଏନ.ଏ.)**

ଭବାନୀପାଟଣା ଉଠାବନ୍ଦ ସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ୨୦୧୯-୨୦ ବର୍ଷର କୃଷି ବିଜ୍ଞାନ କେନ୍ଦ୍ର ଭବାନୀପାଟଣାରେ ଆୟୋଜିତ କରାଯାଇଥିଲା। ଏହି ପକ୍ଷପାଳନରେ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ନିର୍ବାହୀଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ଅଶୋକ କୁମାର ପଟେଲ ଓ କୃଷି ବିଭାଗ ପକ୍ଷରୁ ନୀଳକଣ୍ଠ ମେହେର ଯୋଗଦେଇଥିଲେ। ଜଳର ସୁଷମ ବଣ୍ଟନ, ଜଳସେଚନର ଉତ୍ତମ ପରିଚାଳନା ଦ୍ୱାରା ଚାଷୀ ଉପକୃତ ହେବା ସହ ଆର୍ଥିକ ଅଭିବୃଦ୍ଧି ପାଇଁ ପାଣିପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟତ ଡିପ୍ ବୋରୱେଲ, ବିଦ୍ୟୁତ ବିଲ ପୈଠ, ଜଳ ସେଚନ ପରିଚାଳନାରେ କମିଟିରନିୟମିତ ବୈଠକ ସହ ଅନନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରି ଧନ୍ୟବାଦ ଦେଇଥିଲେ। ସହକାରୀ ଯନ୍ତ୍ରୀ ସୁଧିର କୁମାର ବାଗ, ସହକାରୀ ଯନ୍ତ୍ରୀ ଦିଗାମ୍ବର ପାତ୍ର, ସହକାରୀ ଯନ୍ତ୍ରୀ ସିଲାଇ ନାଏକ, କନିଷ୍ଠଯନ୍ତ୍ରୀ ସ୍ମୃତିରଞ୍ଜନ ଦାସ, କନିଷ୍ଠଯନ୍ତ୍ରୀ ସାନ୍ତନୁମାଝିଓ କନିଷ୍ଠ ମନ୍ତ୍ରୀ ସୂର୍ଯ୍ୟନାରାୟଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ପାଣିପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଦର୍ପଣ ମେଶିନ ଅକାମୀ, ଉପଭୋକ୍ତା ହଇରାଣ

### ୨୦ରୁ ଊର୍ଦ୍ଧ୍ୱ ଶାଖା ଡାକଘରେ କାରବାର ବନ୍ଦ

**ଅତାବିରା, ୨୧।୧ (ଡି.ଏନ.ଏ)**

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା ସବ୍ ଡାକଘର ଅଧଦୀନ ବୁଗବୁଗା, ମନାପଡା, ଲରାସରା, ବାବେବିରା, ସରଣ୍ଡା ଗ୍ରାମୀଣ ଶାଖା ଡାକଘରେ ଉପଭୋକ୍ତାମାନେ ଟଙ୍କା ଉଠାଣ ଓ ଜମା କରିପାରୁନାହାନ୍ତି । ଜମା କି ଉଠାଣ କରିବାକୁ ହେଲେ ୮ କିଲୋମିଟର ଅତାବିରା ସବ ଡାକଘରକୁ ଆସିବାକୁ ପଡୁଛି। ଉପଭୋକ୍ତାମାନେ ଜରୁରୀ ପଡିଲେ ଟଙ୍କା ଉଠାଣ କରିବାକୁ ଶାଖା ଡାକଘରକୁ ଆସି ନିରାଶ ହୋଇ ଫେରୁଛନ୍ତି। ଦୀର୍ଘ ଏକ ମାସ ହେଲା ଡାକଘର ଦର୍ପଣ ମେଶିନ ଅଚଳ ହୋଇପଡିଥିଲେ ମଧ ମରାମତି କରାଯାଉନାହିଁ । ଏ ନେଇ ଅତାବିରା ସବ୍ ଡାକଘର ମୁଖ୍ୟ ଅରୁଣ ବାରିକଙ୍କୁ ପଚରାଯିବାରୁ ଉଚ୍ଚପଦସ୍ଥ କର୍ତ୍ତୃପକ୍ଷଙ୍କୁ ଅସୁବିଧା ଜଣାଇ ଦିଆଯାଇଛି ବୋଲି କହିଥିଲେ। ଏ ସମ୍ପର୍କରେ ଲରସରା ଗ୍ରାମୀଣ ଡାକଘର ପୋଷ୍ଟମାଷ୍ଟର ରାଜେଶ ପ୍ରଧାନ କୁହନ୍ତି, ଦର୍ପଣ ମେଶିନ ଅଚଳ ହୋଇଯାଇଥିବାରୁ ଉପଭୋକ୍ତାମାନେ ହଇରାଣ ହେବା ସାଙ୍ଗକୁ ଆମେମାନେ ମଧ ଅସୁବିଧାର ସମ୍ମୁଖୀନ ହେଉଛୁ। ନେଟୱର୍କ ଆସୁ ନ ଥିବାରୁ ଏହି ସମସ୍ୟା ଦେଖାଯାଇଛି ବୋଲି ପ୍ରଧାନଙ୍କୁ କହି ଥିଲେ।

# ବାଣିପୀଠ ସମ୍ମାନରେ ୪ କଳାହାଣ୍ଡିଆ କବି, କବୟିତ୍ରୀ ସମ୍ମାନିତ

**ଭବାନୀପାଟଣା,୨୧।୧(ଡି.ଏନ.ଏ.)**

ମୟୁରଭଞ୍ଜ ଜିଲା ବଡସାଇ ବାଣିପୀଠର ୪୦ତମ ବାର୍ଷିକୋତ୍ସବ ତଥା ରାଜ୍ୟସ୍ତରୀୟ ସମ୍ମାନ ସମାରୋହରେ କଳାହାଣ୍ଡି ଜିଲାର ୪ ଜଣ କବି ଓ କବୟିତ୍ରୀଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ଜିଲାର ନର୍ଲା ବ୍ଲକର କବି ଅରୁଣ କୁମାର ପ୍ରଧାନୀଙ୍କୁ ନିତ୍ୟାନନ୍ଦ ସ୍ମୃତି ସମ୍ମାନ, ଅଶୁରଗଡର କବି ପୀତାମ୍ବର ଗଉଡଙ୍କୁ ଚନ୍ଦ୍ର ଶେଖର ସ୍ମୃତି ସମ୍ମାନ, ନର୍ଲାର ଶିଶୁ କବୟିତ୍ରୀ ସୁଶ୍ରୀ ଝରଣା ପ୍ରଧାନୀଙ୍କୁ ଆମ ସୁନାଚାନ୍ଦ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ କେସିଙ୍ଗା ବ୍ଲକର ଜୁଜୁରାଙ୍ଗର କବି ରମାକାନ୍ତ ସିଂ ସାହାଣୀଙ୍କୁ ଦିନବନ୍ଧୁ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣିପୀଠ ପ୍ରତିଷ୍ଠାତା ପଣ୍ଡିତ ଲକ୍ଷ୍ମୀଦର ରାଉତ, ଡ. ପଦ୍ମଲୋଚନ ମହାଖୁଡ ଓ କବୟିତ୍ରୀ ଶସ୍ମିତା ଦାସ ଯୋଗଦେଇ ଏହି ୪ ଜଣଙ୍କୁ ପୁରସ୍କାର, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପୁରସ୍କୃତ କବି ଓ କବୟିତ୍ରୀମାନଙ୍କୁ ଜିଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଓ ବିଭିନ୍ନ ମଲରୁ ଶୁଭେଚ୍ଛା ଜଣାଯାଉଛି।



ବାଣିପୀଠର ୪୦ତମ ବାର୍ଷିକୋତ୍ସବ ତଥା ରାଜ୍ୟସ୍ତରୀୟ ସମ୍ମାନ ସମାରୋହରେ କବିଙ୍କୁ ପୁରସ୍କୃତ କରାଯାଉଛି।

# ୭ ମାସ ହେଲା ମିଳିନି କଳାକାର ଭତ୍ତା

**ଭବାନୀପାଟଣା, ୨୧।୧ (ଡି.ଏନ.ଏ.)**

ଓଡିଶାରେ ଦୁଃସ୍ଥ କଳାକାରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ସରକାର ଗତ ନଭେମ୍ବର ୨୦୧୯ଠାରୁ ଯୋଗ୍ୟ ବିବେଚିତ କଳାକାରମାନଙ୍କୁ ମାସିକ ୧୨୦୦ ଟଙ୍କା ଲେଖାଏଁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଆରମ୍ଭ କରି ଗତ ବର୍ଷର ପିଠା ଯୋଜନାଠାରୁ ଭତ୍ତା ପ୍ରଦାନ କରି ଆସୁଛନ୍ତି। କଳାହାଣ୍ଡିରୁ ଏଥି ନିମନ୍ତେ ୩୯୫ ଜଣ କଳାକାର ଯୋଗ୍ୟ ବିବେଚିତ ହୋଇଥିଲେ । କିନ୍ତୁ ଇତି ମଧ୍ୟରେ ୭ ଜଣଙ୍କର ମୃତ୍ୟୁ ଘଟିଥିବାରୁ ବର୍ତ୍ତମାନ ୩୮୮ ଜଣ ଯୋଗ୍ୟ ହିତାଧିକାରୀ କଳାକାର ଅଛନ୍ତି। କିନ୍ତୁ ଜାନୁୟାରୀକୁ ମିଶାଇ ୭ ମାସ ହେଲା କଳାହାଣ୍ଡିରେ କଳାକାରମାନଙ୍କୁ ଭତ୍ତା ପ୍ରଦାନ କରାଯାଉନାହିଁ। ବାରମ୍ବାର ଜିଲା ସଂସ୍କୃତି କାର୍ଯ୍ୟାଳୟ ତଥା ଜିଲା ପ୍ରଶାସନକୁ ଜଣାଉଥିଲେ ମଧ ନାନା ପ୍ରକାର ବାହାନା ଦେଖାଇ ଆଜିକାଲି କହି ଦିନ ଗଡାଇ ଚାଲିଛନ୍ତି। ଏଥିପାଇଁ କଳାକାରମାନଙ୍କ ମନରେ ନାନା ଆସନ୍ତୋଷ ଦାନା ବାନ୍ଧୁଛି। ଏ ପ୍ରସଙ୍ଗରେ ଗତ ୯ ତାରିଖରେ କଳାହାଣ୍ଡି ଗସ୍ତରେ ଆସିଥିବା ସଂସ୍କୃତି ମନ୍ତ୍ରୀଙ୍କୁ ମଧ କଳାକାରମାନେ ସେମାନଙ୍କ ଅସନ୍ତୋଷ ଜଣାଇଥିଲେ । ତତ୍‌କ୍ଷଣାତ୍ ଯଥାଶୀଘ୍ର କଳାକାରମାନଙ୍କ ବକେୟା ଭତ୍ତା ପ୍ରଦାନ କରିବାକୁ ମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମନ୍ତ୍ରୀ ଯିବା ପରେ ଯଥା ପୂର୍ବଂ ତଥା ପରଂ ନୀତିରେ ଜିଲା ପ୍ରସାଶନ ମନ୍ତ୍ରୀଙ୍କ କଥାକୁ ମଧ୍ୟ ଉଡାଇ ଦେଲେ। ଏ ପ୍ରସଙ୍ଗରେ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯିବ ଏବଂ କଳାକାର ଭତ୍ତା ପ୍ରଦାନ ନାମରେ କଳାହାଣ୍ଡିର କଳାକାରମାନଙ୍କୁ ଦିନରେ ଲଣ୍ଠନ କାହିଁକି ଦେଖାଯାଉଛି ବୋଲି କଳାହାଣ୍ଡି ସମସ୍ତ ଯୁବ, ବରିଷ୍ଠ ଦକ୍ଷ ଓ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ପ୍ରଶ୍ନ କରାଯିବ ବୋଲି କଳାହାଣ୍ଡି କଳାକାର ପେନ୍‌ସନ୍ ଭୋଗୀ ମହାସଂଘ ସଭାପତି ପ୍ରଦୀପ ଧଙ୍ଗଡାମାଝି କ୍ଷୋଭ ପ୍ରକାଶ କରିଛନ୍ତି।

# ପୋଲ ତଳୁ ଆହତ ଅବସ୍ଥାରେ ଉଦ୍ଧାର ବ୍ୟକ୍ତିଙ୍କ ମୃତ୍ୟୁ

**କୋକସରା,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବରାଡଙ୍ଗା କମଳ ନଦୀ ପୋଲ ତଳୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଗାଁର ପର୍ଶୁରାମ ମାଝି (୪୫)ଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ଘୋଷଣା କରିଛନ୍ତି। ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ ପର୍ଶୁରାମ ସାଇକେଲରେ ତେନ୍ତୁଳିପଡାକୁ କୌଣସି କାମରେ ଯାଇ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ପୋଲ ତଳେ ପଡ଼ିଥିଲେ। ସମ୍ପର୍କୀୟ ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କୋକସରା ଡାକ୍ତଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। କେହି ତାଙ୍କୁ ହତ୍ୟା କରି ପୋଲ ତଳେ ପକାଇଦେଇ ଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଖବର ଲେଖାଯିବା ଯାଏଁ ମୃତଦେହ ଡାକ୍ତଖାନାରେ ଥିବାବେଳେ ଆମପାଣି ପୋଲିସରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ କହିଛନ୍ତି।

# ବିଜୟପଲ୍ଲୀ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ବରପାଲି, ୨୧।୧ (ଡି.ଏନ.ଏ)**

ବରପାଲି ବ୍ଲକ ବିଜୟପଲ୍ଲୀ ସ୍ଥିତ ସଂସ୍କୃତ ମହାବିଦ୍ୟାଳୟର ୩୦ତମ ବାର୍ଷିକୋତ୍ସବ ସୋମବାର ଅଧକ୍ଷ ଡ. ବଦ୍ରିନାରାୟଣ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ବରଗଡ ପଞ୍ଚାୟତ କଲେଜ ଅଧାପକ ଉମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ସରସରା କଲେଜ ଅଧାପିକା ଦମୟନ୍ତୀ କର ଅନ୍ୟତମ ବକ୍ତା ଓ ସରପଞ୍ଚ ସୁଜାତା ଭୁଏ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତିର ଆବଶ୍ୟକତା ଓ ଉତ୍ତମ ଶିକ୍ଷାଦାନ ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅଧାପକ ରମାକାନ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ଓ ସଂସ୍କୃତ ଅଧାପକ ଡ. ରମେଶ ଚନ୍ଦ୍ର କର ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧାପକ କାମଫାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ ପରିବେଷିତ ହୋଇଥିଲା।

## ଫଟୋରେ ଖବର



ଏଲଆଇସି କଲୋନୀ ରାସ୍ତାରେ କୋଶଲୀ ଧନୁଯାତ୍ରା ପାଇଁ ଆସିଥିବା ଘୋଡ଼ା ଓଟ ଚରୁଥିବାବେଳେ ସରସ୍ୱତୀ ଶିଶୁ ମନ୍ଦିର ଶିଶୁମାନଙ୍କୁ ଗୁରୁମାମାନେ ଦେଖାଉଛନ୍ତି।

# ସହର ସାରା ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

### ବିଜୁଳି ବିଭାଗ ଦୃଷ୍ଟି ଦେଉନାହିଁ

**ନୂଆପଡା ଅଫିସ,୨୧।୧**

ନୂଆପଡା ଗ୍ରାମପଞ୍ଚାୟତରୁ ସିଧା ଜିଲା ସଦର ମହକୁମାର ରୂପ ନେଲା। ଏଠିକାର ପରିବର୍ତ୍ତନ ସକାଶେ ସରକାର କୋଟି କୋଟି ଟଙ୍କାର ଯୋଜନା କରୁଛନ୍ତି। ହେଲେ ଦୀପ ତଳ ଅନ୍ଧାର ସଦୃଶ ଜିଲାର ବିଭିନ୍ନ ପ୍ରାନ୍ତରେ ଯୋଜନା କାର୍ଯ୍ୟକାରୀ ହେଉଥିବା କୁହାଯାଉଛି। ହେଲେ ଏଠିକାର ଅବସ୍ଥା ଯଥା ପୂର୍ବଂ ତଥା ପର ହୋଇ ପଡିରହିଛି । ସହର ମଧ୍ୟରେ ବିଜୁଳି ବିଭାଗର ନଗ୍ନ ଚିତ୍ର ଦେଖିଲେ ଯେକେହି ବି ସରକାରୀ ବ୍ୟବସ୍ଥା ଉପରେ ଅଙ୍ଗୁଳୀ ନିର୍ଦ୍ଦେଶ କରିବ। ଯେଉଁଠି ଅଧିକାରୀ ମାଳମାଳ ରହିଛନ୍ତି। ତାଙ୍କ ଦାଣ୍ଡ ଦୁଆରେ ଟ୍ରାନ୍ସଫର୍ମର ସବୁ ମୁକୁଳା ହୋଇ ପଡିରହିଛି। ସେହି ରାସ୍ତା ଦେଇ ଦୈନିକ ଅଧିକାରୀମାନେ ଯାଆସ କରୁଛନ୍ତି। ହେଲେ ସମସ୍ତଙ୍କ ଆଖିରେ କଳାକନା ଢାଙ୍କି ଯାଉଥିବା ଲୋକେ ଚର୍ଚ୍ଚା କରୁଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ବିଜୁଳି ବିଭାଗକୁ ସବୁ ବର୍ଷ ବିଜୁଳି ଖୁଣ୍ଟ, ଟ୍ରାନ୍ସଫର୍ମରଗୁଡିକର ରକ୍ଷଣାବେକ୍ଷଣ ସକାଶେ ଅନୁଦାନ ମଞ୍ଜୁରୀ ଆସିଥାଏ। ହେଲେ ଖୋଦ ଜିଲା ହେଡକ୍ୱାର୍ଟରସ୍ଥିତି ଦେଖିଲେ ସବୁ ଜଳ ଜଳ ହୋଇ ଦେଖାଯାଉଛି। ସହର ମଧ୍ୟସ୍ଥିତ ଜାତୀୟ ରାଜପଥ କଡରେ ଇରିଗେଶନ କଲୋନୀ ନିକଟରେ ବଡ ଟ୍ରାନ୍ସଫର୍ମର ଖୋଲା ପଡି ରହିଛି। ରାସ୍ତାରୁ ମାତ୍ର ଦୁଇ ମିଟର ଦୂରେ ରହିଛି। ଏଥିରେ କୌଣସି ପାଚେରି ବ୍ୟବସ୍ଥା ନାହିଁ କି କୌଣସି ସତର୍କତା ମଧ୍ୟ ଅବଲମ୍ବନ କରାଯାଇ ନ ଥିବା ଦେଖାଯାଉଛି। ଏହିଭଳି ସହରସ୍ଥିତ ରାଦାକୃଷ୍ଣ ପଡା ପ୍ରାଥମିକ ବିଦ୍ୟାଳୟ ନିକଟରେ ମଧ୍ୟ ଏକ ଟ୍ରାନ୍ସଫର୍ମର ଖୋଲା ହୋଇ ରହିଛି। ଏହା କେତେବେଳେ ଯେ ବିପଦକୁ ଟାଣି ଆଣିବ ତାକୁ ଏଡାଇ ଦିଆଯାଇ ନ ପାରେ। ଖୋଦ ଜିଲାପାଳଙ୍କ ରେଭେନ୍ୟୁ କଲୋନୀ ଅର୍ଥାତ କଲ୍ୟାଣ ମଣ୍ଡପ ନିକଟରେ ଥିବା ଟ୍ରାନ୍ସଫର୍ମର ଚାରିଆଡେ ବୁଦା ଘେରି ରହିଛି। ଏଥିପାଇଁ କୌଣସି ବାଡ ନ ଥିବା ଦେଖାଯାଇଛ। ଏହି ରାସ୍ତା ଦେଇ ସବୁବେଳେ ଶତାଧିକ ଯାନବାହନ ଯିବା ଆସିବା କରୁଛି। ଏମିତି ସହର ମଧ୍ୟରେ ବିଜୁଳି ତାର କିମ୍ବା ଟ୍ରାନ୍ସଫର୍ମରଗୁଡିକ ଅସୁରକ୍ଷିତ ଅବସ୍ଥାରେ ରହିଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



କଲ୍ୟାଣ ମଣ୍ଡପ ଗଳିରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ନିର୍ଭୀକତାର ସହ ପରୀକ୍ଷା ସାମ୍ନା କରିବାକୁ ପରାମର୍ଶ

**ଲୋଇସିଂହା,୨୧।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ)ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ମାନସ ମନ୍ଥନ ଶିବିର ଚାଲିଛି । ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଦକ୍ଷ ବିଷୟଭିତ୍ତିକ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଆଗାମୀ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ଚଲାଇଛନ୍ତି। ମଙ୍ଗଳବାର ଶିବିରର ଦ୍ୱିତୀୟ ଦିବସରେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) କାର୍ତ୍ତିକେଶ୍ୱର ଲେଙ୍କା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ସମୟରେ ଭୟଭୀତ ନ ହୋଇ ନିର୍ଭିକତାର ସହ ସାମନା କରିବାକୁ ପରାମର୍ଶ ଦେଇଥିଲେ । ଛାତ୍ରୀଛତ୍ରମାନେ ଆଗାମୀ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିବେ ସେ ଦିଗରେ ଉଦ୍ୟମ କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ଏହାପୂର୍ବରୁ ଡିଇଓ ଲେଙ୍କା ଲୋଇସିଂହା ବାଳିକା ବିଦ୍ୟାଳୟଠାରେ ଅନୁଷ୍ଠିତ ମାନସ ମନ୍ଥନ ଶିବିରରେ ଯୋଗଦେଇଥିଲେ ।

### ବଢୁଛି ବେଆଇନ ମୋରମ ଚାଲାଣ

**ଲୋଇସିଂହା,୨୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଞ୍ଚଳରେ ଦିନକୁ ଦିନ ବେଆଇନ ମୋରୁମ ଚାଲାଣ ବଢୁଥିବା ଅଭିଯୋଗ ହୋଇଛି । ଏ ଦିଗରେ ତହସିଲ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ଏତଦ୍‌ବ୍ୟତୀତ ଲୋଇସିଂହା ସୀମାବର୍ତ୍ତୀ ଅଞ୍ଚଳର ପାହାଡକୁ କାଟି ମୋରୁମ ଉଠାଯାଉଥିବାରୁ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି । ଏ ଦିଗରେ ସ୍ଥାନୀୟ ତହସିଲଦାର ଓ ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ବାର୍‌ହା ରଖିବା ଅଭିଯୋଗରେ ଅଭିଯୁକ୍ତ ଜେଲଗଲେ

**କଣ୍ଟାବାଞ୍ଜି, ୨୧।୧(ଡି.ଏନ.ଏ.):** ବଲାଙ୍ଗୀର ବନ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ସୋମବାର ବେଲପଡା ଥାନା ଅଧୀନ ସିହିନି ଗ୍ରାମର ସାଧୁରାମ ପୁଟେଲ ଘରୁ ବେଆଇନଭାବେ ରଖିଥିବା ଶାଗୁଆନ ପଟ୍ଟା ଜବତ କରିଥିଲା। ଏଥିସହ ତାଙ୍କ ଘରୁ ଏକ ବାର୍‌ହା ଜବତ କରାଯାଇଥିଲା। ମଙ୍ଗଳବାର କଣ୍ଟାବାଞ୍ଜି ବନ ବିଭାଗରେ ଏକ ମାମଲା(ନଂ.୨୧୩/୨୦)ରୁଜୁ କରି ସାଧୁରାମଙ୍କୁ ପାଟଣାଗଡ କୋର୍ଟକୁ ଚାଲାଣ କରାଯାଇଥିବା ରେଞ୍ଜ ଅଫିସର ଶ୍ରାଦ୍ଧଦେବ ବଡମାଲି ସୂଚନା ଦେଇଛନ୍ତି।

### ରବି ଚାଷ ପାଇଁ କିଟ୍ ବଣ୍ଟନ

**ସଇଁତଲା, ୨୧।୧(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା କୃଷି କାର୍ଯ୍ୟାଳୟରେ ମଙ୍ଗଳବାର ରବିଚାଷ ପାଇଁ ଚାଷୀଙ୍କୁ କିଟ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମହିଳା, ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇ ଚାଷୀଙ୍କୁ ବିହନ କିଟ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସଇଁତଲା, ବିବିନା ପଞ୍ଚାୟତର ସରପଞ୍ଚ, କୁମ୍ଭାରୀ ସମିତି ସଭ୍ୟ, କରମତଲା ସମିତି ସଭ୍ୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଇଁତଲାର ସହକାରୀ କୃଷି ଅଧିକାରୀ ନିଶାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବଲାଙ୍ଗୀରର ସହକାରୀ କୃଷି ଅଧିକାରୀ ସୁଧାକର ନନ୍ଦ ମଞ୍ଚ ପରିଚାଳନା କରିଥିଲେ । ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଦ୍ୱାରା ରବି ଋତୁରେ ଚାଷୀଙ୍କ ଆୟକୁ ବଢ଼ାଇବା ପାଇଁ ଦିଆଯାଇଥିବା ଏହି କିଟରେ ଚଳିତ ରବି ଚାଷ ପାଇଁ ମୁଗ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୨ଜଣ ଚାଷୀଙ୍କୁ କିଟ୍ ପ୍ରଦାନ କରାଯାଇଥିଲା। ଚାଷୀଙ୍କ ପାଇଁ ବିଭାଗୀୟ ଅଧିକାରୀ ସର୍ବଦା ତତ୍ପର ରହିବା ସହ ଚାଷର ବିଭିନ୍ନ ଅସୁବିଧା ଦୂର କରିବା ପାଇଁ ଚେଷ୍ଟା କରିବା ଉଚିତ ବୋଲି ମନ୍ତ୍ରୀ କହିଥିଲେ। ରବିଚାଷ ପାଇଁ କିଟ୍ ବିଳମ୍ବରେ ମିଳିଥିବା ନେଇ ଚାଷୀମାନେ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସଇଁତଲା ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଯୁବନେତା ରାଜ କିଶୋର ଡ଼ାଙ୍ଗ, ପରମେଶ୍ୱର କର୍ମୀ, ଲକ୍ଷ୍ମଣ ସେଠ, ଛନ୍ଦା ବେହେରା, ସତ୍ୟନାରାୟଣ ସାହୁ, ଦ୍ରୌପଦୀ ପାତ୍ର, କୃଷି କାର୍ଯ୍ୟାଳୟର ସୋମନାଥ ମିଶ୍ର, ଶିବପ୍ରସାଦ ନାଗ, ଶାନ୍ତିଲତା ମିଶ୍ର, କୃଷ୍ଣା କୁମାରୀ ଦୋରାଙ୍କ ସହ କୃଷକ ଉପଦେଶ ଏବଂ ପରାମର୍ଶ ଅଧ୍ୟକ୍ଷ ଦୀପାଞ୍ଜଳି ବାରିକ ଉପସ୍ଥିତ ଥିଲେ। ଟିଟିଲାଗଡ଼ ସହକାରୀ କୃଷି ଅଧିକାରୀ ଗଉନ୍ତିଆ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗୀରରେ ହେବ ଫ୍ଲାଇଓଭର, ମିନି ସଚିବାଳୟ

**ବଲାଙ୍ଗୀର ଅଫିସ, ୨୧।୧**



ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବଲାଙ୍ଗୀର ଡିଆରଡିଏ ସମ୍ମିଳନୀ କକ୍ଷରେ ସମୀକ୍ଷ ବୈଠକରେ ଯୋଗଦେଇଛନ୍ତି । ପାର୍ଶ୍ୱରେ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ନରସିଂହ ମିଶ୍ର, ଜିଲାପାଳ ଅରିନ୍ଦମ ଡାକୁଆ ଓ ଅନ୍ୟ ଅଧିକାରୀମାନେ।

## ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମହିଳା ଓ ଶିଶୁ କଲ୍ୟାଣ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଜିଲାପାଳ ଅରିନ୍ଦମ ଡାକୁଆ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ପୂର୍ତ୍ତ ବିଭାଗ ପକ୍ଷରୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରାଯିବା ସହ କିଛି ନୂଆ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା ।

ବଲାଙ୍ଗୀର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଟ୍ରାଫିକ ସମସ୍ୟାକୁ ଆଖି ଆଗରେ ରଖି ଖୁବ୍ ଶୀଘ୍ର ସହର ମଧ୍ୟରେ ଏକ ଫ୍ଲାଇ ଓଭର ନିର୍ମାଣ କରିବା ପାଇଁ ବିଧାୟକ ମିଶ୍ର ପ୍ରସ୍ତାବ ରଖିଥିଲେ । ଏହି ଫ୍ଲାଇଓଭର ସୁଦପଡା ରାସ୍ତାରୁ ସମଲେଶ୍ୱରୀ ମନ୍ଦିର, ସରକାରୀ ବସଷ୍ଟାଣ୍ଡ, ଭାଗରଥି ଛକଦେଇ ଜିଲାପାଳ ବାସଭବନ ପର୍ଯ୍ୟନ୍ତ ଯିବ ଆଲୋଚନା ହୋଇଥିଲା । ଏହା ହେଲେ ସହର ଭିତରେ ଟ୍ରାଫିକ୍ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ ବୋଲି ଆଲୋଚନା ହୋଇଥିଲା । ଭାରିଯାନଗୁଡିକ ଫ୍ଲାଇଓଭର ମଧଦେଇ ଯାଇପାରିବ । ଏହି ପ୍ରସ୍ତାବ ଉପରେ ବିଭାଗୀୟ ମନ୍ତ୍ରୀ ମଲ୍ଲିକ, ଜିଲାପାଳ, ଉପଜିଲାପାଳ ଏବଂ ବିଭାଗୀୟ ଅଧିକାରୀମାନେ ସହମତ ପ୍ରକାଶ କରିଥିଲେ । ଖୁବ୍‌ଶୀଘ୍ର ଏହା ଉପରେ ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ପାଖକୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ବଲାଙ୍ଗୀର ସହର ମଧ୍ୟସ୍ଥଳରେ ଜିଲାପାଳ ଅଫିସ ରହିଥିବାରୁ ଏଠାରେ ମଧ ଭିଡ ବଢୁଛି। ଏଣୁ ଉପଯୁକ୍ତ ସ୍ଥାନକୁ ଜିଲାପାଳ ଅଫିସ ସ୍ଥାନାନ୍ତରଣ ନେଇ ମଧ ବିଧାୟକ ପ୍ରସ୍ତାବ ଦେଇଥିଲେ । ସହରର ଉପଯୁକ୍ତ ସ୍ଥାନରେ ମିନି ସଚିବାଳୟ ଢ଼ାଞ୍ଚାରେ ଗୋଟିଏ ପରିସରରେ ସମସ୍ତ ଜିଲାସ୍ତରୀୟ ସମସ୍ତ ଅଫିସ ରଖାଯିବା ବ୍ୟବସ୍ଥା କରାଯିବା ନେଇ ପ୍ରସ୍ତାବ ରଖିଥିଲେ । ଖୁବ୍‌ଶୀଘ୍ର ମିନି ସଚିବାଳୟ ତିଆରି ପାଇଁ ସ୍ଥାନ ନିରୂପଣ କରି ଏନେଇ ମଧ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ଜମି ଉପରେ ବୈଠକରେ ବିଶେଷ ଆଲୋଚନା ହୋଇଥିଲା । ଏହା ସହିତ ଟିଟିଲାଗଡଠାରେ ନିର୍ମାଣଧୀନ ଫ୍ଲାଇ ଓଭର ଶୀଘ୍ର ଶେଷ କରିବା ନେଇ ମନ୍ତ୍ରୀ ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଟିଟିଲାଗଡ ଅଞ୍ଚଳରେ ଜାତୀୟ ରାଜପଥ ନିର୍ମାଣ କାମର ସବିଶେଷ ରିପୋର୍ଟ ମଧ ମାଗିଥିଲେ । ବଲାଙ୍ଗୀରଠାରେ ଏକ ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ସ୍ଥାନ ନିରୂପଣ କରାଯିବ ବୋଲି ଜିଲାପାଳ ଉପସ୍ଥିତ ମନ୍ତ୍ରୀ ଓ ବିଧାୟକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଜାଗାରେ ପାର୍କିଂ ଜୋନ ଏବଂ ସାପ୍ତାହିକ ବଜାର ତିଆରି ଓ ଅନ୍ୟ ଏକ ସ୍ଥାନରେ ଦୈନିକ ବଜାର ନିର୍ମାଣ କାମକୁ ଶୀଘ୍ର ଆରମ୍ଭ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ବଲାଙ୍ଗୀର ଓ ଟିଟିଲାଗଡ ସହରର ବିଭିନ୍ନ ରାସ୍ତାଘାଟ, ଡ୍ରେନ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା । ବହୁ ପ୍ରତୀକ୍ଷିତ ବଲାଙ୍ଗୀର ବାଏପାସ ରାସ୍ତା କାମ ପାଇଁ ଜମି ଅଧିଗ୍ରହଣ ଖୁବ୍ ଶୀଘ୍ର ଆରମ୍ଭ ହେବ। ଏଥିସକାଶେ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ମନ୍ତ୍ରଣାଳୟ ମଞ୍ଜୁରୀ ଗତ ୧୭ ତାରିଖରୁ ମିଳିସାରିଛି ବୋଲି ଉପସ୍ଥିତ ଜାତୀୟ ରାଜପଥ ଅଧିକାରୀ ସୂଚନା ଦେଇଥିଲେ । ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ରାସ୍ତା ମରାମତି କାମ କିପରି ଚାଲିଛି ସେ ଉପରେ ମଧ ଆଲୋଚନା ହୋଇଥିଲା ।

## ଶିଖାକୁ ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ଦିଲ୍ଲୀର ଦମ୍ପତି

**ସୋନପୁର,୨୧।୧(ନି.ପ୍ର.)**

ସୋନପୁର ପଟାଭାଡିସ୍ଥିତ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଶିଖା(ଶିଶୁ କନ୍ୟା)କୁ ଦିଲ୍ଲୀର ଏକ ଦମ୍ପତି ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ ପ୍ରକୋଷ୍ଠରେ ଜିଲାପାଳ ମୋନିଷା ବାନାର୍ଜୀ ଶିଖାକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ୪ ମାସ ହେଲା ଶିଶୁଟି ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରହୁଥିଲା। ଗତ ୨୦୧୯ ଡିସେମ୍ବର ୨୦ରେ ପୌଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ ହେବା ପରେ ମଙ୍ଗଳବାର ଶିଶୁକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଜିଲା ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ହିମାଂଶୁ ଭୂଷଣ ନାୟକ, ଶିଶୁ ମଙ୍ଗଳ କମିଟିର ସଭ୍ୟ ମଦୁସୂଦନ ପ୍ରଧାନ, ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ଆଇନ ପରାମର୍ଶ ଦାତା ହେମନ୍ତ କୁମାର ସା ଓ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ମୃତ୍ୟୁଞ୍ଜୟ ଭୁଜବଳ ଏବଂ ତ୍ରିନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କ ସହ ମଧ୍ୟାହ୍ନଭୋଜନ ଖାଇଲେ ମନ୍ତ୍ରୀ

## ମଧ୍ୟାହ୍ନଭୋଜନ ମାନକୁ ନେଇ ଶିକ୍ଷୟିତ୍ରୀଙ୍କୁ ତାଗିଦ୍ କଲେ

**ସଇଁତଲା, ୨୧।୧(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା କାର୍ଯ୍ୟାଳୟ ନିକଟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ଟିଟିଲାଗଡ଼ ବିଧାୟିକା ତଥା ମହିଳା, ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ହଠାତ୍ ପହଞ୍ଚିଥିଲେ। ସେଠାରେ ଛାତ୍ରୀମାନଙ୍କ ସହ ବସି ମଧ୍ୟାହ୍ନଭୋଜନ କରିଥିଲେ। ଭୋଜନର ମାନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ତାଗିଦ୍ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ମନ୍ତ୍ରୀ ସାହୁ ସଇଁତଲା କୃଷି ବିଭାଗ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ନିକଟରେ ଥିବା ଏସଏସଡ଼ି ବିଭାଗର ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ । ଛାତ୍ରୀମାନେ ରହୁଥିବା ହଷ୍ଟେଲ ପରିଦର୍ଶନ କରିବା ସହ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସ୍କୁଲର ପାଚେରି, ଡ୍ରେନ, ପ୍ରାର୍ଥନା ପାଇଁ ମଣ୍ଡପ ନିର୍ମାଣ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱରେ ଥିବା ସଙ୍ଗୀତା ରଥ ମନ୍ତ୍ରୀଙ୍କୁ କହିଥିଲେ। ପାଣି ଟାଙ୍କି ନିର୍ମାଣ ସରିଥିବାବେଳେ ଆବଶ୍ୟକ ପାଣି ହେଉ ନ ଥିବାରୁ ତାହା ଟାଙ୍କିକୁ ଯାଉ ନ ଥିବା କହିଥିଲେ । ସେହିପରି ଉକ୍ତ ବିଦ୍ୟାଳୟର ଛାତ୍ରୀମାନେ ରାଜ୍ୟସ୍ତରୀୟ ଖେଳକୁଦରେ ବହୁ ପୁରସ୍କାର ପାଉଥିବାବେଳେ ଖେଳ ପଡ଼ିଆ ନାହିଁ। ଏଥି ପାଇଁ ଏକ ଖେଳ ପଡ଼ିଆ ନିର୍ମାଣ ପାଇଁ ଛାତ୍ରୀମାନେ ମନ୍ତ୍ରୀଙ୍କୁ କହିଥିଲେ। ପରେ ମନ୍ତ୍ରୀ ଛାତ୍ରୀଙ୍କ ସହ ବସି ମଧ୍ୟାହ୍ନ ଭୋଜନ ଖାଇଥିଲେ । ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପ୍ରତ୍ୟାଶିନି ବାଗଙ୍କୁ ଏ ବିଷୟରେ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ ତଥା ମେନୁ ମୁତାବକ ଖାଦ୍ୟ ପ୍ରଦାନ କରାଯାଉଥିବା କହିଥିଲେ ।



ଛାତ୍ରୀଙ୍କ ସହ ବସି ମଧ୍ୟାହ୍ନଭୋଜନ କରୁଛନ୍ତି ମନ୍ତ୍ରୀ ଟୁକୁନି ସାହୁ ।

# ଅବ୍ୟବସ୍ଥାରେ ଚାଲିଛି ଏସ୍‌ବିଆଇ ଏଟିଏମ୍

**ଲୋଇସିଂହା,୨୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବସଷ୍ଟାଣ୍ଡସ୍ଥିତ ଏସବିଆଇ ଏଟିଏମ ଅବ୍ୟବସ୍ଥା ସୁଧୁରୁ ନାହିଁ । ଏଟିଏମ ଶର୍ଟରକୁ ଛୁଇଲେ କରେଣ୍ଟ ମାରୁଛି । ଫଳରେ ଉପଭୋକ୍ତାଙ୍କ ଜୀବନ ପ୍ରତି ବିପଦ ରହିଛି। ଏଟିଏମ ସୁପରିଚାଳନା କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଅଭିଯୋଗମତେ, ଲୋଇସିଂହାରେ ଏସବିଆଇର ୨ଟି ଏଟିଏମ ରହିଛି। ଗୋଟିଏ ଏସବିଆଇ ବ୍ୟାଙ୍କ ପରିସରରେ ଓ ଅନ୍ୟଟି ବସ୍‌ଷ୍ଟାଣ୍ଡଠାରେ ରହିଛି । ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଉପରେ ସମ୍ପୃକ୍ତ ଏଟିଏମ ଥିବାରୁ ସ୍ଥାନୀୟ ଉପଭୋକ୍ତା ଓ ରାଜପଥ ଯାତ୍ରୀମାନେ ଜରୁରି ସମୟରେ ବ୍ୟବହାର କରୁଛନ୍ତି। ହେଲେ ପରିଚାଳନାଗତ ଅବ୍ୟବସ୍ଥା ଅନେକ ସମୟରେ ଦେଖିବାକୁ ମିଳେ । ଏଠାରେ ବହୁ ସମୟରେ ଏଟିଏମରେ ଟଙ୍କା ନ ରହିବା ଓ ନାନା ଅବ୍ୟସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇ ଆସୁଛି । ବସଷ୍ଟାଣ୍ଡଠାରେ ଥିବା ଏଟିଏମ୍‌ରେ ପୁରୁଣା ମେଶିନକୁ ବଦଳାଇ ସ୍ୱିଡ ମେଶିନ ବସାଯାଇଛି । ହେଲେ ଉକ୍ତ ଏଟିଏମ ଶର୍ଟର ଦୀର୍ଘମାସ ହେଲା ଅଧଖପା ଅବସ୍ଥାରେ ରହିଛି । ଏହା ମରାମତି କରାଯାଉ ନାହିଁ । ତେଣୁ ଅନେକ ସମୟରେ ଉପଭୋକ୍ତା ମୁଣ୍ଡରେ ବାଜୁଥିବା ଅଭିଯୋଗ ହୋଇ ଆସୁଛି। ଏହାବାଦ ଉକ୍ତ ଶର୍ଟରରେ ବହୁଦିନ ହେଲା ବିଦ୍ୟୁତ୍ ଶର୍ଟ ରହି କରେଣ୍ଟ ଲାଗୁଛି। ଏଥିପାଇଁ ଉପଭୋକ୍ତମାନେ ଏଟିଏମ୍‌କୁ ଗଲାବେଳେ ସତର୍କତା ଅବଲମ୍ବନ କରୁଛନ୍ତି। ଯଦି କୌଣସି ସମୟରେ କେହି ଅସାବଧାନ ହୋଇଯାଇ ତେବେ ବିପଦକୁ ଏଡାଇ ଦିଆଯାଇ ନ ପାରେ । ଏ ନେଇ ଲୋଇସିଂହା ଏସବିଆଇ ଶାଖା କର୍ତ୍ତୃପକ୍ଷଙ୍କ ଟୋଲଫ୍ରି ନମ୍ବରରେ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ସରୋଜ ବିଶ୍ୱା ଅଭିଯୋଗ କରିଛନ୍ତି। ଏଥିପ୍ରତି ବଲାଙ୍ଗୀର ରିଜିୟନାଲ ମ୍ୟାନେଜର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

**ଏଟିଏମ୍‌ରେ ଝୁଲି ରହିଥିବା ଶଟର**



- ଶଟରରେ ବିଦ୍ୟୁତ ସରବରାହ, କରେଣ୍ଟ ମାରୁଛି
- କର୍ତ୍ତୃପକ୍ଷଙ୍କ ନିଘା ନାହିଁ
- ବିପଦ ଆଶଙ୍କାରେ ଲୋଇସିଂହାବାସୀ

# ପକ୍କାରାସ୍ତା ନିର୍ମାଣ ଦାବିରେ ଧାରଣା

**କଣ୍ଟାବାଞ୍ଜି, ୨୧।୧(ଡି.ଏନ.ଏ.)**

ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତର ବେହେରେନସିଲେଟ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଗ୍ରାମବାସୀ ଗାଁକୁ ସୁବିଦିନିଆ ରାସ୍ତା ନିର୍ମାଣ ଦାବି କରି ବିଭିନ୍ନ ସମୟରେ ବ୍ଲକ ତଥା ଜିଲା ପ୍ରଶାସନକୁ ଲିଖିତଭାବେ ଜଣାଇଛନ୍ତି। ହେଲେ ଏଥିରେ କୌଣସି ସୁଫଳ ମିଳିନାହିଁ। ଗ୍ରାମର ଲିମାଇ ଚରଣ ମହତ ଗାଁକୁ ରାସ୍ତା ନିର୍ମାଣ ଦାବି କରି ମଙ୍ଗଳବାର କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ତାଙ୍କ ସହ ଗାଁର ରଂକୁ ରାଏମନ, ପିଙ୍କି ଖର୍ସେଲ, ଧନମତି ଓ ଗାଁର ଶତାଧିକ ମହିଳା ପୁରୁଷ ସାମିଲ ହୋଇଛନ୍ତି। କଣ୍ଟାବାଞ୍ଜିରୁ ବେହେରେନସିଲେଟକୁ ପକ୍କାରାସ୍ତା, ବେହେରେନସିଲେଟରୁ ପଞ୍ଚାୟତ ସଦର ମହକୁମାକୁ ଆରଡି ରାସ୍ତା ସହ ଭିମାଗୁଡିରୁ ନାଏକପଡା ଯାଏ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଏହି ଅବସରରେ ଦାବି କରାଯାଇଛି।



କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଧାରଣାରତ ମହିଳା ଓ ପୁରୁଷ।

# ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ଯୁବକଙ୍କ ପଦଯାତ୍ରା

**କଣ୍ଟାବାଞ୍ଜି, ୨୧।୧(ଡି.ଏନ.ଏ.)**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ପୂରଣ ହୋଇନାହିଁ। ମହାନଦୀ ଜଳ ବଣ୍ଟନ ସମସ୍ୟା ସମାଧାନର ବାଟ ଫିଟୁନାହିଁ। ପୋଲାଭରମ ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲାର ୨୧ଟି ପଞ୍ଚାୟତର ପ୍ରଭାବିତ ହେଉଛି। ବର୍ଷବର୍ଷ ଧରି ଏହିସବୁ ଦାବି ପୂରଣ ନ ହେବାରୁ ଓଡିଶାବାସୀ ସେମାନଙ୍କ ନାର୍ଯ୍ୟ ଦାବି ହାସଲ କରିବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପଦଯାତ୍ରାରେ ବାହାରିଛନ୍ତି ଯାଜପୁର ଜିଲା ବାଲିକୁଦା ଭଗବାନସିନ୍ଧାଲ ଗାଁର ସତ୍ୟବ୍ରତ ଦାସ (୨୯)। ୧୦ ଜୁଲାଇ ୨୦୧୯ରୁ ଭଗବାନସିନ୍ଧାଲରୁ ସେ ଆରମ୍ଭ କରିଥିବା ପଦଯାତ୍ରା ରାଜ୍ୟର ୩୧୪ଟି ବ୍ଲକ ସଦର ମହକୁମା ପରିକ୍ରମା କରିବ। ଏହିକ୍ରମରେ ସୋମବାର ସେ ତୁରେକେଲା ବ୍ଲକରେ ପହଞ୍ଚିଥିଲେ। ହାତରେ ଥିଲା ଜାତୀୟ ପତାକା ଓ ସ୍ୱତନ୍ତ୍ର ରାଜ୍ୟପାହ୍ୟ ଦାବି ଲେଖାଥିବା ପୋଷ୍ଟର। ଇତିମଧ୍ୟରେ ସେ ୧୯୫ଦିନ ପଦଯାତ୍ରା କରିଥିବା ବେଳେ ୩୮୦୦ କିମିରୁ ଉର୍ଦ୍ଧ୍ୱ ପଥ ଅତିକ୍ରମ କରି ସାରିଲେଣି। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ହାସଲ କରିଥିବା ସତ୍ୟବ୍ରତଙ୍କ ଏଭଳି ଉଦ୍ୟମକୁ ତୁରେକେଲାରେ ଭୂରି ପ୍ରଶଂସା କରାଯାଇଛି। ସାରା ରାଜ୍ୟ ପରିକ୍ରମା ପରେ ସେ ନିଜ ଗାଁରେ ପଦଯାତ୍ରା ସମାପନ କରିବେ ବୋଲି କହିଛନ୍ତି ସତ୍ୟବ୍ରତ।




କଣ୍ଟାବାଞ୍ଜି ସହରରେ ପଦଯାତ୍ରା ବେଳେ ସତ୍ୟବ୍ରତ।

# ପ୍ରାକୃତିକ ସମ୍ବଳର ପରିଚାଳନାକୁ ପ୍ରାଥମିକତା

**ଖପ୍ରାଖୋଲ,୨୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୁର୍ଲୁମାଲ ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ ଖସଡା ପ୍ରସ୍ତୁତି ଅଭ୍ୟାସ ସମ୍ପର୍କିତ ବ୍ଲକସ୍ତରୀୟ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏପିଓ ସୁଧାଂଶୁ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଡିଓ ତରଣୀ ସୁନା, ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, ତାଲିମଦାତାଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିୟା, ବିକଳ୍ପର ବ୍ଲକ ସଂଯୋଜକ ସୁରେଶ ବେହେରା ଯୋଗଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକୃତିକ ସମ୍ବଳର ପରିଚାଳନାକୁ ପ୍ରାଥମିକତା ଦେବା ସହ ସମନ୍ୱିତ ଭାବେ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ଉପରେ ତାଲିମ ଦିଆଯାଇଥିଲା। ଜଳ, ଜଙ୍ଗଲ, ଜମି ଓ ଜନ୍ତୁଙ୍କ ସୁରକ୍ଷା ହେଲେ ଜୀବିକାର ବିକାଶ ହେବ । ଏଥିସହ ଦାଦନ ସମସ୍ୟାର ସମାଧାନ ହେବ ଏବଂ ଭିଟା ମାଟିରେ କାମ ମିଳି ପାରିବ ବୋଲି ଆଲୋଚନା ହୋଇଥିଲା। ଶିବିରରେ ଯୋଗଦେଇଥିବା କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍, ଗାଁ ସାଥୀ ଏବଂ ଗ୍ରାମବାସୀ ମିଳିତ ଭାବରେ ଗାଁର ସାମାଜିକ ଏବଂ ସମ୍ବଳ ମ୍ୟାପ ପ୍ରସ୍ତୁତ କରିଥିଲେ। ସେହିପରି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ଅବସରରେ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର, ଦୀନବନ୍ଧୁ କୁମ୍ଭାର, ଦିଲୀପ ରାଉତ, ରାହାସ ବିହାରୀ ମଲ୍ଲିକ, ବାହୁବଳେନ୍ଦ୍ର ପୁରୋହିତ, ଅଭୟ ତ୍ରିପାଠୀ , ଦୁର୍ଯ୍ୟୋଧନ ଦଣ୍ଡସେନା, ବିପିନ ବେହେରା, ନୀଳମଣି ଜାଲ, ପ୍ରଦୀପ ଶତପଥୀ, ସତ୍ୟନାରାୟଣ ମେହେର, ପବିତ୍ର କାଲସାଏ, ମକୁନ୍ଦ ଭୋଇ, ତପନ କଲାରୀ, ଅଭିଲାଷ ଭୋଇ, ଯଶୋବନ୍ତ ହରପାଲ, ୱାର୍ଡ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।



କାର୍ଯ୍ୟ ଖସଡା ପ୍ରସ୍ତୁତି ଅଭ୍ୟାସ ତାଲିମ ଶିବିରରେ ଉପସ୍ଥିତ ତାଲିମାର୍ଥୀ ଓ ଗ୍ରାମବାସୀ।

## କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ଅଭ୍ୟାସ ତାଲିମ ଶିବିର



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ
ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।
- ହୋମର



## ସଂକ୍ଷେପରେ

### ବୁଣାକାରଙ୍କୁ ସଚେତନତା କାର୍ଯ୍ୟକ୍ରମ

**ଭବାନୀପାଟଣା,୨୧।୧(ଡି.ଏନ.ଏ.)** ଭବାନୀପାଟଣା ସହରସ୍ଥିତ କଳାହାଣ୍ଡି ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଣାକାରମାନଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଓ ନୂଆପଡା ଜିଲାର ସମସ୍ତ ବୁଣାକାରମାନଙ୍କୁ ଆସନ୍ତା ୨୦୨୦-୨୧ ବର୍ଷ ପାଇଁ ବିଭିନ୍ନ ସୂଚନା ପ୍ରଦାନ କରାଯାଇଥିଲା। ଏଥିରେ ତନ୍ତଶାଳା ତଥା ବାସଗୃହ ନିର୍ମାଣ, ତନ୍ତ ଓ ତନ୍ତ ସରଞ୍ଜାମ, ଜ୍ଞାନ ଆହରଣ ନିମନ୍ତେ ପ୍ରତିଷ୍ଠିତ ହସ୍ତତନ୍ତ ପଞ୍ଜିକୁ ପରିଭ୍ରମଣ ଓ ଦକ୍ଷତା ବୃଦ୍ଧି ତାଲିମ, ବୁଣାକାର ବୀମା ଯୋଜନା ଓ ଅନ୍ୟାନ୍ୟ ଯୋଜନାର ସହାୟତା ନିମନ୍ତେ ସଚେତନତା କରିବା ସହ ଏହାର ଲାଭ ଉଠାଇବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଆସନ୍ତା ଫେବୃୟାରୀ ୨୮ ତାରିଖ ସୁଦ୍ଧା ଫର୍ମ ଆମେଦନ କରିବାକୁ ସୂଚନା ଦିଆଯାଇଥିଲା।

### ବରିଷ୍ଠ ଫୁଟବଲ ଖେଳାଳିମାନଙ୍କ ବନ୍ଧୁମିଳନ

**ଭବାନୀପାଟଣା,୨୧।୧(ଡି.ଏନ.ଏ.)** ସ୍ଥାନୀୟ ବିବିସି କ୍ଲବ୍ ପକ୍ଷରୁ କଳାହାଣ୍ଡି ଜିଲାର ବରିଷ୍ଠ ଫୁଟବଲ ଖେଳାଳିଙ୍କୁ ନେଇ ବାର୍ଷିକ ବନ୍ଧୁ ମିଳନ ଚକ୍ରଧର ନଗରସ୍ଥିତ ଶାସ୍ତ୍ରୀଜୀ ଶିକ୍ଷା ନିକେତନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ପ୍ରାୟ ୫୦ ଜଣ ପୂର୍ବତନ ଖେଳାଳି ଯୋଗଦେଇ ପରସ୍ପରଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ ବିଗତ ଦିନରେ ସ୍ମୃତିଚାରଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ସହରର ଦୁଇ ବରିଷ୍ଠ କ୍ରୀଡା ସଙ୍ଗଠକ ଜଗମୋହନ ପଟନାୟକ ଓ ଜୟନ୍ତ ବେହେରା ଯଥାକ୍ରମେ ସଭପତି ଓ ମୁଖ୍ୟଅତିଥି ରୂପେ ଯୋଗଦେଇ ଫୁଟବଲ ଖେଳର ବିକାଶ ପାଇଁ ବିବିସି ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ବ୍ଲକ୍ ପକ୍ଷରୁ ୪ ଜଣ ପୂର୍ବତନ ଫୁଟବଲ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଡା. ଲମ୍ବୋଦର ସାହୁ, କୃଷ୍ଣ ପଟନାୟକ, ଶଶୀଶେଖର ବାବୁ ଏବଂ ଶରତ ଚନ୍ଦ୍ର ପଟନାୟକ। ସମବେତ ଖେଳାଳିମାନେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ମାସ ଡ୍ରିଲର ଭୂୟସୀ ପ୍ରଶଂସା କରିଥିଲେ। କିଶୋର ସାହୁ, ଜଳେଶ୍ୱର ଗଉଡ ଏବଂ ପରମାନନ୍ଦ ନନ୍ଦ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ମନ୍ତ୍ରୀଙ୍କ ଗସ୍ତର ମାସକ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ନୂଆପଡା ଅଫିସ,୨୧।୧**

ନୂଆପଡା ଜିଲାରେ ମାଳ ମାଳ ସମସ୍ୟା। ଏଠାକୁ ବିଭିନ୍ନ ସମୟରେ ମନ୍ତ୍ରୀ ତଥା ରାଜ୍ୟସ୍ତରୀୟ ନେତାମାନେ ଗସ୍ତ କରି ଯାଉଛନ୍ତି। ହେଲେ ଗସ୍ତ ଖର୍ଚ୍ଚ ବେଶୀ କାର୍ଯ୍ୟାନୁଷ୍ଠାନ କମ ହୋଇଥାଏ ବୋଲି ଏବେ ଏଠାରେ ଚର୍ଚ୍ଚା ଜୋର ଧରିଛି। ଆଜକୁ ମାସେ ହେବ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ନୂଆପଡା ଜିଲା ଗସ୍ତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଅଭିଭାବକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଥିଲେ। ଏହା ଉପରେ ଜିଲାପାଳ ମଧ୍ୟ ପଦକ୍ଷେପ ନିଆଯିବ ବୋଲି କହିଲେ। ହେଲେ ମାସକ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରେ ମନ୍ତ୍ରୀ, କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଧୂଆଁବାଣ ବୋଲି ଆଲୋଚନା ହେଉଛି। ଦାବି ଅନୁସାରେ ଏଠାରେ ଛାତ୍ରୀଛାତ୍ର ଏବଂ



ମନ୍ତ୍ରୀଙ୍କୁ ଅଭିଭାବକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।(ଫାଇଲ ଫଟୋ)

ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ୫/୬ ଶହ ଆବାସିକ ରହୁଛନ୍ତି। ହେଲେ ସ୍ଥାୟୀ ପାଣିର ବ୍ୟବସ୍ଥା ହୋଇପାରୁନାହିଁ। ବିଶେଷ କରି ଖରା ଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ନୂଆପଡା ଭଳି ଫ୍ଲୋରାଇଡ ପ୍ରବଣ ଜିଲା ଯୋଗୁ ଏଠାର ଫ୍ରିଜର ଆକ୍ୱାଗାର୍ଡ ବ୍ୟବସ୍ଥା କରାଯିବା, ଆମ୍ବୁଲାନ୍ସ ସହ ସ୍ଥାୟୀ ଷ୍ଟାଫ ନର୍ସ ନିଯୁକ୍ତି, ଉତ୍ତମ ମାନର ଖାଦ୍ୟ ଯୋଗାଣ, ବ୍ୟାଗ ଏବଂ ଟାୱାଲ ଯୋଗାଣରେ ଅନିୟମିତତା, ପିଟିଏ କଥାକୁ ଗୁରୁତ୍ୱ ଦିଆଯାଉ ନ ଥିବା, ପିଲାଙ୍କ ନିରାପତା ପାଇଁ ବାଉଣ୍ଡ୍ରି ଉଚ୍ଚତା

### ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା ପ୍ରସଙ୍ଗ

ବୃଦ୍ଧି କରିବାକୁ ଦାବି କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ମାସ ୧୫ ତାରିଖରେ ମନ୍ତ୍ରୀ ଜଗନ୍ନାଥ ସାରକା ଏଠାରେ ଆୟୋଜିତ ବାର୍ଷିକ କ୍ରୀଡା ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିବାକୁ ଆସିଥିବା ସମୟରେ ଅଭିଭାବକମାନେ ଭେଟି ଉପରୋକ୍ତ ସମସ୍ୟା ବିଷୟରେ ଜଣାଇଥିଲେ। ଅନ୍ୟପକ୍ଷେ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ମଧ୍ୟ ଭେଟି ଜଣାଇଥିଲେ। ଏହା ଉପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଗକୁ ଏହା ବିସ୍ଫୋରକ ରୂପ ନେବ ବୋଲି ଆଲୋଚନା ହେଉଛି। ତେଣୁ ବେଳହୁଁ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ବାଇକ୍-ଟ୍ରାକ୍ଟର ଧକ୍କା: ଅଳ୍ପକେ ବର୍ତ୍ତିଲେ ୨ ବାଇକ୍ ଆରୋହୀ

**ଜୁନାଗଡ଼,୨୧।୧(ସ୍ୱ.ପ୍ର./ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ନିକଟସ୍ଥ ହାତୀନଦୀ ପୋଲ ୨୬ ନଂ. ଜାତୀୟ ରାଜପଥରେ ମଙ୍ଗଳବାର ରାତି ୭ଟାରେ ଏକ ଟ୍ରାକ୍ଟର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍‌ରେ ବସିଥିବା ୨ ଜଣ ଯୁବକ ରାସ୍ତା କଡକୁ ଛିଟିକିପଡିବା ସହ ବାଇକଟି ଟ୍ରାକ୍ଟର ଭିତରେ ପଶିଯାଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ନୂଆପଡା ଜିଲା ସିନାପାଲି ପାଖ ଟିମନପୁର ଗ୍ରାମର ସିୟାରାମ ଧଙ୍ଗଡାମାଝି ଓ କିଶୋର ନାଗ ଭବାନୀପାଟଣାରୁ କାମ ସାରି ନିଜ ବାଇକ (ନଂ.ଓଡି୨୬ଡି-୧୪୩୭)ରେ ଫେରୁଥିଲେ। ଏହି ସମୟରେ ୨୬ ନଂ. ଜାତୀୟ ରାଜପଥ ହାତୀ ନଦୀ ପାଖରେ ଟ୍ରାକ୍ଟର (ନଂ. ଓଡି୨୨-୪୬୬୨) ସହ ମୁହାମୁହିଁ ଧକ୍କା ଦେଇଥିଲା। ବାଇକ୍

### ଟ୍ରାକ୍ଟର ଭିତରେ ପଶିଗଲା ବାଇକ



ଟ୍ରାକ୍ଟର ମଝିରେ ଫସି ରହିବା ସହିତ ଦୁହେଁ ଡେଇଁ ପଡିଥିବାରୁ ନିଜ ଜୀବନ ବଞ୍ଚାଇ ପାରିଥିଲେ। ଘଟଣାସ୍ଥଳରୁ ଟ୍ରାକ୍ଟର ଡ୍ରାଇଭର ଫେରାର ଥିବା ଜୁନାଗଡ ଥାନା ଅଧିକାରୀ ଉତ୍ତମ ସାହୁ ପ୍ରକାଶ କରିଛନ୍ତି।

# ପାଣିପଞ୍ଚାୟତ ପକ୍ଷ ପାଳିତ

**ଭବାନୀପାଟଣା, ୨୧।୧ (ଡି.ଏନ.ଏ.)**

ଭବାନୀପାଟଣା ଉଠାବନ୍ଦ ସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ୨୦୧୯-୨୦ ବର୍ଷର କୃଷି ବିଜ୍ଞାନ କେନ୍ଦ୍ର ଭବାନୀପାଟଣାରେ ଆୟୋଜିତ କରାଯାଇଥିଲା। ଏହି ପକ୍ଷପାଳନରେ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ନିର୍ବାହୀଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ଅଶୋକ କୁମାର ପଟେଲ ଓ କୃଷି ବିଭାଗ ପକ୍ଷରୁ ନୀଳକଣ୍ଠ ମେହେର ଯୋଗଦେଇଥିଲେ। ଜଳର ସୁଷମ ବଣ୍ଟନ, ଜଳସେଚନର ଉତ୍ତମ ପରିଚାଳନା ଦ୍ୱାରା ଚାଷୀ ଉପକୃତ ହେବା ସହ ଆର୍ଥିକ ଅଭିବୃଦ୍ଧି ପାଇଁ ପାଣିପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟତ ଡିପ୍ ବୋରୱେଲ, ବିଦ୍ୟୁତ ବିଲ ପୈଠ, ଜଳ ସେଚନ ପରିଚାଳନାରେ କମିଟିରନିୟମିତ ବୈଠକ ସହ ଅନନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସହକାରୀ ଯନ୍ତ୍ରୀ ପ୍ରଫୁଲ କୁମାର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରି ଧନ୍ୟବାଦ ଦେଇଥିଲେ। ସହକାରୀ ଯନ୍ତ୍ରୀ ସୁଧିର କୁମାର ବାଗ, ସହକାରୀ ଯନ୍ତ୍ରୀ ଦିଗାମ୍ବର ପାତ୍ର, ସହକାରୀ ଯନ୍ତ୍ରୀ ସିଲାଇ ନାଏକ, କନିଷ୍ଠଯନ୍ତ୍ରୀ ସ୍ମୃତିରଞ୍ଜନ ଦାସ, କନିଷ୍ଠଯନ୍ତ୍ରୀ ସାନ୍ତନୁମାଝିଓ କନିଷ୍ଠ ମନ୍ତ୍ରୀ ସୂର୍ଯ୍ୟନାରାୟଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ପାଣିପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କଳାହାଣ୍ଡି ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଆନୁକୂଲ୍ୟରେ ଶୀତ ସାହିତ୍ୟ ଆସର

**ଭବାନୀପାଟଣା,୨୧।୧(ଡି.ଏନ.ଏ.)**

ସ୍ଥାନୀୟ ବ୍ରଜବିହାର ଶାରଦା କକ୍ଷରେ କଳାହାଣ୍ଡି ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରତିଷ୍ଠାନ ସଭାପତି ସୋହନ ଲାଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଏକ ମନୋଜ୍ଞ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଉମାଶଙ୍କର କର, ପ୍ରତିଷ୍ଠାନ ସମ୍ପାଦକ ସନ୍ତୋଷ କୁମାର ଶତପଥୀ ମଞ୍ଚାସୀନ ରହି ସାହିତ୍ୟର ପ୍ରଗତି କଳ୍ପେ ସାହିତ୍ୟିକମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ନିଜର ମତ ରଖିଥିଲେ। ସ୍ୱାଗତ ଭାଷଣ ଓ ସଭା ପରିଚାଳନା ନରୋତ୍ତମ ମାତ୍ର ଓ ଆସରର ଆଭିମୁଖ୍ୟ ମୋହନ କୁମାର ଭଟ ଉପସ୍ଥାପନ କରିଥିଲେ। କବୟିତ୍ରୀ ସ୍ୱପ୍ନା ପ୍ରଧାନଙ୍କ ଧରମା କବିତା ସଙ୍କଳନର ଦ୍ୱିତୀୟ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କବୟିତ୍ରୀ ବନଶ୍ରୀ ଦାଶ ଓ ସୁମତି ମୁଣ୍ଡଙ୍କ ସଂଯୋଜନାରେ କବି ଏମକେ ରହେମାନ, ଆନନ୍ଦ ସାଗରିଆ କୁଳମଣି ସିଂହ ତଥା କବୟିତ୍ରୀ ସୁଦେଷ୍ଣା ପଣ୍ଡା, ମିନତି ପ୍ରଧାନ, ଗୀତାଞ୍ଜଳି ମହାନ୍ତି, ଆନନ୍ଦିନୀ ପାତ୍ର ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ତଥା ଗାଳ୍ପିକା ଦେବହୂତି କର ଏହି ସାହିତ୍ୟ ଧାରାରେ ନାରୀର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଉମାଶଙ୍କର କର 'ଅମୃତ ସନ୍ତାନ' ଗଳ୍ପ ତଥା ସୋହନ ଲାଲ ଅଗ୍ରୱାଲ ଦୁର୍ନୀତି ଅନୁଦିତ ଗଳ୍ପ ପାଠ କରିଥିଲେ। ପ୍ରତିଷ୍ଠାନର ଉପସଭାପତି ଅଶୋକ କୁମାର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣିପୀଠ ସମ୍ମାନରେ ୪ କଳାହାଣ୍ଡିଆ କବି, କବୟିତ୍ରୀ ସମ୍ମାନିତ

**ଭବାନୀପାଟଣା,୨୧।୧(ଡି.ଏନ.ଏ.)**

ମୟୁରଭଞ୍ଜ ଜିଲା ବଡସାଇ ବାଣିପୀଠର ୪୦ତମ ବାର୍ଷିକୋତ୍ସବ ତଥା ରାଜ୍ୟସ୍ତରୀୟ ସମ୍ମାନ ସମାରୋହରେ କଳାହାଣ୍ଡି ଜିଲାର ୪ ଜଣ କବି ଓ କବୟିତ୍ରୀଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ଜିଲାର ନର୍ଲା ବ୍ଲକର କବି ଅରୁଣ କୁମାର ପ୍ରଧାନୀଙ୍କୁ ନିତ୍ୟାନନ୍ଦ ସ୍ମୃତି ସମ୍ମାନ, ଅଣ୍ଟଗଡର କବି ପୀତାମ୍ବର ଗଉଡଙ୍କୁ ଚନ୍ଦ୍ର ଶେଖର ସ୍ମୃତି ସମ୍ମାନ, ନର୍ଲାର ଶିଶୁ କବୟିତ୍ରୀ ସୁଶ୍ରୀ ଝରଣା ପ୍ରଧାନୀଙ୍କୁ ଆମ ସୁନାଚାନ୍ଦ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ କେସିଙ୍ଗା ବ୍ଲକର ଜୁଜୁରାଙ୍ଗର କବି ରମାକାନ୍ତ ସିଂ ସାହାଣୀଙ୍କୁ ଦିନବନ୍ଧୁ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଣିପୀଠ ପ୍ରତିଷ୍ଠାତା ପଣ୍ଡିତ ଲକ୍ଷ୍ମୀଦର ରାଉତ, ଡ. ପଦ୍ମଲୋଚନ ମହାଖୁଡ ଓ କବୟିତ୍ରୀ ଶସ୍ମିତା ଦାସ ଯୋଗଦେଇ ଏହି ୪ ଜଣଙ୍କୁ ପୁରସ୍କାର, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପୁରସ୍କୃତ କବି ଓ କବୟିତ୍ରୀମାନଙ୍କୁ ଜିଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଓ ବିଭିନ୍ନ ମଲରୁ ଶୁଭେଚ୍ଛା ଜଣାଯାଉଛି।



ବାଣିପୀଠର ୪୦ତମ ବାର୍ଷିକୋତ୍ସବ ତଥା ରାଜ୍ୟସ୍ତରୀୟ ସମ୍ମାନ ସମାରୋହରେ କବିଙ୍କୁ ପୁରସ୍କୃତ କରାଯାଉଛି।

# ୭ ମାସ ହେଲା ମିଳିନି କଳାକାର ଭତ୍ତା

**ଭବାନୀପାଟଣା, ୨୧।୧ (ଡି.ଏନ.ଏ.)**

ଓଡିଶାରେ ଦୁଃସ୍ଥ କଳାକାରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ସରକାର ଗତ ନଭେମ୍ବର ୨୦୧୯ଠାରୁ ଯୋଗ୍ୟ ବିବେଚିତ କଳାକାରମାନଙ୍କୁ ମାସିକ ୧୨୦୦ ଟଙ୍କା ଲେଖାଏଁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଆରମ୍ଭ କରି ଗତ ବର୍ଷର ପିଠା ଯୋଜନାଠାରୁ ଭତ୍ତା ପ୍ରଦାନ କରି ଆସୁଛନ୍ତି। କଳାହାଣ୍ଡିରୁ ଏଥି ନିମନ୍ତେ ୩୯୫ ଜଣ କଳାକାର ଯୋଗ୍ୟ ବିବେଚିତ ହୋଇଥିଲେ । କିନ୍ତୁ ଇତି ମଧ୍ୟରେ ୭ ଜଣଙ୍କର ମୃତ୍ୟୁ ଘଟିଥିବାରୁ ବର୍ତ୍ତମାନ ୩୮୮ ଜଣ ଯୋଗ୍ୟ ହିତାଧିକାରୀ କଳାକାର ଅଛନ୍ତି। କିନ୍ତୁ ଜାନୁୟାରୀକୁ ମିଶାଇ ୭ ମାସ ହେଲା କଳାହାଣ୍ଡିରେ କଳାକାରମାନଙ୍କୁ ଭତ୍ତା ପ୍ରଦାନ କରାଯାଉନାହିଁ। ବାରମ୍ବାର ଜିଲା ସଂସ୍କୃତି କାର୍ଯ୍ୟାଳୟ ତଥା ଜିଲା ପ୍ରଶାସନକୁ ଜଣାଉଥିଲେ ମଧ ନାନା ପ୍ରକାର ବାହାନା ଦେଖାଇ ଆଜିକାଲି କହି ଦିନ ଗଡାଇ ଚାଲିଛନ୍ତି। ଏଥିପାଇଁ କଳାକାରମାନଙ୍କ ମନରେ ନାନା ଆସନ୍ତୋଷ ଦାନା ବାନ୍ଧୁଛି। ଏ ପ୍ରସଙ୍ଗରେ ଗତ ୯ ତାରିଖରେ କଳାହାଣ୍ଡି ଗସ୍ତରେ ଆସିଥିବା ସଂସ୍କୃତି ମନ୍ତ୍ରୀଙ୍କୁ ମଧ କଳାକାରମାନେ ସେମାନଙ୍କ ଅସନ୍ତୋଷ ଜଣାଇଥିଲେ । ତତ୍‌କ୍ଷଣାତ୍ ଯଥାଶୀଘ୍ର କଳାକାରମାନଙ୍କ ବକେୟା ଭତ୍ତା ପ୍ରଦାନ କରିବାକୁ ମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମନ୍ତ୍ରୀ ଯିବା ପରେ ଯଥା ପୂର୍ବଂ ତଥା ପରଂ ନୀତିରେ ଜିଲା ପ୍ରସାଶନ ମନ୍ତ୍ରୀଙ୍କ କଥାକୁ ମଧ୍ୟ ଉଡାଇ ଦେଲେ। ଏ ପ୍ରସଙ୍ଗରେ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯିବ ଏବଂ କଳାକାର ଭତ୍ତା ପ୍ରଦାନ ନାମରେ କଳାହାଣ୍ଡିର କଳାକାରମାନଙ୍କୁ ଦିନରେ ଲଣ୍ଠନ କାହିଁକି ଦେଖାଯାଉଛି ବୋଲି କଳାହାଣ୍ଡି ସମସ୍ତ ଯୁବ, ବରିଷ୍ଠ ଦକ୍ଷ ଓ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ପ୍ରଶ୍ନ କରାଯିବ ବୋଲି କଳାହାଣ୍ଡି କଳାକାର ପେନ୍‌ସନ୍ ଭୋଗୀ ମହାସଂଘ ସଭାପତି ପ୍ରଦୀପ ଧଙ୍ଗଡାମାଝି କ୍ଷୋଭ ପ୍ରକାଶ କରିଛନ୍ତି।

# ପୋଲ ତଳୁ ଆହତ ଅବସ୍ଥାରେ ଉଦ୍ଧାର ବ୍ୟକ୍ତିଙ୍କ ମୃତ୍ୟୁ

**କୋକସରା,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବରାଡଙ୍ଗା କମଳ ନଦୀ ପୋଲ ତଳୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଗାଁର ପର୍ଶୁରାମ ମାଝି (୪୫)ଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ଘୋଷଣା କରିଛନ୍ତି। ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ ପର୍ଶୁରାମ ସାଇକେଲରେ ତେନ୍ତୁଳିପଡାକୁ କୌଣସି କାମରେ ଯାଇ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ପୋଲ ତଳେ ପଡ଼ିଥିଲେ। ସମ୍ପର୍କୀୟ ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି କୋକସରା ଡାକ୍ତଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। କେହି ତାଙ୍କୁ ହତ୍ୟା କରି ପୋଲ ତଳେ ପକାଇଦେଇ ଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଖବର ଲେଖାଯିବା ଯାଏଁ ମୃତଦେହ ଡାକ୍ତଖାନାରେ ଥିବାବେଳେ ଆମପାଣି ପୋଲିସରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ କହିଛନ୍ତି।

## ଫଟୋରେ ଖବର



ଏଲଆଇସି କଲୋନୀ ରାସ୍ତାରେ କୋଶଲୀ ଧନୁଯାତ୍ରା ପାଇଁ ଆସିଥିବା
ଓଟ ଚରୁଥିବାବେଳେ ସରସ୍ୱତୀ ଶିଶୁ ମନ୍ଦିର ଶିଶୁମାନଙ୍କୁ ଗୁରୁମାମାନେ ଦେଖାଉଛନ୍ତି।

# ସହର ସାରା ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

**ନୂଆପଡା ଅଫିସ,୨୧।୧**

ନୂଆପଡା ଗ୍ରାମପଞ୍ଚାୟତରୁ ସିଧା ଜିଲା ସଦର ମହକୁମାର ରୂପ ନେଲା। ଏଠିକାର ପରିବର୍ତ୍ତନ ସକାଶେ ସରକାର କୋଟି କୋଟି ଟଙ୍କାର ଯୋଜନା କରୁଛନ୍ତି। ହେଲେ ଦୀପ ତଳ ଅନ୍ଧାର ସଦୃଶ ଜିଲାର ବିଭିନ୍ନ ପ୍ରାନ୍ତରେ ଯୋଜନା କାର୍ଯ୍ୟକାରୀ ହେଉଥିବା କୁହାଯାଉଛି। ହେଲେ ଏଠିକାର ଅବସ୍ଥା ଯଥା ପୂର୍ବଂ ତଥା ପର ହୋଇ ପଡିରହିଛି । ସହର ମଧ୍ୟରେ ବିଜୁଳି ବିଭାଗର ନଗ୍ନ ଚିତ୍ର ଦେଖିଲେ ଯେକେହି ବି ସରକାରୀ ବ୍ୟବସ୍ଥା ଉପରେ ଅଙ୍ଗୁଳୀ ନିର୍ଦ୍ଦେଶ କରିବ। ଯେଉଁଠି ଅଧିକାରୀ ମାଳମାଳ ରହିଛନ୍ତି। ତାଙ୍କ ଦାଣ୍ଡ ଦୁଆରେ ଟ୍ରାନ୍ସଫର୍ମର ସବୁ ମୁକୁଳା ହୋଇ ପଡିରହିଛି। ସେହି ରାସ୍ତା ଦେଇ ଦୈନିକ ଅଧିକାରୀମାନେ ଯାଆସ କରୁଛନ୍ତି। ହେଲେ ସମସ୍ତଙ୍କ ଆଖିରେ କଳାକନା ବାନ୍ଧି ଯାଉଥିବା ଲୋକେ ଚର୍ଚ୍ଚା କରୁଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ବିଜୁଳି ବିଭାଗକୁ ସବୁ ବର୍ଷ ବିଜୁଳି ଖୁଣ୍ଟ, ଟ୍ରାନ୍ସଫର୍ମରଗୁଡିକର ରକ୍ଷଣାବେକ୍ଷଣ ସକାଶେ ଅନୁଦାନ



କଲ୍ୟାଣ ମଣ୍ଡପ ଗଳିରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

ମଞ୍ଜୁରୀ ଆସିଥାଏ। ହେଲେ ଖୋଦ ଜିଲା ହେଡକ୍ୱାର୍ଟରସ୍ଥିତି ଦେଖିଲେ ସବୁ ଜଳ ଜଳ ହୋଇ ଦେଖାଯାଉଛି। ସହର ମଧ୍ୟସ୍ଥିତ ଜାତୀୟ ରାଜପଥ କଡରେ ଇରିଗେଶନ କଲୋନୀ ନିକଟରେ ବଡ ଟ୍ରାନ୍ସଫର୍ମର ଖୋଲା ପଡି ରହିଛି। ରାସ୍ତାରୁ ମାତ୍ର ଦୁଇ ମିଟର ଦୂରେ ରହିଛି। ଏଥିରେ କୌଣସି ପାଚେରି ବ୍ୟବସ୍ଥା ନାହିଁ କି କୌଣସି

### ବିଜୁଳି ବିଭାଗ ଦୃଷ୍ଟି ଦେଉନାହିଁ

ସତର୍କତା ମଧ୍ୟ ଅବଲମ୍ବନ କରାଯାଇ ନ ଥିବା ଦେଖାଯାଉଛି। ଏହିଭଳି ସହରସ୍ଥିତ ରାଦାକୃଷ୍ଣ ପଡା ପ୍ରାଥମିକ ବିଦ୍ୟାଳୟ ନିକଟରେ ମଧ୍ୟ ଏକ ଟ୍ରାନ୍ସଫର୍ମର ଖୋଲା ହୋଇ ରହିଛି। ଏହା କେତେବେଳେ ଯେ ବିପଦକୁ ଟାଣି ଆଣିବ ତାକୁ ଏଡାଇ ଦିଆଯାଇ ନ ପାରେ। ଖୋଦ ଜିଲାପାଳଙ୍କ ରେଭେନ୍ୟୁ କଲୋନୀ ଅର୍ଥାତ କଲ୍ୟାଣ ମଣ୍ଡପ ନିକଟରେ ଥିବା ଟ୍ରାନ୍ସଫର୍ମର ଚାରିଆଡେ ବୁଦା ଘେରି ରହିଛି। ଏଥିପାଇଁ କୌଣସି ବାଡ ନ ଥିବା ଦେଖାଯାଇଛ। ଏହି ରାସ୍ତା ଦେଇ ସବୁବେଳେ ଶତାଧିକ ଯାନବାହନ ଯିବା ଆସିବା କରୁଛି। ଏମିତି ସହର ମଧ୍ୟରେ ବିଜୁଳି ତାର କିମ୍ବା ଟ୍ରାନ୍ସଫର୍ମରଗୁଡିକ ଅସୁରକ୍ଷିତ ଅବସ୍ଥାରେ ରହିଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ



### ମରଣଯନ୍ତା ସାଜିଛି ରିଞ୍ଜା ସରବରା ଯୋର ଭଗ୍ନ ବ୍ରିଜ

**କର୍ଲାମୁଣ୍ଡା,୨୧।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗତ ଅଗଷ୍ଟରେ ପ୍ରବଳ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏପରିକି ବିଭିନ୍ନ ରାସ୍ତା ଓ ବିଜ୍ରଗୁଡିକ ଭାଙ୍ଗିଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କେତେକ ଜାଗାରେ ମରାମତି କରାଯାଇଥିଲେ ହେଁ ବନ୍ୟାରେ ରିଞ୍ଜା ମୁଖ୍ୟରାସ୍ତାଠାରେ ଥିବା ସରବରା ଯୋର ବ୍ରିଜ ଗୋଟିଏପଟ ଭାଙ୍ଗି ବିପଦ ଅବସ୍ଥାରେ ରହିଛି। ବିଭାଗୀୟ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଇ ନ ଥିବାରୁ ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ସାଧାରଣ ଲୋକେ ବିପଦର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଛାତ୍ରୀଛାତ୍ର ବିପଦର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ କେବଳ ବିପଦ ସୂଚନା ଫଳକ ଲଗାଇ ହାତ ବାନ୍ଧି ବସିଛି। ଏଥିପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

**ବନ୍ୟାକୁ ୬ ମାସ ବିତିଲା**

### ମନ୍ଦିର ପୂଜକଙ୍କଠାରୁ ୨୧ ହଜାର ଲୁଟ

**ଭବାନୀପାଟଣା,୨୧।୧(ଡି.ଏନ.ଏ.)**
ତାରିଣୀ ମନ୍ଦିରର ପାଚେରୀ ନିର୍ମାଣ ପାଇଁ ଜିଲାପାଳଙ୍କ କିରାଣି ବୋଲି ପରିଚୟ ଦେଇ ଜଣେ ଯୁବକ ମନ୍ଦିର ପୂଜକଙ୍କଠାରୁ ୨୧ ହଜାର ଟଙ୍କା ଠକି ନେଇଥିବା ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ ହୋଇଛି। ଗତ ୧୪ ତାରିଖରେ ଭବାନୀପାଟଣା ସହରର ବିଶ୍ୱଜିତ କର ନିଜକୁ କଳାହାଣ୍ଡି ଜିଲାପାଳଙ୍କ କିରାଣି କହି ନର୍ଲା ଥାନା ତାରିଣୀ ମନ୍ଦିରର ପୂଜକମାନଙ୍କୁ ଫୋନ କରିଥିଲେ। ତାରିଣୀ ମନ୍ଦିର ପାଚେରୀ ନିର୍ମାଣ ପାଇଁ ୪ ଲକ୍ଷ ଟଙ୍କା ଆସିଛି। ତାର କାଗଜପତ୍ର ଓ ବିଲ ପାସ କରିବା ପାଇଁ ପୂଜକଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଟଙ୍କା ଦେବାକୁ କହିଥିଲେ। ପୂଜକମାନେ ବିଶ୍ୱଜିତଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୧ ହଜାର ଟଙ୍କା ପ୍ରଦାନ କରିଥିଲେ। କିଛି ଦିନ ପରେ ବିଶ୍ୱଜିତ ଦେଇଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରିବାରୁ ମୋବାଇଲ ବନ୍ଦ ଥିବା ଜାଣିବାକୁ ମିଳିଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାରୁ ବିଶ୍ୱଜିତ କର ନାମରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କୌଣସି କିରାଣୀ ନ ଥିବା ଜଣାପଡିଥିଲା। ଏ ସମ୍ପର୍କରେ ତାରିଣୀ ମନ୍ଦିର ପୂଜକ ବାଟଲୁ ମାଝି, ଦେବରାଜ ପାତ୍ର ଓ ଶିବରାମ ସାହୁ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଅଣ୍ଡର ବ୍ରିଜ ନିର୍ମାଣ ନେଇ ଡିଆରଏମ୍‌ଙ୍କୁ ଦାବିପତ୍ର

## ■ ଡିଆର୍‌ଏମ୍‌ଙ୍କ ମନ୍ତବ୍ୟ ପ୍ରତିବାଦରେ କେସିଙ୍ଗା ସହର ବନ୍ଦ ଆଜି

**କେସିଙ୍ଗା,୨୧।୧(ଡି.ଏନ.ଏ.)**

ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ କେସିଙ୍ଗା ସହରର ମୁଖ୍ୟ ଦ୍ୱାର ଦେଶ ନିକଟରେ ଥିବା ରେଲୱେ ଫାଟକ ନିକଟରେ ଅଣ୍ଡର ବ୍ରିଜ ନିର୍ମାଣ ଦାବି ନେଇ କେସିଙ୍ଗା ରେଲୱେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଷ୍ଟେଶନରେ ସମ୍ବଲପୁର ଡିଭିଜିନାଲ ରେଲୱେ ମ୍ୟାନଜରଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ରୁପ୍ରାରୋଡ ଠାରେ ନିର୍ମାଣାଧୀନ ୩ୟ ଲାଇନ ପରିଦର୍ଶନରେ ଆସିଥିବା ଡିଆରଏମ ପ୍ରଦୀପ କୁମାରଙ୍କ ସମେତ ଅନ୍ୟ କର୍ମଚାରୀ ସମ୍ବଲପୁର ଫେରୁଥିବା ସମୟରେ କେସିଙ୍ଗା ରେଲୱେ ଷ୍ଟେଶନ ୩ନମ୍ବର ପ୍ଲାଟଫର୍ମରେ ଓହ୍ଲାଇଥିଲେ। ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ସହରର କେସିଙ୍ଗା ରେଲୱେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଦେବେନ୍ଦ୍ର ଭୂଜବଳ, ଶଙ୍କର ଅଗ୍ରୱାଲ, କଂଗ୍ରେସ ଟାଉନ ସଭାପତି ସୁରେଶ ରାଓ ପ୍ରମୁଖଙ୍କ ମିଳିତ ଉଦ୍ୟମରେ ଡିଆରଏମଙ୍କୁ ଏହି ଅବସରରେ ଦାବିପତ୍ର ପ୍ରଦାନ କରିଥିଲେ। ଡିଆରଏମ ମୋ ହାତର କଥା ନୁହେଁ। ଜିଲାପାଳ ରେଲୱେ ବୋର୍ଡ଼କୁ ଲେଖି କରି ଦିଅନ୍ତୁ। ମୁଁ କିଛି କରିପାରିବି ନାହିଁ ବୋଲି ପ୍ରକାଶ କରିଥିଲେ। କେସିଙ୍ଗା ରେଲୱେ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଡିଆରଏମଙ୍କ ଏହି କଥାକୁ ନେଇ ବୁଧବାର କେସିଙ୍ଗା ସହର ସମସ୍ତ ଦୋକାନ ବଜାର ଏବଂ ଯାନବାହନ ଚଳାଚଳ ବନ୍ଦ ରଖିବାକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୬ ନଂ. ଜାତୀୟ ରାଜପଥ ଦେଇ ରାୟପୁର-ବିଶାଖାପାଟଣାକୁ ସଂଯୋଗ ହେଉଥିବା ୩ୟ ଲାଇନ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ୩ଟି ଲାଇନକୁ ଯାତ୍ରୀମାନେ ଅତିକ୍ରମ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ଭୋଗିବାକୁ ପଡିବ। ବର୍ତ୍ତମାନ ଦୁଇଟି ୨ୟ ଲାଇନ ସମ୍ପୂର୍ଣ୍ଣ ହୋଇ ବିଦ୍ୟୁତ ଚାଳିତ ଦ୍ରୁତଗାମୀ ଟ୍ରେନକୁ ଅତିକ୍ରମ କରିବା ସମୟରେ ଦୈନିକ ୧୬ ଘଣ୍ଟା ରେଲୱେ ଫାଟକ ବନ୍ଦ ରହୁଛି। ଫଳରେ ଯାତ୍ରୀବାହୀ ବସ, ମାଲ ବୋଝେଇ ଟ୍ରକ, ଦୁଇ ଚକିଆ ଯାନବାହନ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖାଯାଉଛି।


କେସିଙ୍ଗା ରେଲୱେ କ୍ରିୟାନୁଷ୍ଠାନ ସଦସ୍ୟମାନେ ଡିଆରଏମଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନା କରୁଛନ୍ତି।

**କେସିଙ୍ଗା ରେଲୱେ କ୍ରିୟାନୁଷ୍ଠାନ କମିଟି**

# ଧର୍ମଗଡ଼ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଭବାନୀପାଟଣା,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଏସ୍‌ପି ବାତୁଲା ଗଙ୍ଗାଧର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପଦ୍ମନାଭ ବଳରାମ ପୂଝାରୀ, ବିଡିଓ ଗୋପାଳକୃଷ୍ଣ ମିଶ୍ର ଓ ତହସିଲଦାର ଚିନ୍ମୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ମୋଟ ୧୨୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ୧୧୨ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୭ଟି ସମୂହ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିମଧ୍ୟରେ ପିପଲା-ଟୁରିହଳଦୀ ପ୍ରଧାନମନ୍ତ୍ରୀ ସଡକ ନବୀକରଣ, ଗଡିଆଯୋର ପଞ୍ଚାୟତରେ ଅଚଳ ସୋଲାର ପାନୀୟ ଜଳ ପ୍ରକଳ୍ପ ମରାମତି ଭଳି ଅଭିଯୋଗ ରହିଥିଲା। ତୁରନ୍ତ ଅଭିଯୋଗ ସବୁର ସମାଦାନ ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ଶିବିରରେ ଆଶାନୁରୂପ ଭିଡ ହୋଇ ନ ଥିବା ଦେଖାଯାଇଥିଲା।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ମୁଢ଼ି ମିକ୍ସଚର ଦେଇଛେ ଜୀବନ୍‌ଜିବ୍‌କା


ଦୁର୍ଯ୍ୟୋଧନ ମୁଢ଼ି ମିକ୍ସଚର ବିକୁଛନ୍।

**କର୍ଲାମୁଣ୍ଡା, ୨୧।୧ (ଡି.ଏନ୍.ଏ.)**

କଥାରେ ଅଛେ କାମ୍‌କେ ଛୋଟ୍ ବଡ଼ ନାଇଁ ଭାବି କରି କରମ୍ କରୁଥିବାର ଲୋକ୍‌ର ପେଟ୍ କେଭେ ଖାଲି ନାଇଁ ରହେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଂଚଲରେ। ସୂଚନା ଅନ୍‌ସାରେ କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଗାଁର ଦୁର୍ଯ୍ୟୋଧନ ସାହୁ(୪୯)। ପରିବାର କହେଲେ ମାଏକିନା ଆର ୩ ପୁଓକୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍, ଜମିବାଡ଼ି ବଲି କିଛି ନାଇଁ। ଘରେ ସବୁବେଲେ ଅଭାବ ଅନାଟନ ଲାଗି ରହିଥିଲା। ଏନ୍‌ତାଥି ଆଏଜ୍‌କେ ୨୦ ବଛର ତଲେ ଦୁର୍ଯ୍ୟୋଧନ ସାଇକେଲରେ ବୁଲି ବୁଲି ମୁଢ଼ି ମିକ୍ସଚର ବିକ୍‌ବାର ଆରମ୍ କରିଥିଲେ। ସେସମିଆରେ ସେ ୫୦ ଟଁକାରେ ନିଜର ବେପାର ଆରମ୍ କରିଥିଲେ ଆର ସେଥିରେ ଦିନକ ୧୫୦ ଟଁକା ଲାଭ୍ କରୁଥିଲେ। ସେଦିନ୍‌ଠାନୁ ନିଜର ବେପାରକେ ଭଲ ପାଏବାର ସଂଗେ ପରିଶ୍ରମ କରି ଆସୁଛନ୍। ଇ ମୁଢ଼ି ମିକ୍ସଚର ବେପାରରୁ ସେ ବଡ଼ପୁଓକେ ବିହାତୁରା କରି ସାରିଥିଲାବେଲେ ସେ ଏହେଦେ ସିଟି କରୁଛନ୍। ସେନ୍‌ତା ବାକି ଦୁଇ ପୁଓ ବିଏ ପାସ୍ କରି ଚାକ୍‌ରିବାକ୍‌ରି ଖୁଜୁଛନ୍। ସେନ୍‌ତା ସେବେଲର ଭୂମିହୀନ ଦୁର୍ଯ୍ୟୋଧନ ଏହେଦେ ଇ ବେପାରରୁ ୧ ଏକର ଚାଷ୍‌ଜମି ଆର ୧୨ ଡେସିମିଲ ଘରଡିହ କରିପାରିଛନ୍। ତାକର ବେପାରରେ ବି କିଛି ପରିବରତନ କରିଛନ୍। ଆଗ୍ରୁ ସେ ସାଇକେଲ ମାଡ଼ି ମାଡ଼ି ଗାଁଗାଁ ବୁଲି ବେପାର କରୁଥିଲେ। ହେଲେ ଏହେଦେ ସେ ଗୁଟେ ଟିଭିଏସ୍ ସୁପରଏକ୍ସସେଲ ଗାଡ଼ି ଘିନି ସେଥିରେ ବୁଲି ବୁଲି ବେପାର କରୁଛନ୍। ତାହାକୁ ଇ ବେପାର ବାବ୍‌ଦେ ପଚ୍‌ରାଲାରୁ ଆଗିଆଁ ବେପାର ଛୋଟ୍ କି ବଡ଼ ନୁହେ। ଯେନ୍ ବି ବେପାର କରୁନ୍ ପହେଲା ସେତାକେ ନିଜେ ଭଲ୍ ପାଏବାର କଥା। ଲାଭ୍ ଲବ୍‌ଧି ତ ପଛର କଥା। ସେନ୍‌ତା ଅନେକ ସମିଆରେ ଗରିବି, ଭୁଖ୍‌ମରି, ଅଭାବ ଅନାଟନ ମୁନୁଷ୍‌କେ ରାସ୍‌ତା ଦେଖେଇ ଦେସି ବଲି ସେ କହିଥିଲେ।

# କଲମପୁର ଅଞ୍ଚଳରେ ଚାଲିଛି ସଟ୍ଟା, ମଦ କାରବାର

**କଲମପୁର,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ଫାଣ୍ଡି ଅଧୀନ ଚୁରାଗାଁ, ବନ୍ଦକନା, ଡେଣ୍ଟୁଲିଖୁଣ୍ଟି, ପାତ୍ରବସା, ପଣ୍ଡିଗାଁ, କେନ୍ଦୁଗୁଡା, ଇଚ୍ଛାପୁର, ଦେପୁର ଅଞ୍ଚଳରେ ସଟ୍ଟା କାରବାର ଚାଲିଛି। ସେହିପରି ବଡକୁଟ୍ରୁ ଫାଣ୍ଡି ଅଧୀନ ବଡକୁଟ୍ରୁ, ବରଛି, ପାଣିଗାଁ, ଖଙ୍ଗାରଗୁଡା, ବିଜମରା, ଦୋଲକିବନ୍ଧ, ରଣମାଲ, ଟେମେରି, ଅରେବେଡା, ନୁଆଁଗାଁ, ମଣ୍ଡଳ ଆଦି ଗାଁରେ ସଟ୍ଟା ଏଜେଣ୍ଟମାନେ ଦିନ ଦ୍ୱି ପ୍ରହରରେ ଲକ୍ଷ ଲକ୍ଷ ଟଙ୍କା କାରବାର କରୁଛନ୍ତି। ବର୍ଷବର୍ଷ ଧରି ସଟ୍ଟା ଖେଳ ଚାଲୁଥିବାରୁ ଅଞ୍ଚଳର ଲୋକେ ଲକ୍ଷ ଲକ୍ଷ ଟଙ୍କା ହରାଇ ସର୍ବଶାନ୍ତ ହେଉଛନ୍ତି। ଫଳରେ ଅଶାନ୍ତି ଦେଖାଯାଉଥିବା ସହ ପରିବାରରେ ଗଣ୍ଡଗୋଳ ବଢିବାରେ ଲାଗିଛି। କଲମପୁର ବ୍ଲକ ଅଧୀନ ବର୍ଛି ଏବଂ କଲମପୁରଠାରେ ଲାଇସେନ୍ସପ୍ରାପ୍ତ ଦେଶି ମଦଭାଟି ଦୁଇଟି ରହିଥିବା ବେଳେ ପାତ୍ରବସା, ଭେଲାଗାଁ ଓ ମଣ୍ଡଳଠାରେ ସବ୍‌ବ୍ରାଞ୍ଚ ଥିବା ଜଣାପଡିଛି। ବିଜମରା, କଲମପୁର, ମଣ୍ଡଳଠାରେ ବିଦେଶୀ ଠିପି ବନ୍ଦ ମଦ ଦୋକାନ ରହିଥିବା ବେଳେ କଲମପୁର ମୁଖ୍ୟ ରାସ୍ତା କେନ୍ଦ୍ରସ୍ଥଳରେ ଠିପି ଖୋଲା ବିଦେଶୀ ମଦ ଦୋକାନ ରହିଛି। ଏହା ସତ୍ତ୍ୱେ ଜୁନାଗଡ ଅଞ୍ଚଳର ଦେଦର ଦେଶୀ ମଦ ଭାଟିରୁ ଦୈନିକ ବେପାରିମାନେ ମଦ ଆଣି କଲମପୁର ଅଞ୍ଚଳ ଗାଁ ଗହଳିରେ କାରବାର କରୁଛନ୍ତି। ବିଦେଶୀ ଠିପୀ ବନ୍ଦ ଦେକାନରେ ରେଟ୍ ଚାର୍ଜ ମାରି ମଦ ବିକ୍ରି କରିବା ପାଇଁ ସରକାରୀ ନିୟମ ରହିଥିବା ବେଳେ ସେସବୁ ନିୟମକୁ ଉଲ୍ଲଂଘନ କରି ଅଧିକ ଦାମ୍‌ରେ ମଦ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଜୟପାଟଣା ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିତା ପ୍ରଧାନଙ୍କୁ ପଚାରିବାରୁ ଏସବୁ ମୋ ନଜରକୁ ଆସି ନାହିଁ, ମୁଁ ଜାଣିବା ପରେ ନିଶ୍ଚୟ ତାର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଅଭିଯୁକ୍ତଙ୍କୁ ସାଢ଼େ ୩ ବର୍ଷ ଜେଲ୍ ଦଣ୍ଡାଦେଶ

**ଜୁନାଗଡ,୨୧।୧(ଡି.ଏନ.ଏ.)**

**ମହିଳାଙ୍କୁ ଅସଦାଚରଣ କରିବା ଘଟଣାର ରାୟ ପ୍ରକାଶ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଘଟଣା ରାୟ ସୋମବାର ପ୍ରକାଶ ପାଇଛି। ଜୁନାଗଡ ଜେଏମ୍‌ଏଫସି କୋର୍ଟ ଜଜ୍ ଦେଶପ୍ରିୟ ବାରିକ ଏହି ଘଟଣାରେ ଉକ୍ତ ଗ୍ରାମର ପବିତ୍ର ବିହାରୀଙ୍କୁ ଦୋଷୀ ସାବସ୍ତ୍ୟ କରି ୨ଟି ଦଫାରେ ସାଢେ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ଉକ୍ତ ୨ଟି ଦଫା ପାଇଁ ୮ ଶହ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ତାଙ୍କୁ ୨୫ ଦିନ ଅଧିକ ଜେଲ ଦଣ୍ଡାଦେଶ ପାଇଁ ରାୟରେ ଉଲ୍ଲେଖ ରହିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨୦୧୯ ମାର୍ଚ୍ଚ ୨୩ ତାରିଖ ରାତି ୯ଟାରେ ଜୁନାଗଡ ବ୍ଲକ ନୂଆଗୁଡା ଗ୍ରାମର ଦଇମତି ବିହାରୀଙ୍କୁ ଉକ୍ତ ଗ୍ରାମର ପବିତ୍ର ବିହାରୀ ଅସଦାଚରଣ କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏ ନେଇ ଦଇମତି ସେତେବେଳେ ଜୁନାଗଡ ଥାନାରେ ଏତଲା ଦେଇଥିଲେ। ପରେ ଏହି ମାମଲା ଥାନାରୁ କୋର୍ଟକୁ ଆସିଥିଲା। ସେତେବେଳେ ଆଇପିସି ୨୯୪/୩୨୩/୩୫୪ବି/୫୦୬ ଦଫାରେ ଏକ ମାମଲା (ନଂ. ୯୫/୧୯) ରୁଜୁ ହୋଇଥିଲା। ଜେଏମଏଫ୍‌ସି କୋର୍ଟ ବିଚାର କରି ଅଭିଯୁକ୍ତ ପବିତ୍ରଙ୍କୁ ଆଇପିସି ୩୨୩ ଦଫାରେ ୬ ମାସ ଜେଲଦଣ୍ଡାଦେଶ ସହ ୩ ଶହ ଟଙ୍କା ଜରିମାନା ଓ ଆଇପିସି ୩୫୪ବି ଦଫାରେ ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୫ ଶହ ଜରିମାନା କରିଛନ୍ତି। ମୋଟ ସାଢେ ୩ ବର୍ଷ ଜେଲ ଦଣ୍ଡାଦେଶ ୮ଶହ ଟଙ୍କା ଜରିମାନା ଶୁଣାଇଛନ୍ତି। ସେହିପରି ପ୍ରମାଣ ଅଭାବରୁ ଆଇପିସି ୨୯୪ ଓ ୫୦୬ ଦଫା ପାଇଁ କୌଣସି ଜେଲ ଦଣ୍ଡାଦେଶ କରିନାହାନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଯୁବ ଏପିପି ଅଶୋକ କୁମାର ନାୟକ ଓ ଦିଗାମ୍ବର ନାଏକ ପରିଚାଳନା କରିଥିଲେ। ଜୁନାଗଡ ପୋଲିସ ପକ୍ଷରୁ ଏଏସ୍‌ଆଇ ବୈଷ୍ଣବ ନାଏକ ଏହି ଘଟଣାର ତଦନ୍ତ କରୁଥିଲେ।

# ଫୁଟ୍‌ବଲ୍ ଟୁର୍ନାମେଣ୍ଟ: ସିନ୍ଧିକାଗୁଡ଼ା ଚାମ୍ପିୟନ

**ଜୟପାଟଣା,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ ଭଇଁରିପାଲି ଗ୍ରାମରେ ଚାଲିଥିବା ପଞ୍ଚଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ସୁଶୀଲ ଶବର, ସମ୍ମାନିତ ଅତିଥି ଆୟୋଜକ କମିଟି ମା' ରକ୍ତ ମାଉଳି ଯୁବ ଅନୁଷ୍ଠାନ ସଭାପତି ବୃନ୍ଦାବନ ରାଉତ, ମାନସ ପଣ୍ଡା, ସମିତି ସଭ୍ୟ ଚିନ୍ମୟ ରାଉତ ଯୋଗଦେଇଥିଲେ। ଫାଇନାଲ ଖେଳରେ ନାଇକାଣିଗୁମା ଓ ସନ୍ଧିକାଗୁଡ଼ା ମଧ୍ୟରେ ଖେଳ ହୋଇଥିଲା। ସମୟ ଅଭାବରୁ ଅମିମାଂଶିତ ଭାବେ ସମାପ୍ତ ହେବା ପରେ ପେନାଲଟିକ୍ ସଟ୍‌ରେ ୫-୨ ଗୋଲରେ ସିନ୍ଧିକାଗୁଡ଼ା ବିଜୟ ହୋଇଥିଲା। ଉଭୟ ଦଳଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଟ୍ରଫି ଏବଂ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଠାକୁର ଦଳପତି, କ୍ଲବ୍ ସମ୍ପାଦକ ପ୍ରସନ୍ନ ବାଗ ସହଯୋଗ କରିଥିବା ବେଳେ କୁମ୍ଭଯୋର ପି.ଇ.ଟି. ଖେଳ ପରିଚାଳନା କରିଥିଲେ।


ଫାଇନାଲ ଖେଳ ଅବସରରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ମଣ୍ଡିରୁ ଧାନ ଉଠାଇବା ପାଇଁ ଚାଷୀଙ୍କ ବ୍ଲକ ଘେରାଉ

**କେସିଙ୍ଗା,୨୧।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାଣ୍ଡେଲସ୍ଥିତ ପ୍ୟାକ୍ସ ପକ୍ଷରୁ ଚାଷୀଙ୍କୁ ଟୋକେନ ଦିଆଯାଇଥିବା ବେଳେ ଧାନ ଦୀର୍ଘ ୬ ଦିନ ହେଲା ମଣ୍ଡିରେ ପଡିରହିଛି। ଏହାର ପ୍ରତିବାଦରେ ମଙ୍ଗଳବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଚାଷୀମାନେ ଘେରାଉ କରିଥିଲେ। କାଣ୍ଡେଲ ପ୍ୟାକ୍ସ ଅଞ୍ଚଳର ୫୭ଜଣ ଚାଷୀଙ୍କ ୩୮୪୯ କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଏଥି ମଧ୍ୟରୁ ୧୪ଜଣ ଚାଷୀଙ୍କୁ ଟୋକନ ଦିଆ ସରିଯାଇଛି। କେସିଙ୍ଗା ଶ୍ରୀରାମ, ଜୈନ ଏସକେପି ଓ ବିଟ୍ରେକ ମିଲ ଧାନ କ୍ରୟ କରିବା ପାଇଁ ଖାଦ୍ୟ ଯୋଗାଣ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ କାଣ୍ଡେଲ ମଣ୍ଡିରେ ୬ ଦିନ ହେଲା ଧାନ ପଡି ଥିବାରୁ ଶତାଧିକ ଚାଷୀ ଦୀର୍ଘ ୨ ଘଣ୍ଟା ଧରି ବ୍ଲକ ଘେରାଉ କରିଥିଲେ। କେସିଙ୍ଗା ଯୋଗାଣ ସହ ନିରୀକ୍ଷକ ପୁଷ୍ପଲତା ଦାସ ପହଞ୍ଚି ଚାଷୀଙ୍କୁ ତିନି କିମ୍ବା ଚାରି ଦିନ ଭିତରେ ଧାନ ଉଠାଯିବା ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଓହରିଥିଲେ।


ଚାଷୀଙ୍କ ସହ ଯୋଗାଣ ସହନିରୀକ୍ଷକ ଆଲୋଚନା କରୁଛନ୍ତି

# ବିପଦସଙ୍କୁଳ ଜିଲାପାଳଙ୍କ କାର୍ଯ୍ୟାଳୟ

**ଭବାନୀପାଟଣା,୨୧।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରତି କାହାର ଧ୍ୟାନ ନ ଥିବା ଅତି ଦୁଃଖର ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଦୀର୍ଘ ଦିନରୁ ନିର୍ମାଣ ହୋଇଥିବା ଜିଲାପାଳ କାର୍ଯ୍ୟାଳୟ କୋଠର ଛାତ ଓ କାନ୍ଥରେ ଲଟା ବୁଦା ମାଡି ଗଲାଣି। ଆବର୍ଜନା ପଡିଥିବା ଜାଗାରେ ଓସ୍ତଗଛ, ବରଗଛ କାୟା ବିସ୍ତାର କରିଛି। ଫଳରେ ଜିଲାପାଳ କାର୍ଯ୍ୟାଳୟ ଏକ ଆବର୍ଜନାମୟ ପରିବେଶ ଭଳି ଅନୁମେୟ ହେଉଥିବା ବେଳେ କାନ୍ଥ ଓ ଛାତରେ ଗଛଗୁଡିକ ବୃଦ୍ଧି ପାଉଥିବା ଯୋଗୁ କୋଠାର କାନ୍ଥ ଓ ଛାତରେ ଫାଟ ସୃଷ୍ଟି ହେବା ଆରମ୍ଭ ହେଲାଣି। ଏପଟେ କାର୍ଯ୍ୟାଳୟ ଭିତରେ ଫାଇଲପତ୍ରଗୁଡିକୁ ସାଇତି ରଖିବା ପାଇଁ ଆବଶ୍ୟକ ଜାଗା ନ ଥିବାରୁ ଧୂଳି ଓ ଆର୍ଦ୍ରତାର ସଂସ୍ପର୍ଶରେ ଆସି ଜରୁରୀ କାଗଜପତ୍ରଗୁଡିକର ରଙ୍ଗ ପରିବର୍ତ୍ତନ ହେବା ସହ ନଷ୍ଟ ହେବାକୁ ବସିଲାଣି। କାର୍ଯ୍ୟାଳୟ ବିଭିନ୍ନ ବିଭାଗ ବ୍ୟବହୃତ କାଠରେ ନିର୍ମିତ ଆସବାବପତ୍ର ନଷ୍ଟ ହେବାକୁ ବସିଲାଣି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳଙ୍କୁ ପଚାରିବାରୁ ଜିଲାପାଳ କାର୍ଯ୍ୟାଳୟ କୋଠାରେ କୋର୍ଟ କାର୍ଯ୍ୟ ମଧ୍ୟ ଚାଲିଛି। ତେଣୁ ଜାଗାର ଯଥେଷ୍ଟ ଅଭାବ ରହିଛି। କୋର୍ଟ ପାଇଁ ସ୍ୱତନ୍ତ୍ର ରୂପେ ଏକ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ଚାଲିଛି। ଜିଲାପାଳ କାର୍ଯ୍ୟାଳୟରୁ କୋର୍ଟ କାର୍ଯ୍ୟାଳୟ ସ୍ଥାନାନ୍ତରିତ ହେବା ପରେ ଜିଲାପାଳ କାର୍ଯ୍ୟାଳୟ ମଧ୍ୟରେ ଥିବା ବିଭିନ୍ନ ସମସ୍ୟାର ସୁଧାର ଅଣାଯାଇ ପରିବ ବୋଲି କହିଥିଲେ। ଜିଲାପଳ କାର୍ଯ୍ୟାଳୟ କୋଠାରେ ଉଠିଥିବା ଗଛ ଓ ଲଟା ବୁଦାକୁ ଶୀଘ୍ର ସଫା କରାଯିବା ପାଇଁ ସାଧାରଣରେ ଦାବି ହେଉଛି।


ଜିଲାପାଳଙ୍କ କାର୍ଯ୍ୟାଳୟ କୋଠର ଛାତ ଓ କାନ୍ଥରେ ଲଟାବୁଦା ମାଡି ବସିଛି।

## ସଂକ୍ଷେପରେ

### ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

**ଉଲୁଣ୍ଡା, ୨୧।୧(ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ଗ୍ରାମରେ ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପ୍ରାଣୀ ବିକାଶ କେନ୍ଦ୍ର ଅଧିକାରୀ ବିକାଶ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉଲୁଣ୍ଡା ବିଡିଓ ଡ. ସତ୍ୟନାରାୟଣ ସାହୁ ଯୋଗଦେଇ ସରକାରଙ୍କ ତରଫରୁ ମାଗଣାରେ ଔଷଧ ଯୋଗାଇ ଦେବାକୁ କହିଥିଲେ। ଏହି ଅବସରରେ ଗ୍ରାମର ୧୮ଜଣ ଚାଷୀଙ୍କ ୩୦ଟି ଗାଈର ଚିକିତ୍ସା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ୨ଟି ଗାଈର କୃତ୍ରିମ ପ୍ରଜନନ କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ମାଗଣାରେ ଏହି ସୁବିଧାର ଲାଭ ଉଠାଇବାକୁ ସଚେତନ କରାଯାଇଥିଲା। ବେହେରାମାଲ ଗ୍ରାମରେ ମଧ ଏଭଳି ଏକ କାର୍ଯ୍ୟକ୍ରମ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# 'ନାଟକ ମାଧ୍ୟମରେ ଭାଇଚାରା ପ୍ରତିଷ୍ଠା ହେଉଛି'

**ବଲାଙ୍ଗୀର ଅଫିସ, ୨୧।୧**



ଅତିଥିମାନେ ଗିନିଜ୍ ବୁକ୍ ଅଫ୍ ରେକର୍ଡଧାରୀ ଅମନ ଛତ୍ରିଆଙ୍କୁ ମଠଖାଇ ସମ୍ମାନରେ ସମ୍ମାନିତ କରୁଛନ୍ତି।

**ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା**

ସର୍ବଭାରତୀୟ ବହୁଭାଷୀ ନାଟକ ଉତ୍ସବ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ପୂର୍ତ୍ତ, ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ନାଟକ ମାଧ୍ୟମରେ ଭାଇଚାରା ପ୍ରତିଷ୍ଠା ସମ୍ଭବ ବୋଲି କହିଥିଲେ । ମଠଖାଇ ମହୋତ୍ସବ ମାଧ୍ୟମରେ ଆମ ସମାଜରେ ସାଂସ୍କୃତିକ ଓ ସାମାଜିକ ଆନ୍ଦୋଳନ ହେଉଛି ଓ ଏହାଦ୍ୱାରା ଆମେ ସମସ୍ତେ ଲାଭବାନ୍ ହେଉଛୁଁ ବୋଲି କହିଥିଲେ। ଆୟୋଜକ ମଠଖାଇ ମହୋତ୍ସବ କମିଟି ଓ ଭୂମିକା ପରିବାରକୁ ଶୁଭେଚ୍ଛା ଜଣାଇଥିଲେ । ଏଭଳି କାର୍ଯ୍ୟକ୍ରମ ପାଇଁ ସେ ଏବଂ ତାଙ୍କ ବିଭାଗ ଆଗକୁ ମଧ ସମର୍ଥନ ଓ ସହଯୋଗ ଜାରି ରଖିବେ ବୋଲି କହିଥିଲେ । ମଠଖାଇ ମହୋତ୍ସବ କମିଟି ଅଧକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମନ୍ତ୍ରୀ ମଲ୍ଲିକଙ୍କ ସହ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡାବିତ୍ ଆନନ୍ଦିନୀ ଦର୍ଜୀ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ । ଅତିଥି ଦର୍ଜୀ ତାଙ୍କ ଅଭିଭାଷଣରେ ମଠଖାଇ ମହୋତ୍ସବ ସାଂସ୍କୃତିକ ଚେତନା ଜାଗ୍ରତ କରୁଛି ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ବିଧାୟକ ମିଶ୍ର ମଠଖାଇ ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବାକୁ ଯାଇ ନାଟକ, କଳା ଓ ସାଂସ୍କୃତି ଜରିଆରେ ସମାଜରେ ଭାଇଚାରା ପ୍ରତିଷ୍ଠା ଓ ବଲାଙ୍ଗୀରର ଉନ୍ନତି ହିଁ ଲକ୍ଷ୍ୟ ବୋଲି କହିଥିଲେ । ଏଥିରେ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀଙ୍କ ସହଯୋଗ ଓ ବଲାଙ୍ଗୀରବାସୀଙ୍କ ସମର୍ଥନକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଗିନିଜ୍ ବୁକ୍ ରେକର୍ଡ ଅଧିକାରୀ ଅମନ୍ ଛତ୍ରିଆଙ୍କୁ ଅତିଥିମାନେ ମଠଖାଇ ସମ୍ମାନରେ ସମ୍ମାନିତ କରିଥିଲେ । ଏହା ସହିତ କୋଶଲୀ ଚଳଚ୍ଚିତ୍ର ଝରନ୍‌ର କଳାକାରମାନଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା । ସଭା ପ୍ରାରମ୍ଭରେ ବଲାଙ୍ଗୀର ଢ଼ୋଲ ମୁହୁରୀ ଅନୁଷ୍ଠାନ ତରଫରୁ ବଜନିଆ ନୃତ୍ୟ ପରିବେଷଣ କରାଯାଇଥିଲା । ମଠଖାଇ ମହୋତ୍ସବର ତୃତୀୟ ଦିନ ମଞ୍ଚକୁ ଦିବଙ୍ଗତ ଯୁବ କଳାକାର ତଥା ଭୂମିକା ସଦସ୍ୟ ମନୋଜ ମିଶ୍ରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା । ତୃତୀୟ ଦିନର ସଭାକୁ ଅଖିଳ ହୋତା ପରିଚାଳନା କରିଥିଲେ । ପୂର୍ବାହ୍ନରେ କୋଶଳ କଳାମଣ୍ଡଳ ପୁରୁଣା ମଞ୍ଚରେ ଏନ୍‌ଏସ୍‌ଡିଏନ୍ ରାମଚନ୍ଦ୍ର ସାହୁ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ପ୍ରଦର୍ଶନ ଭିତ୍ତିକ ବକ୍ତୃତା ଦେଇ ମଞ୍ଚ ନାଟକ ସମ୍ପର୍କରେ ଆଲୋଚନା କରିଥିଲେ ।

### ମହଦା ପ୍ୟାକ୍ସର ନବ ନିର୍ମିତ ଅଫିସ୍ ଗୃହ ଉଦ୍‌ଘାଟିତ

**ବିନିକା, ୨୧।୧(ଡି.ଏନ୍.ଏ.)**

୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା କୃଷି ସମବାୟ ସମିତିର ନବନିର୍ମିତ କାର୍ଯ୍ୟାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ୟାକ୍ସଗୃହର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପନିବନ୍ଧକ ସମବାୟ ସମିତି ସମୂହ ବଲାଙ୍ଗୀର ପ୍ରଶାନ୍ତ କୁମାର ମହାନ୍ତି, ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ଡୁଙ୍ଗୁରିପାଳି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ସୋନପୁର ଗିରୀଶ ଚନ୍ଦ୍ର ପୁରୋହିତ, ସମବାୟ ସମ୍ପ୍ରସାରଣ ଅଧିକାରୀ ବିନିକା ଅକ୍ଷୟ କୁମାର ମେହେର ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ଅବସରରେ ପ୍ୟାକ୍ସ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା । ପ୍ୟାକ୍ସ ଅଞ୍ଚଳର ଶତାଧିକ ଉପସ୍ଥିତ ଥିଲେ । ମହଦା ପ୍ୟାକ୍ସ ସଭାପତି ଲକ୍ଷ୍ମଣ ବିଶ୍ୱାଳଙ୍କ ସଭାପତିତ୍ୱ ଓ ସମ୍ପାଦକ ନାରାୟଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସଭା ଆୟୋଜିତ ହୋଇଥିଲା ।


ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହିନ୍ଦୀ ନାଟକ ଗାନ୍ଧୀଚୌକର ଏକ ଦୃଶ୍ୟ ।

# ସ୍ୱାର୍ଥ ପାଇଁ ଗାନ୍ଧିଜୀଙ୍କୁ ବ୍ୟବହାର କରନାହିଁ

**ବଲାଙ୍ଗୀର ଅଫିସ, ୨୧।୧**

- ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟାର ନାଟକ ଗାନ୍ଧୀଚୌକ ମଞ୍ଚସ୍ଥ
- ଲରିଆ ଭାଷାରେ କୃତଜ୍ଞତା ଜଣାଇଲେ କୁସୁମ ମିଶ୍ର

ସର୍ବଭାରତୀୟ ବହୁଭାଷୀ ମଞ୍ଚ ନାଟକ ସମାରୋହ ମଠଖାଇ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଛତିଶଗଡ ପ୍ରଦେଶ ରାୟଗଡର ଇଣ୍ଡିଆନ୍ ପିପୁଲ ଥିଏଟର ଆସୋସିଏଶନ୍‌ର ବହୁଚର୍ଚ୍ଚିତ ହିନ୍ଦୀ ନାଟକ ଗାନ୍ଧୀଚୌକ ମଞ୍ଚସ୍ଥ ହୋଇଥିଲା। ଅଶୋକ ମିଶ୍ରଙ୍କ ରଚିତ ଓ ଅଜୟ ଆଟଲେଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ଗାନ୍ଧୀଚୌକ ଦର୍ଶକଙ୍କୁ ଏକ ନିଆରା ବାର୍ତ୍ତା ଦେଇଥିଲା । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷରେ ଗାନ୍ଧୀ ଦର୍ଶନ ଓ ବିଚାରକୁ ନେଇ ପରିବେଷିତ ଏହି ନାଟକ ବେଶ୍ ଶିକ୍ଷଣୀୟ ହୋଇପାରିଥିଲା । ଗାନ୍ଧିଜୀଙ୍କ ନାଁରେ ଆମ ସମାଜରେ କିଭଳି ସଂକୀର୍ଣ୍ଣ ରାଜନୀତି କରି ଆମେ ବାହାବା ନେଇଥାଉଁ ଏହା ଏହି ନାଟକରେ ପ୍ରଦର୍ଶିତ ହୋଇଥିଲା । ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନାଁରେ ଭାଗଭାଗ କରି ପୁଣି ଗାନ୍ଧୀଜୀଙ୍କ ନାଁରେ କିଭଳି ସେମାନଙ୍କୁ ଛଳନା କରାଯାଏ ତାହା ନାଟକରେ ପ୍ରଦର୍ଶିତ ହୋଇଥିଲା । ଗାନ୍ଧୀ ଜୟନ୍ତୀରେ ଜଣେ ମନ୍ତ୍ରୀ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରିବା ପାଇଁ ବାଧ୍ୟବାଧକତାରେ ଜଣେ ଦଳିତ ବର୍ଗର ବ୍ୟକ୍ତିଙ୍କୁ ଡାକି ଆଣି ଛଳନା କରୁଛନ୍ତି । ଗାନ୍ଧିଜୀଙ୍କ ନାଁରେ ଭଦ୍ର ମୁଖାରେ ଆମେ କିଭଳି ଆମର ମୁହଁ ଢ଼ାଙ୍କିବାକୁ ଯାଇ ସ୍ୱାର୍ଥସିଦ୍ଧି କରୁଛୁଁ ଓ ଏହା ପ୍ରକାରାନ୍ତରେ ଆମ ସମାଜତ ଆମ ପାଇଁ କେତେ ଘାତକ ହେଉଛି ତାହା ଏହି ନାଟକରେ ମାର୍ମିକ ଢ଼ଙ୍ଗରେ ଉପସ୍ଥାପନ କରାଯାଇଥିଲା । କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା । ତୀକ୍ଷଣ ବ୍ୟଙ୍ଗ ଓ ହାସ୍ୟରୋଳ ଭିତରେ ଏହି ନାଟକ ସ୍ୱାର୍ଥାନ୍ଧ ମଣିଷ ଭାବନା ଓ ପ୍ରକୃତ ଗାନ୍ଧୀ ବିଚାର ଓ ଦର୍ଶନକୁ ଉପସ୍ଥାପିତ କରିଥିଲା । ନାଟକ ଶେଷ ହେବା ପରେ ମଠଖାଇ ମହୋତ୍ସବ କମିଟି ଅଧକ୍ଷ ବିଧାୟକ ନରସିଂହ ମିଶ୍ର, ତାଙ୍କ ସ୍ତ୍ରୀ କୁସୁମ ମିଶ୍ର, ମଠଖାଇ ମହୋତ୍ସବ କମିଟି ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ମଞ୍ଚ ଉପରକୁ ଯାଇ ରାୟଗଡର ଇଣ୍ଡିଆନ୍ ପିପୁଲ ଥିଏଟର ଆସୋସିଏସନ୍‌ର ସମସ୍ତ ସଦସ୍ୟ, ନାଟକ ଗାନ୍ଧୀଚୌକର ସମସ୍ତ ଅଭିନେତାଙ୍କୁ ସମ୍ମାନିତ କରିଥିଲେ । ବିଧାୟକ ମିଶ୍ରଙ୍କ ସ୍ତ୍ରୀ କୁସୁମ ମିଶ୍ର ତାଙ୍କ ମା'ଘର ଗାଁ ରାୟଗଡର କଳାକାରଙ୍କୁ ମଞ୍ଚରେ ପାଇ ସେମାନଙ୍କ ଉଦ୍ଦେଶ୍ୟରେ ଲରିଆ ଭାଷାରେ ସମ୍ପ୍ରୀତିର ବାର୍ତ୍ତା ଦେଇଥିଲେ । ଗାନ୍ଧୀଚୌକ ନାଟକ ଖୁବ୍ ମନଛୁଆଁ ହୋଇଥିବା କହି କଳାକାରମାନଙ୍କୁ କୃତଜ୍ଞତା ଜଣାଇଥିଲେ । ଅତିଥି ମିଶ୍ରଙ୍କ ଲରିଆ ଭାଷାରେ ଅଭିବାଦନକୁ ନେଇ ଉଭୟ କଳାକାର ଓ ଦର୍ଶକ କରତାଳି ଦେଇ ସ୍ୱାଗତ କରିଥିଲେ ।

# ପିସ୍ତଲ ଦେଖାଇ ୩ ଲକ୍ଷ ଟଙ୍କା, ୯ ମୋବାଇଲ ଲୁଟିଲେ

**ବଲାଙ୍ଗୀର ଅଫିସ, ୨୧।୧**



ଡକାୟତି ହୋଇଥିବା ବଲାଙ୍ଗୀର ରେଲୱେ ଷ୍ଟେସନ୍ ରୋଡସ୍ଥିତ ଏୟାରଟେଲ କାଉଣ୍ଟର ।

ବଲାଙ୍ଗୀର ସହର ମଧ୍ୟସ୍ଥଳ ରେଲୱେ ଷ୍ଟେଶନ୍ ରାସ୍ତାର ଏକ ଦୋକାନରୁ ଡକାୟତ ଦଳ ପିସ୍ତଲ ଦେଖାଇ ୩ ଲକ୍ଷ ଟଙ୍କା ଓ ୯ଟି ମୋବାଇଲ ଲୁଟି ନେଇଛନ୍ତି। କଫ୍ ସିରପ ମାଫିଆଙ୍କୁ ଟାର୍ଗେଟ କରି ମିଶନ୍ କ୍ଲିନ୍ ଅଭିଯାନ ଚଳାଇଥିବା ବଲାଙ୍ଗୀର ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି ଡକାୟତମାନେ। ସୋମବାର ରାତିରେ ସହର ମଧ୍ୟସ୍ଥଳ ରେଲୱେ ଷ୍ଟେଶନ୍ ରାସ୍ତାରେ ଥିବା ଏୟାରଟେଲ କାଉଣ୍ଟରକୁ ୫ ଜଣ ଡକାୟତ ପଶିଥିଲେ। ପିସ୍ତଲ ଦେଖାଇ ଟଙ୍କା ଓ ମୋବାଇଲ ଲୁଟି ଦେଇ ଫେରାର ହୋଇଯାଇଥିବା ଟାଉନ୍ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି । ଅନୀଲ ମିଶ୍ରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୩୪/୨୦) ରୁଜୁ କରି ପୋଲିସ ତଲାସୀ ଅଭିଯାନ ଆରମ୍ଭ କରିଛି । ପ୍ରାରମ୍ଭିକ ତଦନ୍ତରୁ ଏହି ଡକାୟତମାନେ ଜିଲା ବାହାରର ବୋଲି ପୋଲିସ ଅନୁମାନ କରିଛି । ଡକାୟତମାନେ କ୍ରେତା ଭାବେ ପଶି ଦୋକାନୀଙ୍କୁ ପିସ୍ତଲ ଦେଖାଇ କାଉଣ୍ଟରରେ ଯାହା ଟଙ୍କା ଅଛି ତାହା ଦେଖଦେବାକୁ କହଥଇଲେ। ଏସମ୍ପର୍କରେ ପୋଲିସକୁ କହିଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଥିଲେ । ଦୋକାନରେ ଥିବା ଅନୀଲ ମିଶ୍ର ଓ ତାଙ୍କର ଦୁଇ ସହଯୋଗୀଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ଦେଇ ତୁରନ୍ତ ଟଙ୍କ ଦେବାକୁ କହିଥିଲେ । ଡକାୟତମାନେ ଏହି ଏୟାରଟେଲ କାଉଣ୍ଟରରେ ଲକ୍ଷାଧିକ ଟଙ୍କା ଥିବା ସୂଚନା ପାଇ ଏହି ଅଭିନବ ଉପାୟରେ ଡକାୟତି କରିଥିବା ପୋଲିସ ପ୍ରାରମ୍ଭିକ ତଦନ୍ତରୁ ଜାଣିବାକୁ ପାଇଛି । ସୋମବାର ରାତି ପ୍ରାୟ ସାଢ଼େ ୯ଟାରେ ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ଏୟାରଟେଲ କାଉଣ୍ଟରରେ ପହଞ୍ଚିଥିଲା । ମାତ୍ର ଭୟଭୀତ ଦେକାନୀ ଓ ତାଙ୍କ କର୍ମଚାରୀ ଅନ୍ୟତ୍ର ଚାଲିଯାଇଥିବାରୁ ଏ ସମ୍ପର୍କରେ ସୋମବାର ରାତିରେ କିଛି ଜଣାପଡିନଥିଲା । ମଙ୍ଗଳବାର ସକାଳେ ଅନୀଲ ମିଶ୍ର ଓ ଅନ୍ୟ କର୍ମଚାରୀମାନେ ଟାଉନ୍ ଥାନାକୁ ଯାଇ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ୫ ଜଣ ବନ୍ଧୁକଧାରୀ ସେମାନଙ୍କୁ ଭୟଭୀତ କରି ୩ ଲକ୍ଷ ଟଙ୍କା ଓ ୯ଟି ମୋବାଇଲ ଏଭଳି ସମୁଦାୟ ପ୍ରାୟ ୫ ଲକ୍ଷ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଟଙ୍କା ନେଇ ଫେରା ମାରିବା ବେଳେ ଦୋକାନରେ ଲାଗିଥିବା ସିସି ଟିଭି ହାର୍ଡଡିସ୍କକୁ ବି ଡକାୟତମାନେ ନେଇ ଯାଇଥିବା ଜଣାଇଛନ୍ତି। ଏହି ଘଟଣା ବଲାଙ୍ଗୀର ପୋଲିସର ଚିନ୍ତା ବଢ଼ାଇଛି।

### ମହିଳା କଲେଜର ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ

**ଅମରପାଲି, ୨୧।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ସ୍ଥାନୀୟ ବିଧାୟକ ତଥା ଯୋଜନା ଓ ସଂଯୋଜନା ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଶ୍ରେଣୀ ଗୃହର ନିର୍ମାଣ ହୋଇଥିବା ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷା ସନ୍ଧ୍ୟାରାଣୀ ରାଉତ, କଲେଜ ପରିଚାଳନା କମିଟି କର୍ମକର୍ତ୍ତା ରଞ୍ଜିତ କୁମାର ରଥ, ଧ୍ରୁବଚରଣ ଦାଶ, ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ, ଭୂଷଣ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଲେଜର ସମସ୍ତ ଅଧାପିକା ଅଧାପକ ଓ ଛାତ୍ରୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଉକ୍ତ କଲେଜର ଏକ ହଲ ପାଇଁ ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ଡିଏଫ୍‌ଓ ଅଫିସ ଘେରାଉ

**ବଲାଙ୍ଗୀର ଅଫିସ, ୨୧।୧**



ଭାଜପା କର୍ମୀମାନେ ବଲାଙ୍ଗୀର ଡିଏଫ୍‌ଓ ଅଫିସ ଘେରାଉ କରିଛନ୍ତି ।

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ଭାଜପା ପକ୍ଷରୁ ସ୍ଥାନୀୟ ଡିଏଫ୍‌ଓ ଅଫିସକୁ ମଙ୍ଗଳବାର ଘେରାଉ କରାଯାଇଥିଲା । ଲୋଇସିଂହା ରେଞ୍ଜ ଅଫିସରେ ଅନିୟମିତତା, ଦୁର୍ନୀତି ଓ ଦନ୍ତାହାତୀ ହତ୍ୟାର ଉଚ୍ଚସ୍ତରୀୟ ତଦନ୍ତ କରିବା ଦାବି କରି ଦଳୀୟ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଏଫ୍‌ଓଙ୍କୁ ୨୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଗତ ୧୪ ତାରିଖ ଦିନ ଲୋଇସିଂହା ରେଞ୍ଜ ଅନ୍ତର୍ଗତ ମହାକୁରପାଲି ଗାଁ ନିକଟ ଛେଲିଆପାଟ୍ ଜଙ୍ଗଲରେ ଏକ ଦନ୍ତାହାତୀଙ୍କୁ ହତ୍ୟା କରାଯାଇ ଦାନ୍ତ ଲୁଟ୍ କରାଯାଇଥିବା ଘଟଣା ଲୋକଲୋଚନକୁ ଆସିଥିଲା । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଏଥିରେ ବନବିଭାଗ ଅଧିକାରୀ ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି। କିଭଳି ପରିସ୍ଥିତିରେ ଦନ୍ତାହାତୀ ହତ୍ୟା କରାଯାଇ ଦାନ୍ତ ଲୁଟ୍ ହୋଇଛି ତାହାର ତଦନ୍ତ କରିବାକୁ ଦାବି କରାଯାଇଛି। ଏହି ଘଟଣାରେ ଦୁଇଜଣ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବିତ କରାଯାଇଛି। ହେଲେ ଏଥିରେ ବନ ଅଧିକାରୀମାନେ ସମ୍ପୃକ୍ତ ଥିବା ଭାଜପା କର୍ମୀମାନେ ଅଭିଯୋଗ କରିଥିଲେ । ଲୋଇସିଂହା ରେଞ୍ଜରେ ଜଣେ ରେଞ୍ଜ ଅଧିକାରୀ ୧୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ଅଛନ୍ତି । ଏହି ଅଧିକାରୀ ଜଣକ ତାଙ୍କର ପତିଆରା ଦେଖାଇ ଗୋଟିଏ ରେଞ୍ଜରେ ରେଢ଼ର୍କ ବର୍ଷ ହେଲା ରହିଛନ୍ତି । ସରକାର କାହିଁକି ଏହି ଅଧିକାରୀଙ୍କ ପ୍ରତି ଏତେ ଅନୁକମ୍ପା ଦେଖାଉଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଦାନ୍ତ ଲୁଟ୍ ଘଟଣାର ନିରପେକ୍ଷ ତଦନ୍ତ ସହ ବନ୍ୟଜନ୍ତୁଙ୍କ ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ୍ କ୍ଷତିପୂରଣ ପ୍ରଦାନ, ବନ୍ୟଜନ୍ତୁ ଓ ମଣିଷ ଲଢ଼େଇ ବନ୍ଦ କରିବା ନେଇ ଆବଶ୍ୟକ ପଦକ୍ଷେପ, ଜଙ୍ଗଲ ଲୁଟ୍‌ର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରିଥିଲେ । ଏନେଇ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗକୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ । ଡିଏଫ୍‌ଓ ସମୀର ଶତପଥୀ ଦାବିପତ୍ର ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇବେ ବୋଲି କହିଛନ୍ତି । ଏହି ଅବସରରେ ଦନ୍ତାହାତୀ ହତ୍ୟା ଓ ହାତୀଦାନ୍ତ ଲୁଟ୍ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଡିଏଫ୍‌ଓ ଶତପଥୀ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ।

# ବିକାଶ କାମ୍ ଠପ୍, ହିତାଧିକାରୀ ନିରାଶ

**ଲାଠୋର, ୨୧।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତ୍ ନିର୍ବାହୀ ଅଧିକାରୀକଁର ମନ୍‌ମୁଖି କାମ୍ ଲାଗି ପଁଚେତ୍‌ବାସୀକର ଭିତରେ ଅସନ୍‌ତୋଷ ଦେଖାଦେଇଛେ। ଏନ୍‌ତାଥି ସରକାରକଁର ଅନେକ ବିକାଶ ମୂଳକ କାମ୍ ଯେନ୍ ହିସାବେ ହେବାର କଥା ଆର ଯେନ୍ ଧାୟ୍ ସମିଆରେ ହେବାର କଥା ନାଇଁ ହେଇପାରୁଥିବାର ପଁଚେତ୍‌ବାସୀ ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ଖପ୍ରାଖୋଲ କରୁଆଁଝର ପଁଚେତ୍‌ଟା ଝଲିଆଲିଟି, ମସିଣା, ଚାଉଲଡ଼ିଆ, ସାନଗୁର୍ଜିଭଟା ଆର କରୁଆଁଝରକେ ନେଇ ଗଠିତ୍ ହେଇଛେ। ହେଲେ ପଁଚେତ୍ ନିର୍ବାହୀ ଅଧିକାରୀ ମାସର ବଡ଼ଭାଗି ଦିନ୍ ଅଫିସ ନାଇଁ ଆଏବାର। ଏନ୍‌ତାଥି ପଁଚେତ୍‌ର ୫ଟା ଗାଁର ଜନସାଧାରନ ରାଏଜ୍ ସରକାରକଁର ଭିନେ ଭିନେ ବିକାଶ ମୂଳକ କାମ୍‌ର ଠିକ୍ ହିସାବେ ଲାଭ୍ ନାଇଁ ପାଇପାରବାର। ଇଆଡ଼େ ଫିଦିନ ଦୂରିଆନୁ ପଁଚେତ୍‌କେ ଭିନେ ଭିନେ କାମ୍‌ରେ ବୁଢ଼ାବୁଢ଼ି, ଦିବ୍ୟାଙ୍ଗ ଆର ଉନିଆଁ ହିତାଧିକାରୀମାନେ ଆସୁଛନ୍। ହେଲେ ପଁଚେତ୍‌ରେ ନିର୍ବାହୀ ଅଧିକାରୀକଁର ଭେଟ୍ ନାଇଁ ପାଇକରି ବଡ଼ା ହଇରାନ ହରକତ ହେଉଥିବାର ଦେଖିବାକେ ମିଳୁଛେ। ଏନ୍‌ତା କି ନିର୍ବାହୀ ଅଧିକାରୀକଁର ମନ୍‌ମୁଖୀ କାମ୍ ଲାଗି ସରପଁଚ୍, ୱାର୍ଡ ମେମ୍ବରମାନେ ବି ଅସନ୍‌ତୋଷ ଥିବାର ଜାନ୍‌ବାକେ ମିଳିଛେ। ଅଧିକାରୀ ଝନ୍‌କ ମାସିକ ଥରେ କି ଦୁଇ ଥର ଆସି ବୁଢ଼ାବୁଢ଼ି ଭତା ବାଁଟି ଦେଇ ନିଜର କାମ୍ ସାରି ଦେଉଛନ୍। ତା'ପରେ ମାସର ବଡ଼ଭାଗି ଦିନ୍ ପଁଚେତ୍‌ରେ ତାକର ଦରଶନ ନାଇଁ ମିଳବାର ବଲି ପଁଚେତ୍‌ବାସୀ ଅଭିଯୋଗ କରିଛନ୍। ସରକାରୀ ନିୟମ ହିସାବେ ନିର୍ବାହୀ ଅଧିକାରୀ ଫିଦିନ ପଁଚେତ୍‌କେ ଆସି କାମ୍ କରବାର କଥା। ହେଲେ କରୁଆଁଝର ପଁଚେତ୍ ନିର୍ବାହୀ ଅଧିକାରୀ ଇ ସବୁ ନିୟମକେ ବେଖାତିର କରୁଥିବାର ଅଭିଯୋଗ ହେଉଛେ। ଇ ବାବ୍‌ଦେ କରୁଆଁଝର ପଁଚେତ୍ ନିର୍ବାହୀ ଅଧିକାରୀ ପୃଥୀରାଜ ରାଉତକୁଁ ମତାମତ ଲାଗି ତାକର ମୋବାଇଲ ନମ୍ବର ୯୯୩୭୪୮୮୩୭୮ରେ ଯୋଗାଯୋଗ କଲାରୁ ସ୍ୱିଚ୍‌ଅଫ୍ ଥିଲା। ଯେନ୍‌ଥିରଲାଗି ତାକର ମତାମତ ନାଇଁ ମିଳିପାରି। ସେନ୍‌ତା ଇ ବାବ୍‌ଦେ କରୁଆଁଝର ପଁଚେତ୍‌ର ସରପଁଚ୍ ବିଜୟଲକ୍ଷ୍ମୀ ବାଗକୁଁ ପଚ୍‌ରାଲାରୁ ଆମେ ବାରବାର ତାହାକୁଁ ତାଗିଦ୍ କରିଛୁଁ। ହେଲେ ସେ ଆମର କାହାରି କଥା ନାଇଁ ଶୁନବାର। ଇ ଦିଗେ ଉପର ଅଧିକାରୀମାନେ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାର କଥା ବଲି ସେ କହିଥିଲେ। ସମସିଆର ସମାଧାନ ଦିଗେ ଜିଲା ଆର ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ପଁଚେତ୍‌ବାସୀ ନିବେଦନ କରିଛନ୍।

# ସାମାଜିକ ଗଣମାଧ୍ୟମ ବ୍ୟବହାରରେ ସାବଧାନତା ଲୋଡ଼ା'

## ତାଲୁକ ଲିଗାଲ କମିଟିର ସଚେତନତା କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୨୧।୧ (ଡି.ଏନ.ଏ)**



ତାଲୁକ ଲିଗାଲ କମିଟିର ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସମ୍ପ୍ରତି ସମଗ୍ର ବିଶ୍ୱରେ ସାମାଜିକ ଗଣମାଧ୍ୟମ ଫେସବୁକ, ହ୍ୱାଟ୍ସଅପ, ଟ୍ୱିଟର ଆଦିର ବହୁଳ ଭାବରେ ବ୍ୟବହାର ହେଉଛି। ଏହା ଦ୍ୱାରା ଅନେକ ଖବର ତୁରନ୍ତ ଆଦାନ ପ୍ରଦାନ ସହଜ ହୋଇଛି। ସରକାରଙ୍କ ଦ୍ୱାରା ସ୍ୱିକୃତ ଗଣମାଧ୍ୟମ ଭଳି ସାମାଜିକ ଗଣମାଧ୍ୟମ ଖବରର କୌଣସି ସତ୍ୟତା ନାହିଁ। ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରିତ ହୋଇ ତିକ୍ତତା ସୃଷ୍ଟି କରୁଛି। ମିଥ୍ୟା ପ୍ରଲୋଭନ ଦେଇ ଲୋକଙ୍କୁ ଶୋଷଣ ତଥା ଠକାମିର ଶିକାର ହେବାକୁ ପଡୁଛି। ଏହି ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମର ବ୍ୟବହାର ସମୟରେ ସାବଧାନତା ଅବଲମ୍ବନ କରିବାକୁ ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ କଲେଜରେ ଅନୁଷ୍ଠିତ ଏକ ସଚେତନତା ସଭାରେ ଟିଟିଲାଗଡ କୋର୍ଟର ବିଚାରପତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଟିଟିଲାଗଡ ତାଲୁକ ଲିଗାଲ ସେବା କମିଟି ସଭାପତି ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରାଜେଶ ନାୟାର, ସିଭିଲ ଜଜ ସିନିୟର ଡିଭିଜନ ତଥା ସହକାରୀ ସେସନ ଜଜ ରାଜୀବ ଲୋଚନ ସାହୁ, ଏସ୍‌ଡିଜେଏମ ରଶ୍ମିତା ସାହୁ, ଜେଏମ୍‌ଏଫସି ସୁଧାବାଇ ଅଗ୍ରୱାଲ, ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ସଦସ୍ୟା ଉତ୍ତମା ନାୟକ, ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି, ଡ. ରମାକାନ୍ତ ବେହେରା, ଆଡଭୋକେଟ ରିଟେନର ଟିଏଲଏସସି ସୁରେନ ପଣ୍ଡା ଉପସ୍ଥିତ ଥିଲେ।